CMYK

• Vol.- 46, Issue No. 205
• Tuesday, 27 October 2026
• ମଙ୍ଗଳବାର, ୨୭ ଅକ୍ଟୋବର ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

Ministry of Home Affairs
Government of India

ଦେଶକୁ ନକ୍ସଲମୁକ୍ତ କରିବାରେ ଯେଉଁ ବୀରମାନେ ଅବଦାନ ଦେଲେ ସେମାନଙ୍କ ନିମନ୍ତେ ଏକ ବାର୍ତ୍ତା ଲେଖନ୍ତୁ ଏବଂ ଅନ୍‌ଲାଇନରେ ଏହାକୁ ସହଭାଗିତା କରନ୍ତୁ

ଆଭ୍ୟନ୍ତରଣ ସୁରକ୍ଷାବାହିନୀଙ୍କୁ ସଲାମ

ଗୋଟିଏ ସ୍ଥାନରେ, ଦେଖିବା ଏକତାରେ ଅନେକ ରଙ୍ଗ

Rashtriya Ekta Diwas

ଜାତୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତା ନଗର, ଗୁଜରାଟ

ଭାରତ ପର୍ବ
୧ରୁ ୧୫ ନଭେମ୍ବର, ୨୦୨୬
ଏକତା ନଗର, ଗୁଜରାଟ


ଶ୍ରୀ ନରେନ୍ଦ୍ର ମୋଦି
ମାନନୀୟ ପ୍ରଧାନମନ୍ତ୍ରୀ



ଅଧିକ ସୂଚନା ଓ ରହଣୀ ବୁକିଂ ପାଇଁ ସ୍କାନ କରନ୍ତୁ ଅବା ପରିଦର୍ଶନ କରନ୍ତୁ
rashtriyaektadiwas.com

CBC 19101/13/0020/2627

# ଭୀଷଣ ରୂପ ନେଉଛି ‘ଅର୍ଣ୍ଣବ’



- ଦକ୍ଷିଣ ଓଡ଼ିଶାରେ ୬୦ରୁ ୮୦ କିମି ବେଗରେ ବହିବ ପବନ
- ୨୮ ସକାଳେ ୟାନମ-କାକିନାଡ଼ା ଦେଇ ସ୍ଥଳଭାଗ ଅତିକ୍ରମ କରିବ
- ଝଟ୍‌କା ପବନର ବେଗ ରହିପାରେ ୧୪୦ କିମି
- ୨୯ରେ ଗଭୀର ଅବପାତ ହୋଇ ମୁହାଁଇବ ଛତିଶଗଡ଼

## ୪ରାଜ୍ୟ ଏବଂ ପୁଡୁଚେରୀରେ ସତର୍କ ସୂଚନା

ନୂଆଦିଲ୍ଲୀ, ୨୬।୧୦: ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ‘ଅର୍ଣ୍ଣବ’ ଅଧିକ ଘନୀଭୂତ ହୋଇ ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଗତି କରୁଛି। ଏହି ହେତୁ କେନ୍ଦ୍ର ସରକାର ସୋମବାର ଚାରୋଟି ରାଜ୍ୟ ଏବଂ ପୁଡୁଚେରୀରେ ସତର୍କ ସୂଚନା ଜାରି କରିଛନ୍ତି। ଏଥିସହ ପ୍ରସ୍ତୁତି ବ୍ୟବସ୍ଥାକୁ ମଧ୍ୟ ବ୍ୟାପକ କରାଯାଇଛି। ଅନୁମାନ କରାଯାଉଛି ଯେ, ଏହି ବାତ୍ୟା ଅକ୍ଟୋବର ୨୮ ତାରିଖ ସକାଳେ ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ ଛୁଇଁପାରେ। ଆନ୍ଧ୍ରପ୍ରଦେଶ, ଓଡ଼ିଶା, ତେଲେଙ୍ଗାନା, ଛତିଶଗଡ଼ ଏବଂ ପୁଡୁଚେରୀକୁ ସତର୍କ ରହିବାକୁ କୁହାଯାଇଛି।ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ସୋମବାର ସକାଳେ ଜାରି କରାଯାଇଥିବା ବୁଲେଟିନ୍ ଅନୁଯାୟୀ, ସକାଳ ୫:୩୦ ସମୟରେ ଏହି ବାତ୍ୟା ପୂର୍ବ-କେନ୍ଦ୍ରୀୟ ଏବଂ ଏହାକୁ ଲାଗି ରହିଥିବା ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ କେନ୍ଦ୍ରୀଭୂତ ହୋଇଥିଲା। ଏହା ବିଶାଖାପାଟଣାରୁ ପ୍ରାୟ ୬୫୦ କିଲୋମିଟର ପୂର୍ବ-ଦକ୍ଷିଣପୂର୍ବ ଦିଗରେ ରହିଥିଲା ଏବଂ ଘଣ୍ଟା ପ୍ରତି ୧୫ କିଲୋମିଟର ବେଗରେ ପଶ୍ଚିମ ଦିଗକୁ ଗତି କରୁଥିଲା।

ଭୁବନେଶ୍ୱର, ୨୬।୧୦: ବଙ୍ଗୋପସାଗରରେ ବାତ୍ୟା ‘ଅର୍ଣ୍ଣବ’ ସୃଷ୍ଟି ହୋଇଛି। ଏହା ବଳ ଗୋଟାଇ ସ୍ଥଳଭାଗ ଆଡ଼କୁ ମାଡ଼ି ଆସୁଛି। ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ୬୦ରୁ ୮୦ କିମି ବେଗରେ ପବନ ବହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ପ୍ରକାଶ କରିଛନ୍ତି। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ଝଟକା ପବନର ବେଗ ୯୦ କି.ମି ପର୍ଯ୍ୟନ୍ତ ରହିବ ବୋଲ ଶ୍ରୀ ମହାପାତ୍ର କହିଛନ୍ତି। ବାତ୍ୟା ୨୮ ତାରିଖ ପୂର୍ବାହ୍ନରେ ୟାନମ ଓ କାକିନାଡ଼ା ପାର୍ଶ୍ୱ ଦେଇ ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବ। ଲ୍ୟାଣ୍ଡଫଲ ବେଳେ ପବନର ବେଗ ୧୧୫ରୁ ୧୨୫ କିମି ରହିବ। ଝଟ୍‌କା ପବନର ବେଗ ୧୪୦ କିମି ପର୍ଯ୍ୟନ୍ତ ଯାଇପାରେ। ୨୭ ତାରିଖ ସନ୍ଧ୍ୟା କିମ୍ବା ରାତିରୁ ଓଡ଼ିଶାରେ ବର୍ଷା ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ୨୯ ବେଳକୁ ବାତ୍ୟା ଗଭୀର ଅବପାତ ହୋଇ ଛତିଶଗଡ଼ ଆଡକୁ ମୁହାଁଇବ। ୩୦ ତାରିଖ ସକାଳ ବେଳକୁ ବାତ୍ୟାର ପ୍ରଭାବ କମି ଯିବ ବୋଲି ଆଇଏମଡି ଡିଜି ସୂଚନା ଦେଇଛନ୍ତି। ଏକ ସୂତ୍ରରୁ ପ୍ରକାଶ ଯେ ପଶ୍ଚିମ -କେନ୍ଦ୍ରୀୟ ବଙ୍ଗୋପସାଗରେ ବାତ୍ୟା ଭୀଷଣ ରୂପ ନେଇଛି । ଏହା ରାତି ପ୍ରାୟ ୧୦ଟା ସୁଦ୍ଧା ବିଶାଖାପାଟଣା ଓ ଗୋପାଳପୁର ଠାରୁ ପ୍ରାୟ ୪୯୦ କିମି ଦୂରରେ ରହିଛି। ବାତ୍ୟା ‘ଅର୍ଣ୍ଣବ’ର ସ୍ଥିତି ଉପଗ୍ରହ ଚିତ୍ରରେ ସର୍ପିଳ ଆକୃତି ଅଧିକ ସ୍ପଷ୍ଟ ହେବାରେ ଲାଗିଛି। କେନ୍ଦ୍ର ନିକଟରେ ଆଖି ଭଳି ଗଠନ ବିକଶିତ ହେଉଥିବା ଦେଖିବାକୁ ମିଳିଛି।

## ବାତ୍ୟାର ନାମ ‘ଅର୍ଣ୍ଣବ’, ଅର୍ଥ ସମୁଦ୍ର

### ନାମକରଣର ଉଦ୍ଦେଶ୍ୟ ସହଜରେ ଚିହ୍ନିବା, ସତର୍କ ସୂଚନା ପହଞ୍ଚାଇବା




ଭୁବନେଶ୍ୱର, ୨୬।୧୦: ‘ଅର୍ଣ୍ଣବ’ ଶବ୍ଦର ଅର୍ଥ ସମୁଦ୍ର ବା ମହାସାଗର । ବାତ୍ୟାର ଗତିପଥ ନିର୍ଭର କରେ ପାଣିପାଗର ପରିସ୍ଥିତି ଓ ବାୟୁମଣ୍ଡଳୀୟ ପ୍ରଭାବ ଉପରେ, ନାମ ଉପରେ ନୁହେଁ । ବଙ୍ଗୋପସାଗର ଓ ଆରବ ସାଗରରେ ସୃଷ୍ଟି ହେଉଥିବା ବାତ୍ୟାଗୁଡ଼ିକର ନାମକରଣ ପାଇଁ ଉତ୍ତର ଭାରତ ମହାସାଗର ଅଞ୍ଚଳର ୧୩ଟି ଦେଶ ନାମ ପ୍ରସ୍ତାବ କରନ୍ତି । ଏହି ଦେଶଗୁଡ଼ିକ ହେଉଛି ଭାରତ, ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା, ମିଆଁମାର, ଥାଇଲାଣ୍ଡ, ମାଲଦ୍ୱୀପ, ଓମାନ, ଇରାନ, କତାର, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ୟେମେନ । ପ୍ରତ୍ୟେକ ଦେଶ ନିର୍ଦ୍ଧାରିତ ନିୟମ ଅନୁସାରେ ନାମ ପ୍ରସ୍ତାବ କରନ୍ତି । ପରେ ପ୍ରସ୍ତୁତ ତାଲିକାର କ୍ରମ ଅନୁଯାୟୀ ବାତ୍ୟାର ନାମ ରଖାଯାଏ । ଏହି ପ୍ରକ୍ରିୟାରେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଏ ।ବିଶ୍ୱ ପାଣିପାଗ ସଂଗଠନ ଏବଂ ମିଳିତ ଜାତିସଂଘର ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଆର୍ଥିକ ଓ ସାମାଜିକ ଆୟୋଗ ସହ ଜଡ଼ିତ ଆଞ୍ଚଳିକ ବ୍ୟବସ୍ଥା ଅନୁଯାୟୀ ବାତ୍ୟାର ନାମକରଣ ପ୍ରକ୍ରିୟା ଚାଲିଥାଏ । ନୂଆଦିଲ୍ଲୀସ୍ଥିତ ଭାରତୀୟ ପାଣିପାଗ ବିଭାଗର ଆଞ୍ଚଳିକ ବିଶେଷ ପାଣିପାଗ କେନ୍ଦ୍ର ଉତ୍ତର ଭାରତ ମହାସାଗର ଅଞ୍ଚଳର ବାତ୍ୟାଗୁଡ଼ିକୁ ନିରୀକ୍ଷଣ କରିବା ସହ ନିର୍ଦ୍ଧାରିତ ତାଲିକା ଅନୁସାରେ ନାମ ଦେଇଥାଏ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାତ୍ୟାକୁ ସହଜରେ ଚିହ୍ନିବା, ସତର୍କ ସୂଚନା ପହଞ୍ଚାଇବା ଏବଂ ଜନସାଧାରଣଙ୍କୁ ସଚେତନ କରିବା ।

## ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ : ମୁଖ୍ୟ ଶାସନ ସଚିବ

- ୮ ଏନଡିଆରଏଫ, ୪୦ ଓଡ୍ରାଫ ମୁତୟନ
- ଛତିଶଗଡ଼ ଜଳ ପରିଚାଳନା ପାଇଁ ନିଆଯାଇଛି ପଦକ୍ଷେପ

ଭୁବନେଶ୍ୱର, ୨୬।୧୦: ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ଅର୍ଣ୍ଣବକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । କ୍ୟାବିନେଟ ସଚିବ ରାଜ୍ୟ ସରକାରଙ୍କ ବାତ୍ୟା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ରାଜ୍ୟର ପ୍ରସ୍ତୁତି, ଆବଶ୍ୟକତା ଓ ପଦକ୍ଷେପ ବାବଦରେ କ୍ୟାବିନେଟ ସଚିବ ଅବଗତ ହୋଇଛନ୍ତି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟର ପ୍ରସ୍ତୁତି ସମ୍ପର୍କରେ କେନ୍ଦ୍ରୀୟ ସଚିବଙ୍କୁ ଅବଗତ କରିଛନ୍ତି । ସେହିପରି ଆସନ୍ନ ପ୍ରସବା ୩ ହଜାରଙ୍କ ଉପରେ ସରକାର ନଜର ରଖିଛନ୍ତି। ଭିସି ଜରିଆରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସହ ଉନ୍ନୟନ କମିଶନ ଦେଓ ରଞ୍ଜନ କୁମାର ସିଂ ଓ ଏସଆରସି ରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ଥିଲେ ।ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି,‘ବାତ୍ୟାକୁ ନେଇ ଓଡ଼ିଶାର ପ୍ରସ୍ତୁତି ନେଇ ବୁଝିଛନ୍ତି କ୍ୟାବିନେଟ ସଚିବ । ଓଡ଼ିଶାର ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇ ସାରିଛି ବୋଲି ଆମେ ଅବଗତ କରିଛୁ । ଦକ୍ଷିଣ ଓଡ଼ିଶା ଆମର ପ୍ରଭାବିତ ହେବ । ସେଥିପାଇଁ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ବାତ୍ୟା ଓ ପରବର୍ତ୍ତୀ ପରିସ୍ଥିତିର ମୁକାବିଲା ପାଇଁ ପଠାଯାଇଛି । ବିଦ୍ୟୁତ୍, ଜଳ ସମ୍ପଦ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଛତିଶଗଡ଼ରେ ଯଦି ଅଧିକ ବର୍ଷା ହୁଏ ତେବେ ଉପରମୁଣ୍ଡରୁ ଅଧିକ ପାଣି ଓଡ଼ିଶା ଆସିବ । ଉକ୍ତ ଜଳ ପରିଚାଳନା ପାଇଁ ପଦକ୍ଷେପ ନିଆଯାଇଛି । ଛତିଶଗଡ ସରକାରଙ୍କ ଯୋଗାଯୋଗରେ ରହିବା ପାଇଁ ଏକ ଟିମ୍ ଗଠନ କରାଯାଇଛି । ଯଦି ଛତିଶଗଡ ପାଣି ଛାଡେ ଆମେ ଅବଗତ ହୋଇପାରିବୁ ।’ସେ ଆହୁରି କହିଛନ୍ତି, ‘କୋଷ୍ଟ ଗାର୍ଡ ପକ୍ଷରୁ ସମସ୍ତ ମତ୍ସ୍ୟଜୀବୀଙ୍କ ଉପରେ ନଜର ରଖାଯାଇଛି । ଜିଲ୍ଲାପାଳ ମାନେ ସମସ୍ତେ ସଜାଗ ରହିଛନ୍ତି। ବାତ୍ୟା ସମୟରେ ଆମର ୩ ହଜାରରୁ ଅଧିକ ଗର୍ଭବତୀଙ୍କୁ ସୁରକ୍ଷିତ ରଖିବାକୁ ନିର୍ଦ୍ଦେଶ ରହିଛି । କେନ୍ଦ୍ରର ଯାହା ସାହାଯ୍ୟ ଦରକାର ଯୋଗେଇ ଦିଆଯିବ ବୋଲି କେନ୍ଦ୍ର କ୍ୟାବିନେଟ ସଚିବ କହିଛନ୍ତି । ବର୍ତ୍ତମାନ ସୁଦ୍ଧା କୌଣସି ସହାୟତା ମଗା ଯାଇନାହିଁ ।’ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି,‘ସମ୍ଭାବ୍ୟ ବାତ୍ୟା ପାଇଁ ୩ ହଜାରରୁ ଅଧିକ ଗର୍ଭବତୀ ମହିଳା ନଜରରେ ଅଛନ୍ତି । ବିଶେଷ ଭାବେ କଚ୍ଚା ଘର ଉପରେ ନଜର ରହିଛି । ୧୩୫ଟି ବାତ୍ୟା ଆଶ୍ରୟସ୍ଥଳୀ ଓ ୧୬୦୦ ଅସ୍ଥାୟୀ ବାସସ୍ଥଳୀ ପ୍ରସ୍ତୁତ ରହିଛି । ଆମ ହାତରେ ୪୮ ଘଣ୍ଟା ସମୟ ଅଛି । ବର୍ତ୍ତମାନ ସୁଦ୍ଧା ୮ଟି ଏନଡିଆରଏଫ, ୪୦ଟି ଓଡ୍ରାଫ, ଅଗ୍ନିଶମ ଟିମ ସବୁ ଜିଲ୍ଲାରେ ନିୟୋଜିତ ଅଛନ୍ତି । ଗଞ୍ଜାମ ଜିଲ୍ଲାରେ ଏକ୍ସଟ୍ରା ଟିମ୍ ଅଛନ୍ତି । ଉପକୂଳ ଜିଲ୍ଲା ପାଇଁ ଅଧିକ ଟିମ୍ ନିୟୋଜିତ ହୋଇଛି ।’

### ପ୍ରତିରକ୍ଷା ବାହିନୀ ପାଇଁ ମିଳିବ ଶକ୍ତି

## ୨.୧୨ ଲକ୍ଷ କୋଟିର ପ୍ରସ୍ତାବକୁ ମଞ୍ଜୁରି



ନୂଆଦିଲ୍ଲୀ, ୨୬।୧୦: ଦେଶର ପ୍ରତିରକ୍ଷା ବାହିନୀର କ୍ଷମତା ବୃଦ୍ଧି ଏବଂ ଆଧୁନିକୀକରଣ ଦିଗରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି କେନ୍ଦ୍ର ସରକାର। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ବୈଠକରେ ପ୍ରତିରକ୍ଷା ବାହିନୀର ବିଭିନ୍ନ ପୁଞ୍ଜିଗତ ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରସ୍ତାବଗୁଡ଼ିକର ଆନୁମାନିକ ମୂଲ୍ୟ ପ୍ରାୟ ୨.୧୨ ଲକ୍ଷ କୋଟି ଟଙ୍କା। ପ୍ରତିରକ୍ଷା ମନ୍ତ୍ରଣାଳୟପକ୍ଷରୁ ଜାରି ବିବୃତି ଅନୁଯାୟୀ, ଏହି କ୍ରୟ ପ୍ରସ୍ତାବଗୁଡ଼ିକ ପାଇଁ ଆବଶ୍ୟକତାର ସ୍ୱୀକୃତି ପ୍ରଦାନ କରାଯାଇଛି। ଏହା ହେଉଛି କ୍ରୟ ପ୍ରକ୍ରିୟାର ଏକ ପ୍ରାରମ୍ଭିକ ଅନୁମୋଦନ। ଏହି ପଦକ୍ଷେପ ଭାରତୀୟ ସେନା, ନୌସେନା ଓ ବାୟୁସେନାର ଯୁଦ୍ଧ ପ୍ରସ୍ତୁତି, ଗତିଶୀଳତା, ନିରୀକ୍ଷଣ ଏବଂ ଆକ୍ରମଣାତ୍ମକ କ୍ଷମତାକୁ ଆହୁରି ମଜଭୁତ କରିବାରେ ସହାୟକ ହେବ। ଭାରତୀୟ ସେନା ପାଇଁ ଉଚ୍ଚ ଗତିଶୀଳତାଯୁକ୍ତ ଯାନ, ସ୍ୱୟଂଚାଳିତ ଟ୍ରାକଯୁକ୍ତ ତୋପ ପ୍ରଣାଳୀ, ଗନ୍‌ଶଟ୍ ରେସପନ୍ସ ସିଷ୍ଟମ୍, ହାଲୁକା ବହୁମୁଖୀ ହେଲିକପ୍ଟର ଏବଂ ଅତି ସ୍ୱଳ୍ପ ଦୂରଗାମୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହା ସହ ପ୍ଲାଟଫର୍ମ ଆଧାରିତ ପ୍ରତି-ମାନବବିହୀନ ବିମାନ ପ୍ରଣାଳୀ, ଦୀର୍ଘ ଦୂରଗାମୀ ମାନବବିହୀନ ବିମାନ ପ୍ରଣାଳୀ, ନିରୀକ୍ଷଣ ଡ୍ରୋନ୍, ସମନ୍ୱିତ ନିରୀକ୍ଷଣ ଓ ଆକ୍ରମଣ ପ୍ରଣାଳୀ ଏବଂ ଦୀର୍ଘ ଦୂରଗାମୀ କାମିକାଜେ ଡ୍ରୋନ୍ ପ୍ରଣାଳୀ କ୍ରୟକୁ ମଧ୍ୟ ମଞ୍ଜୁରୀ ମିଳିଛି ।ଏହି ଯାନଗୁଡ଼ିକ ଦୁର୍ଗମ ଓ କଠିନ ଭୌଗୋଳିକ ପରିସ୍ଥିତିରେ ସେନାର କାର୍ଯ୍ୟକ୍ଷମତା,ଏବଂ ଗତିଶୀଳତାକୁ ବୃଦ୍ଧି କରିବ। ସ୍ୱୟଂଚାଳିତ ଟ୍ରାକ୍‌ଯୁକ୍ତ ତୋପ ପ୍ରଣାଳୀ ଯାନ୍ତ୍ରିକ ସେନା ଗଠନକୁ ଆବଶ୍ୟକ ଗତିଶୀଳତା ସହ ଅଧିକ ଅଗ୍ନିଶକ୍ତି ଯୋଗାଇବ।

## ‘ଇ-୧୦୦’ କେବଳ ‘ଫ୍ଲେକ୍ସ-ଫୁଏଲ୍’ ଯାନରେ ହେବ ବ୍ୟବହାର

ନୂଆଦିଲ୍ଲୀ, ୨୬।୧୦: ସରକାର ‘କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ, ୧୯୮୯’ ରେ ସଂଶୋଧନ କରିଛନ୍ତି। ଏହି ସଂଶୋଧନ ମାଧ୍ୟମରେ ଯାନବାହନରୁ ନିର୍ଗତ ଧୂଆଁ ଏବଂ ଇନ୍ଧନ ସମ୍ବନ୍ଧୀୟ ମାନକ




ଗୁଡ଼ିକରେ ପରିବର୍ତ୍ତନ ଅଣାଯାଇଛି। ଏଥିରେ ‘ଫ୍ଲେକ୍ସ-ଫୁଏଲ୍’ ଯାନଗୁଡ଼ିକରେ ୧୦୦ ପ୍ରତିଶତ ଇଥାନଲ୍ (ଇ୧୦୦) ଇନ୍ଧନ ବ୍ୟବହାର କରିବା ସମ୍ବନ୍ଧୀୟ ବ୍ୟବସ୍ଥା ମଧ୍ୟ ଅନ୍ତର୍ଭୁକ୍ତ ରହିଛି ଏବଂ ଏହା ଲାଗୁ ହେଉଥିବା ସୂଚନା ଦିଆଯାଇଛି। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଏକ ବିଜ୍ଞପ୍ତି ଅନୁଯାୟୀ, ନିର୍ଗମନ ମାନକ ଏବଂ ପରୀକ୍ଷଣ ଆବଶ୍ୟକତା ଗୁଡ଼ିକରେ ‘ଇ୮୫’ ଇନ୍ଧନର ଉଲ୍ଲେଖ ଥିବା ସ୍ଥାନଗୁଡ଼ିକରେ ବର୍ତ୍ତମାନ ‘ଇ୮୫ କିମ୍ବା ଇ୧୦୦’ ବୋଲି ପରିବର୍ତ୍ତନ କରାଯାଇଛି। ତେବେ, ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଇ ୮୫ କିମ୍ବା ଇ-୧୦୦ ଇନ୍ଧନ କେବଳ ସେହି ‘ଫ୍ଲେକ୍ସ-ଫୁଏଲ୍’ ଯାନଗୁଡ଼ିକରେ ବ୍ୟବହାର କରାଯିବା ଉଚିତ୍, ଯାହା ମୂଳ ଉପକରଣ ନିର୍ମାତା ଙ୍କ ଦ୍ୱାରା ବିଶେଷ ଭାବରେ ଡିଜାଇନ୍ କରାଯାଇଛି। ଏହି ନିୟମାବଳୀରେ ଇନ୍ଧନ ଏବଂ ଯାନବାହନର ବର୍ଗୀକରଣରେ କିଛି ପରିବର୍ତ୍ତନ କରାଯାଇଛି। ଏଥିମଧ୍ୟରୁ ଗୋଟିଏ ନିର୍ଗମନ ସାରଣୀରେ ଯାନର ସର୍ବମୋଟ ଓଜନ ସୀମାକୁ ୩,୦୦୦ କିଲୋଗ୍ରାମରୁ ବୃଦ୍ଧି କରି ୩,୫୦୦ କିଲୋଗ୍ରାମ କରାଯାଇଛି। ଅନ୍ୟାନ୍ୟ ସଂଶୋଧନଗୁଡ଼ିକ ମଧ୍ୟରେ ହାଇଡ୍ରୋଜେନ୍-କମ୍ପ୍ରେସ୍ଡ ନ୍ୟାଚୁରାଲ୍ ଗ୍ୟାସ୍ , ୨୦ ପ୍ରତିଶତ ପର୍ଯ୍ୟନ୍ତ ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ (ଇ୨୦), ବାୟୋଡିଜେଲ୍ ମାନକ ସମ୍ବନ୍ଧୀୟ ଉଲ୍ଲେଖରେ ଅପଡେଟ୍ ଏବଂ ନିର୍ଗମନ ପରୀକ୍ଷଣ ସାରଣୀ ତଥା ନୋଟ୍‌ଗୁଡ଼ିକରେ ଥିବା ବୈଷୟିକ ତ୍ରୁଟିଗୁଡ଼ିକର ସଂଶୋଧନ ଅନ୍ତର୍ଭୁକ୍ତ ରହିଛି।

### ଆନ୍ଧ୍ରରେ ଆସିପାରେ ଦେଢ଼ ମିଟର ଯାଏଁ ସାମୁଦ୍ରିକ ଜୁଆର

## ଓଡ଼ିଶାର ୫ ଜିଲ୍ଲାରେ ଅଧିକ ବର୍ଷାପାରେ

★ କିଛି ଜିଲ୍ଲାରେ ଭୂସ୍ଖଳନର ଆଶଙ୍କା ★ ନବରଙ୍ଗପୁର, ରାୟଗଡ଼ା ଓ କୋରାପୁଟରେ ସ୍କୁଲ୍, ଅଙ୍ଗନବାଡି ବନ୍ଦ



ଭୁବନେଶ୍ୱର, ୨୬।୧୦: ଉତ୍ତର ଆନ୍ଧ୍ରପ୍ରଦେଶ ଅଞ୍ଚଳରେ ଅତ୍ୟନ୍ତ ପ୍ରବଳ ବର୍ଷାର ସମ୍ଭାବନା ଥିବା ବେଳେ ଓଡ଼ିଶାରେ ୨୭ ତାରିଖରୁ ବର୍ଷା ଆରମ୍ଭ ହୋଇଯିବ। ଦକ୍ଷିଣ ଓଡ଼ିଶାର ଅଳ୍ପ କେତେକ ଜାଗାରେ ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ଅର୍ଥାତ୍ ୨୦ରୁ ୩୦ ସେଣ୍ଟିମିଟରରୁ ଅଧିକ ବର୍ଷା ହୋଇପାରେ। ୨୮ତାରିଖରେ ଓଡ଼ିଶାରେ ବର୍ଷାର ପ୍ରଭାବ ସର୍ବାଧିକ ରହିବ। ବିଶେଷକରି ସମଗ୍ର ଓଡ଼ିଶାରେ ବର୍ଷା ହେବାକୁ ଥିବାବେଳେ ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ହେବ। ଅତ୍ୟନ୍ତ ପ୍ରବଳ ବର୍ଷା ଦ୍ୱାରା ଦ୍ୱାରା ପାହାଡ଼ିଆ ଅଞ୍ଚଳ ମଧ୍ୟରେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ାରେ ଭୂସ୍ଖଳନ ହେବାର ଆଶଙ୍କା ରହିଛି। ଖାଲୁଆ ଅଞ୍ଚଳରେ ଜଳମଗ୍ନ ହେବା ସହିତ ବଂଶଧାରା, ଋଷିକୁଲ୍ୟା, ନାଗାବଳୀ ଜଳସ୍ତର ବୃଦ୍ଧି ପାଇବ। ଛତିଶଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଦ୍ୱାରା ସେଠାରେ ପ୍ରବାହିତ ନଦୀରେ ଜଳସ୍ତର ବୃଦ୍ଧି ପାଇବ। ଏଥିପ୍ରତି କେନ୍ଦ୍ରୀୟ ଜଳ ଆୟୋଗକୁ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ ଦିଆଯିବା ସହିତ ସ୍ୱତନ୍ତ୍ର ଭାବେ ଦୃଷ୍ଟି ରଖିବାକୁ କୁହାଯାଇଛି। ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହେବା ଦ୍ୱାରା ବର୍ଷା ସମୟରେ ଯାତ୍ରା ନ କରିବାକୁ ପରାମର୍ଶ ଦିଆଯାଇଛି। ସମୁଦ୍ର ଅଶାନ୍ତ ରହିଛି। ୨୮ତାରିଖରେ ସମୁଦ୍ର ମଧ୍ୟରେ ୧୪ମିଟର ଢେଉ ସୃଷ୍ଟି ହେବାର ସମ୍ଭାବନା ରହିଛି। ଆନ୍ଧ୍ରପ୍ରଦେଶରେ ୧ରୁ ଦେଢ଼ ମିଟର ପର୍ଯ୍ୟନ୍ତ ସାମୁଦ୍ରିକ ଜୁଆର ସୃଷ୍ଟି ହେବ। ଓଡ଼ିଶାରେ ସାମୁଦ୍ରିକ ଜୁଆର ଆସିବା ସମ୍ଭାବନା କମ୍ ବୋଲି ଭାରତୀୟ ପାଣିପାଗ ବିଭାଗ ସ୍ପଷ୍ଟ କରିଛି। ‘ଅର୍ଣ୍ଣବ’ ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ ଛୁଇଁବ। ତେବେ ଏହା ଦ୍ୱାରା ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ ଏବଂ ରାୟଗଡ଼ା ଜିଲା ଅଧିକ ପ୍ରଭାବିତ ହେବ। ଏହି ୫ଟି ଜିଲାରେ ଅତ୍ୟଧିକ ବର୍ଷା ଅର୍ଥାତ୍ ୨୦-୩୦ ସେଣ୍ଟିମିଟରରୁ ଅଧିକ ବର୍ଷା ହୋଇପାରେ। ଏଥିସହ ପବନର ବେଗ ଘଣ୍ଟାପ୍ରତି ୫୦ରୁ ୬୦କି.ମି. ଏବଂ ସ୍ଥଳବିଶେଷରେ ଝଟକା ପବନର ବେଗ ୭୦କି.ମି. ପର୍ଯ୍ୟନ୍ତ ବହିବାର ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟା ମୁକାବିଲାରେ ଏହି ୫ଟି ଜିଲାକୁ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି। ପାଣିପାଗ ବିଭାଗର ଚେତାବନୀ ଏବଂ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନାକୁ ଆଖିଆଗରେ ରଖି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି। ଏହି କ୍ରମରେ ନବରଙ୍ଗପୁର ଏବଂ ରାୟଗଡ଼ା ଜିଲ୍ଲାରେ ୨୭ ଓ ୨୮ ସମସ୍ତ ସ୍କୁଲ୍ ସହିତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ମଧ୍ୟ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ସେହିପରି ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ କୋରାପୁଟର ସ୍କୁଲ ବନ୍ଦ କରିବା ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଛି।

## ଖବର ପ୍ରସାରଣ ପୂର୍ବରୁ ତଥ୍ୟର ସତ୍ୟତା ଯାଞ୍ଚ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୬।୧୦: ବାତ୍ୟାକୁ ନେଇ ଭୁଲ୍ ଖବର ଓ ଅପପ୍ରଚାରରୁ ନିବୃତ୍ତ ରହିବାକୁ ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି । ବାତ୍ୟା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ସମୟରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ବାତ୍ୟାର ଗତିପଥ, ତୀବ୍ରତା, ସ୍ଥଳଭାଗ ଛୁଇଁବାର ସମ୍ଭାବ୍ୟ ସମୟ ଓ ପ୍ରଭାବକୁ ନେଇ କୌଣସି ଖବର ପ୍ରସାରଣ କରିବା ପୂର୍ବରୁ ତଥ୍ୟର ସତ୍ୟତା ଯାଞ୍ଚ କରିବା ଆବଶ୍ୟକ। କେବଳ ଅଧିକୃତ ସୂଚନା ଓ ପାଣିପାଗ ବିଭାଗର ନିୟମିତ ବୁଲେଟିନ୍ ଆଧାରରେ ଖବର ପ୍ରସାରଣ କରିବାକୁ ସେ ଅନୁରୋଧ କରିଛନ୍ତି ।

## ଆଇନଶୃଙ୍ଖଳା ନେଇ କେନ୍ଦ୍ରର ରିପୋର୍ଟ ତଲବ

ଭୁବନେଶ୍ୱର, ୨୬।୧୦: ଓଡ଼ିଶାରେ ଆଇନଶୃଙ୍ଖଳା ନେଇ କେନ୍ଦ୍ର ଗୃହ ମନ୍ତ୍ରାଳୟର ଉଦ୍‌ବେଗ ପ୍ରକାଶ ସହ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଛି। କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ କରାଯାଇଥିବା ଏହି ଚିଠି ମୁତାବକ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି କେମିତି ଅଛି। ଚିଠିରେ ରାଜ୍ୟରେ ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତି, ପୁଲିସ ହାଜତରେ ହେଉଥିବା ହିଂସା, ଭିଡ଼ ହିଂସା, ପୁଲିସର କ୍ଷମତା ଅପବ୍ୟବହାର ଭଳି ମାମଲାକୁ ନେଇ ଚିନ୍ତା ପ୍ରକାଶ କରିଛି ଗୃହ ମନ୍ତ୍ରାଳୟ ।ବିଭିନ୍ନ ଅଭିଯୋଗକାରୀ ଓ ସଂସ୍ଥାମାନଙ୍କ ନିକଟରୁ ଅନେକ ଅଭିଯୋଗ ପାଇବା ପରେ ରାଜ୍ୟ ସରକାରଙ୍କୁ ଏସବୁ ମାମଲାର ତଦନ୍ତ କରି ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇ ଚିଠି ଲେଖିଛି କେନ୍ଦ୍ର। ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

CMYK

# ଭଗବାନ ହିଁ ଲକ୍ଷ୍ୟ

**ଜନ୍ମ ଓ ମୃତ୍ୟୁର ଶୃଙ୍ଖଳରେ ନୂତନ ଶୃଙ୍ଖଳ ଯୋଗ କରିବା ପାଇଁ ନୁହେଁ। ଚାରୋଟି ମଧ୍ୟରେ ପ୍ରଥମ ଧର୍ମ ପରବର୍ତ୍ତୀ ଦୁଇଟିରେ ଅନୁପ୍ରବେଶ କରି ସେଗୁଡ଼ିକୁ ଶକ୍ତିଶାଳୀ କରିବା ଉଚିତ। ସନାତନ ଶକ୍ତି ସମୟ ଅନୁସାରେ ମାର୍ଗ ସଂସ୍କାର ପାଇଁ ଆସନ୍ତି। କିନ୍ତୁ ମୋହରେ ଭକ୍ତ ନ ରହି ତାଙ୍କର ମାର୍ଗଧରି ସମୟ ପାରିହେବା ଦରକାର।**





ଭାରତୀୟ ସଂସ୍କୃତି ସମସ୍ତ ମଧୁରତା, ସମସ୍ତ ସୁଖର ଚରମ ସୀମା ଏବଂ ସମସ୍ତ ଉଚ୍ଚତମ କାମନାର ପରିପୂର୍ଣ୍ଣତା ତଥା ଆନନ୍ଦ ଲାଭ କରିବା ପାଇଁ ଦିଗ୍‌ଦର୍ଶିକା ସ୍ଥିର କରିଛି। ତଥାପି ମନୁଷ୍ୟ ଛୋଟ ଛୋଟ କଥା, ଅଳୀକ ସୁଖ ଓ ନୀଚ କାମନା ହାସଲ କରିବାକୁ ସଂଘର୍ଷ କରୁଛି। ଆମେ ଭଗବାନଙ୍କର ଅନ୍ୱେଷଣ କରିବା ବେଳେ ବକ୍ରପଥ ଓ ମରୀଚିକା ପ୍ରତି ପଥଭ୍ରଷ୍ଟ ହେବା ଉଚିତ ନୁହେଁ। ସୁନାର ଅନ୍ୱେଷକ ତାକୁ ବିକର୍ଷିତ ଓ ବିଧ୍ୱଂସ କରୁଥିବା ପିତ୍ତଳ ଓ ଅନ୍ୟ ହଳଦିଆ ଧାତୁଗୁଡ଼ିକୁ ପରିତ୍ୟାଗ କରିବା ଉଚିତ। ନଦୀ ଯେପରି ଗିରିତଟରେ ଲମ୍ଫ ପ୍ରଦାନ କରେ, ଗୁଳ୍ମ ଓ କଣ୍ଟାବୁଦା ଭିତରେ ଧୀରେ ଧୀରେ ଗତି କରେ, ପାହାଡ଼ ଚାରିପଟେ ପ୍ରବାହିତ ହୁଏ, ବାଲିରେ ଶୋଷି ହୋଇଯାଏ, କିନ୍ତୁ ଲକ୍ଷ୍ୟ ସମୁଦ୍ରକୁ ସର୍ବଦା ଦୃଷ୍ଟିରେ ରଖିଥାଏ ସେହିପରି ମନୁଷ୍ୟ ମଧ୍ୟ ଅକ୍ଲାନ୍ତ ଭାବରେ ଭଗବାନଙ୍କ ଆଡ଼କୁ ଗତି କରିବା ଉଚିତ। ଅବତାର ପୁରୁଷମାନଙ୍କର ପୂର୍ବଜନ୍ମମାନଙ୍କରେ କୌଣସି ପୁଣ୍ୟ ବା ପାପ ସଞ୍ଚିତ ହୋଇ ନଥାଏ, ଯାହା ସେମାନଙ୍କୁ ସାଧାରଣ ମନୁଷ୍ୟ ପରି ଏହି ଜନ୍ମରେ ପରିଶୋଧ କରିବାକୁ ପଡ଼େ। ସେମାନଙ୍କର ଜନ୍ମଗ୍ରହଣ ହେଉଛି ଏକ ଲୀଳା, ସାଧୁମାନଙ୍କର ସାଧୁତା ରକ୍ଷା ଏବଂ ଦୁଷ୍ଟମାନଙ୍କର ଦୁରାଚାର ଦୂରୀକରଣ ନିମିତ୍ତ ପ୍ରଭୁଙ୍କ ଅବତାର କାରଣ ଯୋଗାଇଥାଏ। ଉଦାହରଣ ସ୍ୱରୂପ, ନରସିଂହ ଅବତାର କଥା । ପ୍ରହ୍ଲାଦଙ୍କର ପୁଣ୍ୟ ଏବଂ ହିରଣ୍ୟକଶ୍ୟପୁର ଦୁରାଚାର ମିଶି ଏହାର କାରଣ ହୋଇଥିଲା। ଭଗବାନଙ୍କ ଆଗମନ ଫଳରେ ସାଧୁମାନେ ସୁଖୀ ହୁଅନ୍ତି ଓ ଦୁର୍ଜନମାନେ ଦୁର୍ଦ୍ଦଶା ଭୋଗନ୍ତି। ଅବଶ୍ୟ ଅବତାରଙ୍କର ସୁଖ ବା ଦୁଃଖ ନ ଥାଏ। ଅବତାର ପଞ୍ଚଭୂତରେ ଗଠିତ ନୁହନ୍ତି; ସେ ହେଉଛନ୍ତି ଚିନ୍ମୟ, ମୃଣ୍ମୟ ନୁହନ୍ତି; ଆଧ୍ୟାତ୍ମିକ, ଭୌତିକ ନୁହନ୍ତି; ସେ କଦାପି ଅହଂକାର ବା ନିଜ-ପର ଭାବନା ଦ୍ୱାରା ବ୍ୟାହତ ହୁଅନ୍ତି ନାହିଁ। ଲୋକମାନେ ଅବତାରଙ୍କୁ ସାଧାରଣ ମନୁଷ୍ୟ ବୋଲି ଭ୍ରମ କଲେ ବି ତାହା ଅବତାରଙ୍କ ସ୍ୱଭାବକୁ ଆଘାତ କରେ ନାହିଁ। ସେ ଯେଉଁ କାମ ପାଇଁ ଆସିଛନ୍ତି ତାହା ନିଶ୍ଚୟ ସମ୍ପନ୍ନ ହେବ। ଜୀବନର ରଙ୍ଗଭୂମି ଚାରୋଟି ସ୍ତମ୍ଭ ଉପରେ ନିର୍ମିତ - ଧର୍ମ, ଅର୍ଥ, କାମ ଓ ମୋକ୍ଷ। ସେଗୁଡ଼ିକ ଭାର ବହନ କରନ୍ତି ଓ ଓଜନ ସମ୍ଭାଳନ୍ତି।

ଯେତେବେଳେ ରଙ୍ଗଭୂମି ଦୁଇଟିକୁ ହରାଇ ବସେ ଏବଂ ଅବଶିଷ୍ଟ ଦୁଇଟି, ଯଥା - ଅର୍ଥ ଓ କାମ ଉପରେ ଦଣ୍ଡାୟମାନ ହେବାକୁ ସଂଘର୍ଷ କରେ ସେତେବେଳେ ସ୍ୱାଭାବିକ ଭାବରେ ଉଦ୍‌ବେଗ, ଛଳନା, ଶୋକ ଓ ଲୋଭ ମାନବଜାତିକୁ ଆକ୍ରାନ୍ତ କରେ। ପ୍ରତ୍ୟେକ ସ୍ତମ୍ଭ ଅନ୍ୟ ତିନୋଟିକୁ ସହଯୋଗ ଓ ସମର୍ଥନ କରିବା ଆବଶ୍ୟକ। ଅର୍ଥ ଧର୍ମବଳରେ ଲାଭ କରାଯିବା ଉଚିତ ଓ ଧର୍ମରେ ବିନିଯୁକ୍ତ ହେବା ଉଚିତ। କାମ ପ୍ରଥମତଃ ମୋକ୍ଷ ପାଇଁ ହେବା ଉଚିତ, ଅର୍ଥାତ୍ କାମନା ବନ୍ଧନରୁ ମୁକ୍ତି ପାଇଁ ନିର୍ଦ୍ଦେଶିତ ହେବା ଉଚିତ। ଜନ୍ମ ଓ ମୃତ୍ୟୁର ଶୃଙ୍ଖଳରେ ନୂତନ ଶୃଙ୍ଖଳ ଯୋଗ କରିବା ପାଇଁ ନୁହେଁ। ଚାରୋଟି ମଧ୍ୟରେ ପ୍ରଥମ ଧର୍ମ ପରବର୍ତ୍ତୀ ଦୁଇଟିରେ ଅନୁପ୍ରବେଶ କରି ସେଗୁଡ଼ିକୁ ଶକ୍ତିଶାଳୀ କରିବା ଉଚିତ। ସନାତନ ଶକ୍ତି ସମୟ ଅନୁସାରେ ମାର୍ଗ ସଂସ୍କାର ପାଇଁ ଆସନ୍ତି। କିନ୍ତୁ ମୋହରେ ଭକ୍ତ ନ ରହି ତାଙ୍କର ମାର୍ଗଧରି ସମୟ ପାରିହେବା ଦରକାର। ସେ ଅଛନ୍ତି ଏମିତି ଭାବିଲେ ଅବଶ୍ୟ ଦର୍ଶନ ମିଳିଯିବ, ମାତ୍ର କ୍ଷେତ୍ର ତାଙ୍କରି ମାର୍ଗରେ ପ୍ରସ୍ତୁତ ଆବଶ୍ୟକ। ବାଲ୍ମୀକ ପୁରୀ ଏଇ ପୁଟପର୍ତ୍ତୀ, ଠାରେ ସେହି ରାମଲୀଳା ନାଟକ ପିଲା କାଳରେ କରୁଥିବା ସତ୍ୟ, ସତ୍ୟରେ ଏପରି ସାଇରାମ ଲୀଳା ଲଗାଇବେ ଓ ତାଙ୍କର ଲୀଳାକୁ ଯୁଗ ବାଲ୍ମୀକମାନେ ଲେଖି ଭବିଷ୍ୟତ ପିଢ଼ିକୁ ପ୍ରମାଣ ରଖିବେ ଏହା ବି ଲୀଳା ଅଂଶର ଏକ କ୍ରିୟା ମାତ୍ର।

# ଆଧ୍ୟାତ୍ମିକ ଉପଲବ୍ଧିର ଛଅଟି ସ୍ତର



ମନୁଷ୍ୟ ଜୀବନର ଅନ୍ତିମ ଲକ୍ଷ୍ୟ ହେଉଛି ପରମେଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରିବା । ତାଙ୍କ ମଧ୍ୟରେ ବିଲୀନ ହୋଇଯିବା । ତେବେ ଏ ଉତ୍ତରଣ ପାଇଁ ମନୁଷ୍ୟକୁ ଛଅଟି ଆଧ୍ୟାତ୍ମିକ ଉପଲବ୍ଧି ଦେଇ ଯିବାକୁ ହୋଇଥାଏ । ଏହା ମଧ୍ୟରୁ ପ୍ରଥମ ଅବସ୍ଥାଟି ହେଉଛି ସାଲୋକ୍ୟ । ଏହି ଅବସ୍ଥାରେ ଭକ୍ତମାନେ ପରମକର୍ତ୍ତା ଭଗବାନ ସେମାନଙ୍କ ଗହଣରେ ଅବସ୍ଥାନ କରୁଛନ୍ତି ଏପରି ଅନୁଭବ ଉଲ୍ଲସିତ ହୋଇଥାନ୍ତି । ଭଗବାନ ଶ୍ରୀକୃଷ୍ଣ ଗୋପପୁରରେ ଥିବାବେଳେ ଗୋପପୁରବାସୀ ଏହି ସାଲୋକ୍ୟ ଅବସ୍ଥାକୁ ଅନୁଭବ କରୁଥିଲେ । ସେହିଭଳି ଦ୍ୱିତୀୟ ଅବସ୍ଥାଟି ହେଉଛି ସାମୀପ୍ୟ । ଏଥିରେ ଭକ୍ତ ଜଣକ ଭଗବାନଙ୍କୁ ନିଜର ଆତ୍ମୀୟ ବୋଲି ମନେକରି ତାଙ୍କ ନିକଟରେ ନିଜ ମନର କଥା ପ୍ରକାଶ କରିଥାନ୍ତି । ଏହାପରେ ଆସେ ସାଜୁଯ୍ୟ ଅବସ୍ଥା । ଏଥିରେ ଭକ୍ତଜଣକ ଭଗବାନଙ୍କ ସହିତ ନିବିଡ଼ ହୋଇଥାନ୍ତି । ଏପରିକି ସେ ଭଗବାନଙ୍କୁ ସ୍ୱର୍ଶ କରିବାକୁ ଅନୁଭବ ମଧ୍ୟ କରିପାରନ୍ତି । ଏହାପରେ ଚତୁର୍ଥ ଅବସ୍ଥା । ସାରୂପ୍ୟରେ ଭକ୍ତଜଣକ ଚିନ୍ତା କରିବା ମାତ୍ରେ ଭଗବାନଙ୍କ ଉପସ୍ଥିତିକୁ ଅନୁଭବ କରିଥାନ୍ତି । ସେହିପରି ପଞ୍ଚମ ଅର୍ଥାତ୍ ସରସ୍ଥି ଅବସ୍ଥାରେ ଭକ୍ତ ଜଣକ ଚତୁର୍ଦ୍ଦିଗରେ ପରମ ପୁରୁଷଙ୍କ ଅନୁଭବ କରିଥାନ୍ତି । ଯେତେବେଳେ ସାଧକ ଜଣକ ଏହି ଅବସ୍ଥାରେ ପହଞ୍ଚନ୍ତି, ସେତେବେଳେ ସେ ଈଶ୍ୱରଙ୍କ ମଧ୍ୟରେ ବିଲୀନ ହେବାପରି ଅନୁଭବ କରିଥାନ୍ତି । ଅର୍ଥାତ୍, ତାଙ୍କ ନିଜର ଆଉ କିଛି ଅସ୍ତିତ୍ୱ ରହେନାହିଁ । ଶେଷରେ ଭକ୍ତଜଣକର ଆତ୍ମା



ପରମପୁରୁଷଙ୍କ ମଧ୍ୟରେ ବିଲୀନ ହୋଇଯାଏ । ଏବଂ ଏହାକୁ କୈବଲ୍ୟ ଅବସ୍ଥା ବୋଲି କୁହାଯାଏ । ଅନ୍ୟର ଦୋଷତ୍ରୁଟି ଦେଖିବା ଅପେକ୍ଷା ନିଜର ଭୁଲ୍ ପ୍ରତି ଅଧିକ ସଚେତନ ରହିବାକୁ ପଡ଼ିବ । ନିଜର ଆଚରଣ, ଉଚ୍ଚାରଣ ତଥା କର୍ମରେ ଯେପରି ଅନ୍ୟ କାହାର କ୍ଷତି ନହୁଏ ସେ ଦିଗରେ ଧ୍ୟାନ ଦେବାକୁ ପଡ଼ିବ । ଏ ସବୁ ପରେ ବ୍ୟକ୍ତିକୁ ପ୍ରତିଦିନ ନିଜ ସହ ବେଶ୍ କିଛି ସମୟ ଏକାନ୍ତରେ ବିତାଇବାକୁ ପଡ଼ିବ । ଏହି ସମୟ ମଧ୍ୟରେ ନିଜ ମନରେ ଆସୁଥିବା ଭାବନାକୁ ବିଶ୍ଳେଷଣ କରିବାକୁ ପଡ଼ିବ । ବାରମ୍ବାର ଏପରି କରିବା ଦ୍ୱାରା ବ୍ୟକ୍ତିଜଣକର ଆଚରଣ ଶୁଦ୍ଧପୂତ ହେବା ସହ ଈଶ୍ୱରଙ୍କ ନିକଟରେ ପହଞ୍ଚିବାର ପଥ ସୁଗମ ହେବ ।

# ମୃତ୍ୟୁନୁହେଁ; ଜୀବନ



କ୍ଷମତା, ପଦ-ପଦବୀ, ସମ୍ପଦର ଲାଳସା ଯୁଗେଯୁଗେ ମଣିଷର ବୁଦ୍ଧି-ବିବେକ ଭ୍ରଷ୍ଟ କରିଥାଏ। ଅତି ନିମ୍ନସ୍ତରକୁ ଯାଇ ଅଭିଳାଷ ପୂରଣ ନିମିତ୍ତ ଜଘନ୍ୟ କାର୍ଯ୍ୟ କରିବାକୁ ପଶ୍ଚାତ୍‌ପଦ ହୋଇ ନଥାଏ। ଇତିହାସରୁ ଏହାର ଭୂରିଭୂରି ଦୃଷ୍ଟାନ୍ତ ମିଳିଥାଏ। ରାଜସିଂହାସନ ଲୋଭରେ ପିତା ବିମ୍ବିସାରଙ୍କୁ ଅଜାତଶତ୍ରୁ ନିର୍ମମ ଭାବରେ ହତ୍ୟାକରି ରାଜଗାଦିରେ ବସିଥିଲେ। ସିଂହାସନାରୂଢ଼ ହେଲାପରେ ଅହରହ ମନକୁ ଆସିଲା-ପିତାଙ୍କୁ ହତ୍ୟା ଜନିତ ଘୋର ପାପ ନିଶ୍ଚୟ ମୋତେ ଲାଗିବ। ସଦାସର୍ବଦା ସେଇ ଗୋଟିଏ ଚିନ୍ତା ମନକୁ ଆଚ୍ଛନ୍ନ କରିଥିଲା। ଜ୍ୟୋତିଷମାନଙ୍କ ପରାମର୍ଶ ନେଇଥିଲେ ପ୍ରାୟଶ୍ଚିତ୍ତ ନିମନ୍ତେ। ସେମାନଙ୍କ ପରାମର୍ଶରେ ପ୍ରତିକାର ସ୍ୱରୂପ ଯଜ୍ଞର ଆୟୋଜନ କରାଯାଇଥିଲା। ଯଜ୍ଞରେ ଏକାଧିକ ପଶୁଙ୍କୁ ବଳିଦେବା ପାଇଁ ଅଣାଯାଇଥିଲା ପଣ୍ଡିତମାନଙ୍କ ପରାମର୍ଶ ଅନୁସାରେ। ନିରୀହ ପଶୁମାନଙ୍କୁ ଯଜ୍ଞ ଉଦ୍ଦେଶ୍ୟରେ ବଳି ଦିଆଯାଉଥିବା ଖବର ତଥାଗତଙ୍କ ନିକଟରେ ପହଞ୍ଚିଥିଲା। କାଳବିଳମ୍ବ ନକରି ଅଜାତଶତ୍ରୁଙ୍କ ନିକଟରେ ପହଞ୍ଚିଥିଲେ ତଥାଗତ। ଯଜ୍ଞସ୍ଥଳରେ ଥିବା ଅଜାତଶତ୍ରୁ ହଠାତ ତଥାଗତଙ୍କ ବିନା ଆମନ୍ତ୍ରଣରେ ଯଜ୍ଞସ୍ଥଳକୁ ଆଗମନର କାରଣ ସମ୍ପର୍କରେ ଜାଣିପାରି ନଥିଲେ। ତଥାଗତ, ଅଜାତଶତ୍ରୁଙ୍କ ହାତକୁ ବଢ଼ାଇ ଦେଇଥିଲେ ହାତରେ ଧରିଥିବା କିଛି ଦୂବ। ଏହାକୁ ଛିଣ୍ଡାଇବାକୁ କହିବାରୁ ସଙ୍ଗେସଙ୍ଗେ ଛିଡ଼ାଇ ଦେଇଥିଲେ ତଥାଗତ। ଦୁଇଖଣ୍ଡ କରିଦେବା ପରେ ତଥାଗତ କହିଥିଲେ- ‘ରାଜନ୍! ଏବେ ଦୁଇଖଣ୍ଡିକୁ ଯୋଡ଼ି ଦିଅ ତ।’ ‘ଭଲା ଏହା କିଭଳି ସମ୍ଭବ ଭଗବାନ’- କହିଥିଲେ ଅଜାତଶତ୍ରୁ ବିସ୍ମିତ ହୋଇ । ଅଜାତଶତ୍ରୁଙ୍କଠାରୁ ଏହି ଉତ୍ତର ଆଶା କରୁଥିଲେ ତଥାଗତ। ଏବେ ତାଙ୍କୁ ବୁଝାଇବାକୁ ଯାଇ କହିଥିଲେ- ‘ପାପର ପ୍ରାୟଶ୍ଚିତ୍ତ ପାପ ମାଧ୍ୟମରେ କେବେ ବି ହୋଇ ନଥାଏ। ଯଦି ସତରେ ପ୍ରାୟଶ୍ଚିତ୍ତ କରିବାକୁ ଚାହୁଁଛନ୍ତି ତେବେ ଲୋକସେବା ମାଧ୍ୟମରେ ଏହା କରିପାରନ୍ତି। ନିରୀହ ପଶୁମାନଙ୍କୁ ବଧ କରି ତୁମେ ଆହୁରି ଅଧିକ ପାପ ଅର୍ଜନ କରିବ ସିନା, ପୁଣ୍ୟ ଅର୍ଜନ କରିପାରିବନି। ଯେମିତି ଦୁଇଖଣ୍ଡ ହୋଇଥିବା ଦୂବ ଯୋଡ଼ିବାକୁ ତୁମେ ଅସାମର୍ଥ୍ୟ ପ୍ରକାଶ କଲ, (କାରଣ ଏହା ଅସମ୍ଭବ) ଠିକ୍ ସେହିପରି ଯଦି ଗୋଟିଏ ପଶୁକୁ ଜୀବନଦାନ କରିପାରିବନି। ଯେହେତୁ ଏହା ତୁମ ସାମର୍ଥ୍ୟର ବହିର୍ଭୂତ। ସେ କ୍ଷେତ୍ରରେ ସେମାନଙ୍କର ଜୀବନ ନେବ କାହିଁକି ? ଜୀବଙ୍କୁ ଶିବ ଜ୍ଞାନରେ ସେବା କରି ପୁଣ୍ୟ ପରମାର୍ଥ ଅର୍ଜନ କର।’ ବୁଦ୍ଧଙ୍କର ଏହି ହିତୋପଦେଶ କ୍ରୂର ଅଜାତଶତ୍ରୁଙ୍କ ଜୀବନର ଦିଶା ବଦଳାଇ ଦେଇଥିଲା। ଜୀବହତ୍ୟା ବନ୍ଦ କରି ପଶୁମାନଙ୍କ ପ୍ରତି କରୁଣା ପ୍ରଦର୍ଶନର ମାର୍ଗ ଆଦରି ନେଇଥିଲେ।

# ରାବଣ ଦହନ ପରେ କାହିଁକି ଘରକୁ ଅଣାଯାଏ ପାଉଁଶ ?



ଅଧର୍ମ ଉପରେ ଧର୍ମର, ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ ବୋଲି ବିଶ୍ୱାସ କରାଯାଏ ଯେତେବେଳେ ସାଧାରଣତଃ ଦଶହରା ସମୟରେ ରାବଣର ଦହନ ଘଟେ । ତେବେ ରାବଣ ଦହନ ପରେ କେତେକ ଅଞ୍ଚଳରେ ଲୋକମାନେ ଜଳିଯାଇଥିବା ପ୍ରତିମୂର୍ତ୍ତିର ପାଉଁଶ କିମ୍ବା କାଠ ଘରକୁ ଆଣୁଥିବା ଦେଖିବାକୁ ମିଳେ। ପରମ୍ପରା ପଛରେ କ’ଣ ରହିଛି ଧାର୍ମିକ ମାନ୍ୟତା ? ରାବଣଙ୍କ ପାଉଁଶ ଘରକୁ ଆଣିବା ଶୁଭ ନା ଅଶୁଭ ? କେତେକ ସ୍ଥାନରେ ରାବଣ ଦହନ ପରେ ଜଳିଯାଇଥିବା କାଠ କିମ୍ବା ପାଉଁଶକୁ ଲୋକମାନେ ଘରକୁ ନେଇଥାନ୍ତି। ଏହାକୁ ଘରର ଦୁଆରବନ୍ଧରେ ରଖିବା କିମ୍ବା ବାନ୍ଧିବା ଦ୍ୱାରା ଘରକୁ ଅଶୁଭ ଶକ୍ତିରୁ ସୁରକ୍ଷା ମିଳେ ବୋଲି ବିଶ୍ୱାସ କରାଯାଏ। କେତେକ ଲୋକ ଏହାକୁ ରାବଣଙ୍କ ଅସ୍ଥି ସହ ତୁଳନା କରିଥାନ୍ତି। ତେବେ ଏହା ଏକ ଲୋକପ୍ରଚଳିତ ବିଶ୍ୱାସ। ରାବଣ ଦହନରେ ବ୍ୟବହୃତ ପ୍ରତିମୂର୍ତ୍ତିର ପାଉଁଶ କିମ୍ବା କାଠ ପ୍ରକୃତ ରାବଣଙ୍କ ଅସ୍ଥି ନୁହେଁ। ଏହି ପରମ୍ପରାର ପ୍ରଚଳନ ସବୁ ଅଞ୍ଚଳରେ ସମାନ ନୁହେଁ।

## ବ୍ୟକ୍ତିଗତ ଆସ୍ଥାର ବିଷୟ

ରାବଣଙ୍କ ପାଉଁଶ ଘରେ ରଖିବା ଶୁଭ କିମ୍ବା ଅଶୁଭ ବୋଲି ସାର୍ବଜନୀନ ଭାବେ ଗ୍ରହଣୀୟ କୌଣସି ନିୟମ ନାହିଁ। ଧାର୍ମିକ ପରମ୍ପରାକୁ ସମ୍ମାନ କରିବା ସହିତ ଏହା ପଛରେ ଥିବା ବିଶ୍ୱାସ ଓ ବାସ୍ତବତାକୁ ବୁଝିବା ଜରୁରୀ। କେହି ଯଦି ଏହାକୁ କେବଳ ପରମ୍ପରା କିମ୍ବା ସ୍ମୃତିର ପ୍ରତୀକ ଭାବେ ରଖନ୍ତି, ତାହା ବ୍ୟକ୍ତିଗତ ଆସ୍ଥାର ବିଷୟ।

## ରାବଣ ଦହନର ପ୍ରକୃତ ବାର୍ତ୍ତା

ରାମାୟଣ ଅନୁସାରେ, ରାବଣ ଜଣେ ବିଦ୍ୱାନ ଓ ଶିବଭକ୍ତ ଥିଲେ। କିନ୍ତୁ ତାଙ୍କ ଅହଂକାର ଓ ସୀତାଙ୍କୁ ହରଣ କରିବା ଭଳି କାର୍ଯ୍ୟ ତାଙ୍କ ପତନର କାରଣ ହୋଇଥିଲା। ଅନ୍ୟପକ୍ଷରେ, ପ୍ରଭୁ ଶ୍ରୀରାମ ସତ୍ୟ, ନ୍ୟାୟ, ମର୍ଯ୍ୟାଦା ଓ ଧର୍ମର ପ୍ରତୀକ ଭାବେ ପରିଚିତ। ତେଣୁ ଦଶହରାରେ ରାବଣ ଦହନ କେବଳ ଏକ ପ୍ରତିମୂର୍ତ୍ତିକୁ ଜାଳିବାର ପରମ୍ପରା ନୁହେଁ। ଏହା ମଣିଷ ନିଜ ଭିତରେ ଥିବା ଅହଂକାର, କ୍ରୋଧ, ଲୋଭ ଓ ଅନ୍ୟାୟ ଭଳି ଖରାପ ଗୁଣକୁ ତ୍ୟାଗ କରିବାର ପ୍ରତୀକାତ୍ମକ ବାର୍ତ୍ତା ଦିଏ। ସେହିପରି, ରାବଣ ଦହନର ପାଉଁଶ ଘରକୁ ଆଣିବା ପରମ୍ପରାକୁ ନେଇ ଭିନ୍ନ ଭିନ୍ନ ଲୋକବିଶ୍ୱାସ ରହିଥିଲେ ମଧ୍ୟ ଦଶହରାର ମୂଳ ଶିକ୍ଷା ହେଉଛି ଅଧର୍ମ ତ୍ୟାଗ କରି ଧର୍ମର ପଥରେ ଚାଲିବା। ଆସ୍ଥା ସହିତ ବିବେକ ଓ ବାସ୍ତବତାକୁ ଗୁରୁତ୍ୱ ଦେବା ମଧ୍ୟ ଜରୁରୀ।

# ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜାର ରହିଛି ସ୍ୱତନ୍ତ୍ର ସ୍ଥାନ



**ଓଡ଼ିଶାର ଗଣପର୍ବଗୁଡ଼ିକ ମଧ୍ୟରେ ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜାର ସ୍ଥାନ ସ୍ୱତନ୍ତ୍ର। ପ୍ରତିବର୍ଷ ଆଶ୍ୱିନ ମାସରେ ଏହି ସହର ଭକ୍ତି, ଆଲୋକ ଓ ଉତ୍ସବର ରଙ୍ଗରେ ଝଲସିଉଠେ। ଏହି ପୂଜାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମା’ ଗଜଲକ୍ଷ୍ମୀଙ୍କୁ ଆରାଧନା କରି ପରିବାର ଓ ସମାଜର ସୁଖ, ଶାନ୍ତି, ଧନଧାନ୍ୟ ଓ ସମୃଦ୍ଧି କାମନା କରିବା। ହିନ୍ଦୁ ପରମ୍ପରାରେ ମା’ ଲକ୍ଷ୍ମୀଙ୍କୁ ଐଶ୍ୱର୍ଯ୍ୟ ଓ ସୌଭାଗ୍ୟର ଦେବୀ ଭାବେ ପୂଜା କରାଯାଏ। ଗଜଲକ୍ଷ୍ମୀ ରୂପରେ ଦେବୀଙ୍କ ଆରାଧନା ସମୃଦ୍ଧି, ଶୁଭ ଓ ମଙ୍ଗଳ ଭାବନା ସହ ଜଡ଼ିତ। ତେଣୁ ଏହି ପୂଜା ଢେଙ୍କାନାଳବାସୀଙ୍କ ପାଇଁ କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ଏକ ଗଭୀର ଆସ୍ଥାର ପ୍ରତୀକ।**

## ୧୯୨୩ ମସିହାରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ

ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜାର ଇତିହାସ ପ୍ରାୟ ଏକ ଶତାବ୍ଦୀ ପୁରୁଣା। ସ୍ଥାନୀୟ ପରମ୍ପରା ଓ ପ୍ରଚଳିତ ଐତିହାସିକ ବିବରଣୀ ଅନୁସାରେ, ୧୯୨୩ ମସିହାରେ ଏଠାରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଥିଲା। ସେହି ସମୟରେ ସୀମିତ ଆକାରରେ ଆରମ୍ଭ ହୋଇଥିବା ଏହି ଧାର୍ମିକ ଆୟୋଜନ କ୍ରମେ ସହରର ଏକ ବଡ଼ ସାମୂହିକ ଉତ୍ସବରେ ପରିଣତ ହୋଇଥିଲା। ତେବେ ପୂଜା ଆରମ୍ଭ କରିଥିବା ବ୍ୟକ୍ତି, ପ୍ରଥମ ମଣ୍ଡପ ଓ ଆରମ୍ଭର ନିର୍ଦ୍ଦିଷ୍ଟ ଘଟଣା ସମ୍ପର୍କରେ ପ୍ରାମାଣିକ ଐତିହାସିକ ତଥ୍ୟ ଯାଞ୍ଚ କରିବା ଆବଶ୍ୟକ। ଏତେ ଦୀର୍ଘ ସମୟ ଧରି ଏହି ପରମ୍ପରା ଜୀବନ୍ତ ରହିବା ପଛରେ ରହିଛି ସ୍ଥାନୀୟ ଲୋକଙ୍କ ଶ୍ରଦ୍ଧା, ସହଯୋଗ ଓ ମା’ଙ୍କ ପ୍ରତି ଅତୁଟ ବିଶ୍ୱାସ।

## ଆୟୋଜନରେ ବାଧା

ପ୍ରଥମେ ଏହି ପୂଜା ଆଜିର ଗଣେଶ ବଜାର ନିକଟସ୍ଥ କୁଞ୍ଜ ସାହୁ ଛକରେ ଆୟୋଜିତ ହୋଇଥିଲା। ଏହାର ଆରମ୍ଭରେ ବ୍ରଜକିଶୋର ପଟ୍ଟନାୟକ, ନଟବର ଦେବତା, ଗତିକୃଷ୍ଣ ପଟ୍ଟନାୟକଙ୍କ ସମେତ କିଛି ସ୍ଥାନୀୟ ବ୍ୟକ୍ତିଙ୍କ ଭୂମିକା ଥିବା ଐତିହାସିକ ବିବରଣୀରେ ଉଲ୍ଲେଖ ମିଳେ। ସେହି ସମୟରେ ବାଉଁଶ, ପତ୍ର ଓ ପେଟ୍ରୋମାକ୍ସ ଲଣ୍ଠନରେ ପୂଜା ମଣ୍ଡପ ସଜାଯାଉଥିଲା। ପରବର୍ତ୍ତୀ ସମୟରେ କିଛି ବର୍ଷ ପୂଜା ଆୟୋଜନରେ ବାଧା ସୃଷ୍ଟି ହୋଇଥିଲା। ୧୯୪୩ ମସିହାରେ ନଟବର ଦେବତା, ସନାତନ ସାହୁ ଓ ଅନ୍ୟ ସ୍ଥାନୀୟ ବ୍ୟକ୍ତିଙ୍କ ଉଦ୍ୟମରେ ବର୍ତ୍ତମାନର ମୀନା ବଜାର, ଯାହା ପୂର୍ବରୁ ମାଝିଗଡ଼ ନାମରେ ପରିଚିତ ଥିଲା, ସେଠାରେ ପୂଜା ପୁନର୍ବାର ଆରମ୍ଭ ହୋଇଥିଲା। ଏହା ପରେ ଧୀରେ ଧୀରେ ଅନ୍ୟ ବଜାର ଓ ଛକଗୁଡ଼ିକରେ ମଧ୍ୟ ପୂଜା ମଣ୍ଡପ ଗଢ଼ିଉଠିଲା।

## ୧୧ ଦିନ ଧରି ପାଳନ କରାଯାଏ ଉତ୍ସବ

ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜା ଅନ୍ୟ ସ୍ଥାନର ପୂଜାଠାରୁ ଭିନ୍ନ, କାରଣ ଏଠାରେ ଏହା କେବଳ ଗୋଟିଏ ଦିନର ଉତ୍ସବ ନୁହେଁ। ସାଧାରଣତଃ କୁମାର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇ ପ୍ରାୟ ୧୧ ଦିନ ଧରି ଏହି ଉତ୍ସବ ପାଳନ କରାଯାଏ। ସହରର ବିଭିନ୍ନ ବଜାର ଓ ଛକରେ ସୁସଜ୍ଜିତ ମଣ୍ଡପ, ଆକର୍ଷଣୀୟ ତୋରଣ, ଆଲୋକସଜ୍ଜା ଓ ମା’ଙ୍କ ମନୋରମ ମୂର୍ତ୍ତି ଦର୍ଶକଙ୍କୁ ଆକର୍ଷିତ କରେ। ପୂଜା ଅବସରରେ ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ବ୍ୟବସାୟିକ ଆୟୋଜନ ମଧ୍ୟ ହୋଇଥାଏ। ଏହା ସ୍ଥାନୀୟ ଅର୍ଥନୀତିକୁ ଗତିଶୀଳ କରିବା ସହ ଛୋଟ ବ୍ୟବସାୟୀ, କାରିଗର ଓ ଉଦ୍ୟୋଗୀଙ୍କୁ ରୋଜଗାରର ସୁଯୋଗ ଦେଇଥାଏ।

ଆଜି ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜା ଏକ ଧାର୍ମିକ ଆୟୋଜନର ସୀମା ଅତିକ୍ରମ କରି ସହରବାସୀଙ୍କ ଏକତା ଓ ସାମୂହିକ ପରିଚୟର ପ୍ରତୀକ ପାଲଟିଛି। ବିଭିନ୍ନ ପୂଜା କମିଟି, ବ୍ୟବସାୟୀ, ଶିଳ୍ପୀ ଓ ସାଧାରଣ ଲୋକଙ୍କ ସହଯୋଗରେ ଏହି ପରମ୍ପରା ବର୍ଷ ପରେ ବର୍ଷ ଆଗକୁ ବଢୁଛି। ତେଣୁ ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜା କେବଳ ମା’ଙ୍କ ଆରାଧନା ନୁହେଁ; ଏହା ଏକ ଶତାବ୍ଦୀର ଇତିହାସ, ଲୋକଙ୍କ ଅତୁଟ ବିଶ୍ୱାସ, ସଂସ୍କୃତି ଓ ଭାଇଚାରାର ଜୀବନ୍ତ ଗାଥା।



ଦିନଲିପି

୨୭ .୧୦. ୨୦୨୬ ମଙ୍ଗଳବାର

# ବାତ୍ୟା ଅର୍ଣ୍ଣବ ପ୍ରଭାବରେ ବର୍ଷା: ଚିନ୍ତାରେ ଚାଷୀକୁଳ



କୃଷ୍ଣପ୍ରସାଦ(ନିପ୍ର): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ସୋମବାର ରାତ୍ର ୯ ଘଣ୍ଟା ପରଠାରୁ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ଝିପି ଝିପି ବର୍ଷା ଆରମ୍ଭ ହୋଇଛି। ଅଦିନିଆ ବର୍ଷା ଯୋଗୁଁ ଧାନ ଫସଲ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି। ଏକର ଏକର ଚାଷ ଜମିରେ ଧାନ ଫସଲ ବର୍ଷା ଯୋଗୁଁ ନଷ୍ଟ ହୋଇଯିବାର ଆଶଙ୍କା ଥିବାରୁ ଶହଶହ ଚାଷୀ ପରିବାର ଏବେ ଚିନ୍ତାରେ ପଡି ଯାଇଥିବା ଜଣାପଡିଛି। ଆସନ୍ତା ୨୮ ତାରିଖରେ ବାତ୍ୟା ଓଡିଶା ଉପକୂଳ ଛୁଇଁବା ବେଳେ ଭିଷଣ ବର୍ଷା ହେବାର ସମ୍ଭାବନା ଥିବା ନେଇ ସାଧାରଣରେ ପ୍ରଚାର ହେଉଥିବାରୁ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ଚାଷୀ ପରିବାରଗୁଡ଼ିକ ସଂପୂର୍ଣ୍ଣ ରୁପେ ଭାଙ୍ଗି ପଡିଥିବା ବେଳେ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି।ସେହିପରି କୃଷ୍ଣପ୍ରସାଦ ବ୍ଲକ ଅଧିନ ନୂଆପଡା, ବଡ଼ଝାଡ଼, ଗୋମୁଣ୍ଡିଆ, ତିତିପ, ତିଛିଣି, ଅଲଣ୍ଡା, କୃଷ୍ଣପ୍ରସାଦ ଗଡ଼, ସିଆଳ, ସିଆଣ୍ଡି, ବଡଅଁଳ, ବୁଦ୍ଧିବର, ମାଲୁଦ, ବଜ୍ରକୋଟ, ରାମଲେଙ୍କା ପଞ୍ଚାୟତ ଅଧିନ ବିଭିନ୍ନ ଗ୍ରାମର ଚାଷୀମାନେ ଧାନ ଓ ପନିପରିବା ଚାଷ କରି ପରିବାରର ଗୁଜୁରାଣ ମେଣ୍ଟାଉଥିବା ବେଳେ ବାତ୍ୟାଜନିତ ଅଦିନିଆ ବର୍ଷା ଯୋଗୁଁ ସବୁ କିଛି ସବୁଜ ପନିପରିବା ଓ ଧାନ ଚାଷବାସ ନଷ୍ଟ ହୋଇ ଯିବାର ଆଶଙ୍କା ପ୍ରକାଶ ପାଇଛି।ପ୍ରକାଶଥାଉକି ପ୍ରତିବର୍ଷ ଅଦିନିଆ ବର୍ଷା ସାଙ୍ଗକୁ ଦୈବୀଦୁର୍ବିପାକ ଚାଷୀମାନଙ୍କ ମେରୁଦଣ୍ଡ ଦୋହଲାଇ ଦେଉଥିବା ବେଳେ ଚଳିତ ବର୍ଷ ସାମ୍ଭାବ୍ୟ ବାତ୍ୟାକୁ ନେଇ ଅଞ୍ଚଳବାସୀ ଓ ଚାଷୀମାନଙ୍କ ମନରେ ଛନକା ପଶିଥିବା ଜଣାଯାଇଛି। ବାତ୍ୟା ପାଇଁ ସତର୍କ ରହିବାକୁ ଜିଲ୍ଲାପ୍ରଶାସନ ବ୍ଲକ ପ୍ରଶାସନ କୁ ତାଗିଦ କରିଛି। ସମସ୍ତ କର୍ମଚାରୀଙ୍କ ଛୁଟିକୁ ବାତିଲ କରିବା ସହ ନିଜ ନିଜ ଅଫିସ ନ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ୪୫ ଗୋଟି ବାତ୍ୟା ଆଶ୍ରୟ ସ୍ଥଳ, ବିଦ୍ୟାଳୟ ଗୃହ କୁ ଜନସାଧାରଣ ରହିବା ପାଇଁ ପ୍ରସ୍ତୁତ କରାଯାଇଛି। ଆବଶକୀୟ ଖାଦ୍ୟ ପଦାର୍ଥ ମହଜୁଦ ଥିବା ପ୍ରଶାସନ ତରଫରୁ ଜଣାପଡ଼ିଛି। ମାଇକ ଯୋଗେ ଲୋକମାନଙ୍କୁ ସଚେତନ ମଧ କରାଯାଇଛି। ବାଲୁଗାଁ ରୁ କୃଷ୍ଣପ୍ରସାଦ କୁ ଆସୁଥିବା ଯାତ୍ରୀବାହି ଲଞ୍ଚ , ଜହ୍ନିକୁଦା - ସାତପଡା ଚିଲିକାରେ ଯାତାୟତ କରୁଥିବା ଭସାପୋଲ, ଡ଼ଙ୍ଗା ଚଳାଚଳ କୁ ବନ୍ଦ କରାଯାଇଛି। ମତ୍ସ୍ୟଜୀବୀ ମାନଙ୍କୁ ମାଛ ଧରି ଯିବା ପାଇଁ ବାରଣ ମଧ କରାଯାଇଛି।ତେବେ ବାତ୍ୟାକୁ ମୁକାବିଲା କରିବା ପାଇଁ ପ୍ରଶାସନ ପ୍ରସ୍ତୁତ ଥିବା କୃଷ୍ଣପ୍ରସାଦ ମଣ୍ଡଳ ଉନ୍ନୟନ ଅଧିକାରୀ ବିକାଶ କୁମାର ସେଠୀ କହିଛନ୍ତି। କୃଷ୍ଣପ୍ରସାଦ ତହସିଲଦାର ସହଦ୍ଦେ ସାହୁ , ବ୍ଲକ ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, କନିଷ୍ଠ ଯନ୍ତ୍ରୀ ଅମିୟ କୁମାର ପଣ୍ଡା, କନିଷ୍ଠ ଯନ୍ତ୍ରୀ ବେଗା ହାଁସଦା,ସିପି ପ୍ରଭାତ କୁମାର ଜେନା, ବିଭିନ୍ନ ଆଶ୍ରୟ ସ୍ଥଳୀ ପରିଦର୍ଶନ କରି ସତର୍କ କରିଥିବା ଜଣାପଡିଛି । ବ୍ଲକ କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ସାହୁ, କ୍ଷେତ୍ର ପରିଦର୍ଶନ କରି ଚାଷୀ ମାନଙ୍କ ସହ ଆଲୋଚନା କରିଥିବା ଜଣାପଡିଛି ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଦ୍ରକ,(ନିପ୍ର): ତିହିଡି ବ୍ଲକର ରାଜନଗର ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୨୧୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୮୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୮ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡକ୍ରସ ଅଧିନସ୍ତ ୮ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୧୭ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡ଼କ୍ରସ ମାଧ୍ୟମରେ ୮ ଜଣ ଅଭିଯୋଗକାରୀଙ୍କୁ ୬୦୦୦୦ ଟଙ୍କା ମଞ୍ଜୁର କରାଯାଇଛି। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତିହିଡି ବ୍ଲକ ଅଧକ୍ଷା ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଠଗାଁ ବଏଲ ଯାତ୍ରା: ପରମ୍ପରା ସହ ଆଧ୍ୟାତ୍ମିକତାର ପ୍ରତୀକ



କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁନ୍ତରା ଆଠଗାଁ ଛକଠାରେ ରବିବାର ରାତିରେ ଆଞ୍ଚଳିକ ପରମ୍ପରା ଓ ଆଧ୍ୟାତ୍ମିକତାର ପ୍ରତୀକ ପ୍ରସିଦ୍ଧ ୪୩ ତମ ବଏଲ ଯାତ୍ରା ଆଡ଼ମ୍ବର ସହ ଉଦ୍‌ଯାପିତ ହୋଇଯାଇଛି। କୁମାର ପୂର୍ଣ୍ଣିମା ତିଥିରେ ଅନୁଷ୍ଠିତ ହେଉଥିବା ଏହି ବଏଲ ଯାତ୍ରା ପାଇଁ ସମଗ୍ର ଅଞ୍ଚଳରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ଆଖପାଖ ଅଞ୍ଚଳ ତଥା ଦୂରଦୂରାନ୍ତରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଉପସ୍ଥିତି ବଏଲ ଯାତ୍ରାକୁ ଅଧିକ ଋଦ୍ଧିମନ୍ତ କରିଥିଲା। ଭକ୍ତମାନେ ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଇଙ୍କ ଦିବ୍ୟ ଦର୍ଶନ ଲାଭ ପାଇଁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। କୁଚିଣ୍ଡା ଦଶହରା ଓ ଦୁର୍ଗାପୂଜାରେ ଲାଗିଥିବା ଦୋକାନୀ ସବୁ ଏହି ବଏଲ ଯାତ୍ରାକୁ ଆସିଥିବାରୁ ପ୍ରବଳ ଜନସମାଗମ ହୋଇଥିଲା। ପୂଜକ କେଶବବାରିକ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ମଧରାତ୍ର ରାତ୍ରୀ ଅର୍ଥାତ୍ ୧୨ଟାରେ ମା’ସମଲେଇ ରାଜେନ୍ଦ୍ର ନାଏକ (ବରୁଆ)ଙ୍କ ଦେହରେ ସବାର ହୋଇ ନଗର ଭ୍ରମଣ କରିଥିଲେ। ମା’ ସମଲେଇ ମନ୍ଦିରରୁ ବାହାରିବା ସମୟରେ ମାନସିକ ପାଇଁ ବହୁ ସଂଖ୍ୟକ ଭକ୍ତ ଅଧିଆ ପଡ଼ି ମା’ଙ୍କ ଆଶିର୍ବାଦ ନେଇଥିଲେ।

## କଳାହାଣ୍ଡି ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ଆରମ୍ଭ ଅଧିକାରୀଙ୍କୁ ସାଧୁତାର ଶପଥ ପାଠ କରାଇଲେ ଜିଲ୍ଲାପାଳ

ଭବାନୀପାଟଣା,(ନି.ପ୍ର): ଓଡ଼ିଶା ସରକାର ତଥା ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ସରକାରୀ କାର୍ଯ୍ୟରେ ସଚ୍ଚୋଟତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱବୋଧକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜିଠାରୁ କଳାହାଣ୍ଡି ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ଆରମ୍ଭ ହୋଇଛି। ଏହି ଅବସରରେ ଲାଞ୍ଜିଗଡ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିରରେ ଯୋଗଦେଇଥିବା ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ସାଧୁତାର ଶପଥ ପାଠ କରାଇଥିଲେ। ସେହିପରି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଏଥିସହ ଜିଲ୍ଲାର ସଦର ମହକୁମା, ଉପଖଣ୍ଡ ଓ ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ମଧ ଅଧିକାରୀ ଓ କର୍ମଚାରୀମାନେ ସାଧୁତାର ଶପଥ ଗ୍ରହଣ କରି ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା, ନୈତିକତା ଓ ନିଷ୍ଠା ବଜାୟ ରଖିବା ସହ ଦୁର୍ନୀତିମୁକ୍ତ ପ୍ରଶାସନ ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି । ସୂଚନାଯୋଗ୍ୟ ଯେ, ସାତ ଦିନବ୍ୟାପୀ ଏହି ସଚେତନତା ସପ୍ତାହ ପାଳନ ଅବସରରେ ଦୁର୍ନୀତିର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ସମାଜରେ ସଚ୍ଚୋଟତା ଓ ନୈତିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ନିମନ୍ତେ ଜିଲ୍ଲାବ୍ୟାପୀ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

## ଧାନ ଫସଲରେ ପତ୍ର ପୋଡ଼ା ରୋଗ କ୍ଷେତ୍ର ପରିଦର୍ଶନ କଲେ କୃଷି ଅଧିକାରୀ



ପିପିଲି,(ନିପ୍ର): ବଳଙ୍ଗା ଅଞ୍ଚଳର ବିଭିନ୍ନ ପଞ୍ଚାୟତ ଗହୀରମାନଙ୍କରେ ଧାନ ଫସଲରେ ପତ୍ର ପୋଡ଼ା ରୋଗ ବ୍ୟାପିଛି। ସୋମବାର ପୂର୍ବାହ୍ନରେ ନିମାପଡା କୃଷି ବିଭାଗର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ନିମାପଡା ବ୍ଲକ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟିଙ୍କ ନେତୃତ୍ୱରେ ସହକାରୀ ଅଧିକାରୀ ଶ୍ରୀକାନ୍ତ ବଡେଇ, ପୀୟୂଷ ବଲ୍ଲଭ ପରିଡା ପ୍ରମୁଖ ଆଜି ନରୁଡା ଗ୍ରାମ, ଉଛୁପୁର, କୋଳିତଳ, କୋଟକୁସାଙ୍ଗ, ବଳଙ୍ଗା, ପାର୍ବତୀପୁର, ଦଣ୍ଡିପୁର ରେସିଙ୍ଗା, ଧନୁଆ, ତୋରିହଁ ବନ୍ଧ, ଗୋପୀନାଥପୁର ତେରହଳ, ବାଲିଆ ଭଳି ଅନେକ ଗ୍ରାମକୁ ଆସି ଗହିର ବିଲକୁ ଯାଇ ଧାନ ଫସଲକୁ ଦେଖି ରୋଗପୋକ ସ୍ଥିତି ଅନୁଧ୍ୟାନ କରିଥିଲେ। ଅନୁଧ୍ୟାନ ସମୟରେ ଫସଲରେ ୩ପ୍ରକାର ରୋଗ ଲାଗିଥିବା ନେଇ ଜାଣିବାକୁ ପାଇଥିଲେ। ପରେ ରୋଗର ପ୍ରତିକାର ପାଇଁ ଔଷଧ ସମ୍ପର୍କରେ ଉପସ୍ଥିତ ଥିବା ଚାଷୀ ମାନଙ୍କ ସହିତ ଫୁଙ୍ଖାନୁ ଫୁଙ୍ଖ ଭାବେ ଆଲେଚନା କରିଥିଲେ।

## ରାଷ୍ଟ୍ରୀୟ ଏକତା ଦିବସ ପାଇଁ କେଭାଡିଆ ଅଭିମୁଖେ ଯାତ୍ରା କଲେ ନୟାଗଡ଼ର ୫୦ ଜଣିଆ ଟିମ




ନୟାଗଡ଼(ନିପ୍ର): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଆସନ୍ତା ଅକ୍ଟୋବର ୩୦-୩୧ ତାରିଖରେ ଗୁଜରାଟର କେଭାଡିଆଠାରେ ପାଳିତ ହେବାକୁ ଥିବା ରାଷ୍ଟ୍ରୀୟ ଏକତା ଦିବସ-୨୦୨୬ରେ ଯୋଗଦେବା ପାଇଁ ନୟାଗଡ଼ ଜିଲ୍ଲାରୁ ୫୦ ଜଣିଆ ଏକ ଟିମ୍ କେଭାଡିଆ ଅଭିମୁଖେ ଯାତ୍ରାରମ୍ଭ କରିଛନ୍ତି। ଏହି ଅବସରରେ ନୟାଗଡ଼ ନୂଆ ବସ୍‌ଷ୍ଟାଣ୍ଡଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ କନ୍ଧମାଳ, ସୁକାନ୍ତ କୁମାର ପାଣିଗ୍ରହୀ ଜିଲ୍ଲାପାଳ ମଧୁମିତା ରଥ, ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତି ରଞ୍ଜନ ସାମନ୍ତରାୟ, ଡେପୁଟି କଲେକ୍ଟର ପ୍ରିୟଙ୍କା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଏବଂ ପୋଲିସ ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଟିମ୍ ସୋମବାର ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି ଏବଂ ଟ୍ରେନ ମାଧ୍ୟମରେ ଗୁଜୁରାଟ ଅଭିମୁଖେ ଯାତ୍ରା କରିବେ। ଏହି ୫୦ ଜଣିଆ ଟିମ୍ ସହ ୨ ଜଣ ନୋଡାଲ ଅଫିସର ମଧ ଜିଲ୍ଲା ପ୍ରଶାସନ ତରଫରୁ ନିୟୋଜିତ କରାଯାଇଛି।

## ମାଲୁଦ ରାଜବଜାରରେ ୩୧ତମ ଗଜଲକ୍ଷ୍ମୀ ପୂଜା

କୃଷ୍ଣପ୍ରସାଦ (ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ରାଜବଜାରରେ ଭକ୍ତିମୟ ପରିବେଶ ମଧ୍ୟରେ ୩୧ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ମା’ ଦୁର୍ଗାଦେବୀ ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ଏହି ପୂଜା ତିନିଦିନ ଧରି ଚାଲିବ ବୋଲି ସଂଘର ସକ୍ରିୟ ସଦସ୍ୟମାନେ ସୂଚନା ଦେଇଛନ୍ତି। ସଂଘର ସଭାପତି ରାମଚନ୍ଦ୍ର ବୈରୀଗଞ୍ଜନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ଚାଲିଛି। ମା’ ଗଜଲକ୍ଷ୍ମୀଙ୍କ ଆରାଧନା ପାଇଁ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।ଏହି ପୂଜାର ଆୟୋଜନରେ ସଂଘର ସମ୍ପାଦକ ସନ୍ୟାସୀ ବିଶ୍ୱାଳ, ଉପସଭାପତି ବାଲୁଙ୍କି ବିଶ୍ୱାଳ, କୋଷାଧକ୍ଷ ଶେଖ୍ ନବିଙ୍କ ସମେତ ସଦସ୍ୟ ରାମଚନ୍ଦ୍ର ପୃଷ୍ଟି, ଲକ୍ଷ୍ମୀଚରଣ ବିଶ୍ୱାଳ, ସିମାଞ୍ଚଳ ଜେନା ଓ ଭିକାରି ଚରଣ ଜେନା ପ୍ରମୁଖ ସହଯୋଗ କରୁଛନ୍ତି।

## ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଶପଥ ପାଠ

ନୟାଗଡ(ନିପ୍ର): ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ସଦଭାବନା ସଭା ଗୃହ ଠାରେ ଦୁର୍ନୀତି ନିବାରଣ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଡେପୁଟି କଲେକ୍ଟର, ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଦେଶର ପ୍ରଗତି ପାଇଁ ଦୁର୍ନୀତି ବିରୋଧରେ ଲଢ଼ିବାକୁ ସଂକଳ୍ପ ନେଇଥିଲେ ।

## ଖୋର୍ଦ୍ଧାରୋଡ୍ ମଣ୍ଡଳରେ ସତର୍କତା ସଚେତନତା ସପ୍ତାହ

ଜଟଣୀ(ନିପ୍ର): ସତର୍କତା ସଚେତନତା ସପ୍ତାହ-୨୦୨୬ ପାଳନ ଅବସରରେ ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନିଲ ମଣ୍ଡଳର ଅଧିକାରୀ ଓ କର୍ମଚାରୀମାନଙ୍କୁ ସତର୍କତା ଶପଥ ପାଠ କରାଇଥିଲେ। ଏହି ଶପଥ ଗ୍ରହଣ ସମାରୋହରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ରାଜଧାରୀ ଯାଦବ, ବିଭିନ୍ନ ଶାଖାର ଅଧିକାରୀ, ବରିଷ୍ଠ ଅଧିକାରୀ ଓ ମଣ୍ଡଳର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଶପଥ ଗ୍ରହଣ ମାଧ୍ୟମରେ ରେଳ କର୍ମଚାରୀମାନେ ସଚ୍ଚୋଟତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ସହ ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତି ପାଇଁ ଦୁର୍ନୀତିର ମୂଳୋତ୍ପାଟନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ।ଚଳିତ ବର୍ଷ ଅକ୍ଟୋବର ୨୬ରୁ ନଭେମ୍ବର ୧ ପର୍ଯ୍ୟନ୍ତ "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ବିଷୟବସ୍ତୁକୁ ଆଧାର କରି ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି।

## ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି

ଭବାନୀପାଟଣା, (ନି.ପ୍ର): ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରି ସେଗୁଡ଼ିକର ତ୍ୱରିତ ଓ ନ୍ୟାୟସଙ୍ଗତ ସମାଧାନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ବିଭିନ୍ନ ସମସ୍ୟାର ସମାଧାନ ଆଶାରେ ଆସିଥିବା ଅଭିଯୋଗକାରୀମାନେ ନିଜ ନିଜର ସମସ୍ୟା ଓ ଅଭିଯୋଗକୁ ଜିଲ୍ଲାପାଳ ନିକଟରେ ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ଅଭିଯୋଗଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରିବା ସହ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଆବଶ୍ୟକ ତଦନ୍ତ ଓ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୪୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୯ଟି ଗ୍ରାମ୍ୟ ଓ ସାମୂହିକ ଅଭିଯୋଗ ରହିଥିଲା।

## 'ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ ପ୍ରତିବନ୍ଧକ'

କଟକ(ନିପ୍ର): ଦୁର୍ନୀତି ନିବାରଣ ସପ୍ତାହ -୨୦୨୬ ପାଳନ ଅବସରରେ ସୋମବାର ପୂର୍ବାହ୍ନରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ସାଧୁତାର ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହାନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହି ଶପଥପାଠ କରାଇଥିଲେ । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଦେଶର ପ୍ରଗତି ପାଇଁ ଦୁର୍ନୀତି ବିରୋଧରେ ଲଢ଼ିବାକୁ ସଂକଳ୍ପ ନେଇଥିଲେ । ଶପଥପତ୍ରରେ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ ପ୍ରତିବନ୍ଧକ ବୋଲି ଉଲ୍ଲେଖ ରହିଛି। ପ୍ରତ୍ୟେକ ନାଗରିକ ସବୁ ସମୟରେ ସତର୍କତାର ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୁଦ୍ଧରେ ସଂଗଠିତ ସଂଗ୍ରାମକୁ ସମର୍ଥନ କରିବା ଆବଶ୍ୟକ। ଏଥିସହ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସମସ୍ତ ଅଂଶୀଦାର ଯଥା ସରକାର, ନାଗରିକ ସମୁଦାୟ ଓ ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ। ଅକ୍ଟୋବର ୨୬ ତାରିଖଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯିବା ନିମନ୍ତେ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ ସ୍ଥିରୀକୃତ କରି ଏ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଅଗବତ କରାଇଛନ୍ତି।



ଡେରାବିଶର ଦୁମୁକାହାଟ ଠାରେ 'ମା' ଗଜଲକ୍ଷ୍ମୀ ପୂଜା କମିଟି (ଦୁମୁକାହାଟ) ଆନୁକୂଲ୍ୟରେ ୫ଦିନ ବ୍ୟାପି ଲକ୍ଷ୍ମୀପୂଜା

## ରାଜ୍ୟ ପୋଲିସ ମୁଖ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

କଟକ(ନିପ୍ର): ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ପାଳନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବରିଷ୍ଠ ପୋଲିସ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ରହି ଦୁର୍ନୀତି ନିବାରଣ, ସାଧୁତା ଓ ସଚ୍ଚୋଟତା ବଜାୟ ରଖିବା ପାଇଁ ଶପଥ ଗ୍ରହଣ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଏସ. କେ. ପ୍ରିୟଦର୍ଶୀ ଉପସ୍ଥିତ ରହି ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଶପଥ ଗ୍ରହଣ ସମୟରେ, ସାଧାରଣ ଜୀବନ ଓ ସରକାରୀ ସେବାରେ ସ୍ୱଚ୍ଛତା, ସଚ୍ଚୋଟତା, ସାଧୁତା ଏବଂ ଉତ୍ତରଦାୟିତ୍ୱ ବଜାୟ ରଖିବା ସହିତ ଦୁର୍ନୀତି ବିରୋଧରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ସଂକଳ୍ପ ନିଆଯାଇଥିଲା। ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ନିଷ୍ଠାର ସହ ଦାୟିତ୍ୱ ସମ୍ପାଦନ କରି ଏକ ଦୁର୍ନୀତିମୁକ୍ତ ପ୍ରଶାସନ ଗଠନ ପାଇଁ ପ୍ରତ୍ୟେକ କର୍ମଚାରୀ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଏହି ସଚେତନତା ସପ୍ତାହ ମାଧ୍ୟମରେ ଆହ୍ୱାନ ଦିଆଯାଇଛି।

### ଚୂଡ଼ାଖାଇ ଡ଼ଙ୍ଗର ମହୋତ୍ସବ ଉଦ୍‌ଯାପିତ

# ଐତିହ୍ୟ, ସଂସ୍କୃତି, ପରମ୍ପରା, ପ୍ରଥାକୁ ଅକ୍ଷୁଣ୍ଣ ରଖିବା ନେଇ ଅଞ୍ଚଳବାସୀଙ୍କୁ ନିବେଦନ

ତରଭା, (ନି.ପ୍ର) : ଆମ ଏଇ ମାଟି ତଥା ଚୁଡାଖାଇ ପର୍ବକୁ ଲୋକାଭିମୁଖୀ ଏବଂ ଏହାର ଐତିହ୍ୟ, ସଂସ୍କୃତି, ପରମ୍ପରା, ପ୍ରଥାକୁ ଅକ୍ଷୁର୍ଣ ରଖିବା ପାଇଁ ଅଞ୍ଚଳବାସୀଙ୍କୁ ନିବେଦନ କରିଥିଲେ ମୁଖ୍ୟ ଅତିଥି ତହସିଲଦାର ଶ୍ୱେତାଲିନା ମହାଣା। ପର୍ଯ୍ୟଟନସ୍ଥଳୀ ଚୂଡ଼ାଖାଇ ଡ଼ଙ୍ଗରପାଦ ଦେଶରେ ୩ ଦିନ ଧରି ଚାଲିଥିବା ଚୂଡ଼ାଖାଇ ଡ଼ଙ୍ଗର ଲୋକମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଚୂଡ଼ା ଖାଇ ଡ଼ଙ୍ଗର ଯାତ୍ରାର ମୁଖ୍ୟ ଉତ୍ସବ ତୁଲୁଣ୍ଡା ଗାଁ ସ୍ଥିତ ପୁଡ଼ାପାଟ, ସିଙ୍ଗେର ପାଟ ଓ କୁଟଶିରା ଗ୍ରାମ ପୀଠରେ ମା’ ସ୍ୱର୍ଗାସନୀ ଏବଂ ସୁଦର୍ଶନ ରୁପି ପ୍ରତ୍ୟକ୍ଷ ଦେବୀ ମା ବାଉତିଙ୍କୁ ସମାଜର ପାରମ୍ପରିକ ରୀତିନୀତିରେ ପୂଜା ଅର୍ଚ୍ଚନା କରାଯାଇଥିଲା। ପରେ ଦେହୁରି, ଝାଙ୍କର, ଛତ୍ର ବୈରଗ ସହ ଦେବୀଙ୍କ ବରୁଆ ଗ୍ରାମ ପରିକ୍ରମା କରିଥିଲେ । ଉଭୟ ଗ୍ରାମର ମଝିରେ ଥିବା ମୁଣ୍ଡଖିଆ ଟାଙ୍ଗରରେ ଏକତ୍ରିତ ହୋଇ ଚୂଡ଼ାଖାଇ ପାହାଡ଼ ଶିଖରକୁ ଚଢିଥିଲେ । ପାହାଡ଼ ଶିଖରରେ ଥିବା ପୁଡାପାଟଙ୍କ ସହ ସମସ୍ତ ଦେବାଦେବୀଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପୂଜା କରାଯାଇ ମାନସିକଧାରୀ ନେଇଥିବା ବଳି ବୋଦା ଦିଆଯାଇ ଥିଲା। ପୀଠରୁ ସମସ୍ତେ ସୂର୍ଯ୍ୟ ଉଇଁବା ପୂର୍ବରୁ ପାହାଡ ତଳ ମୁଣ୍ଡଖିଆ ଟାଙ୍ଗରକୁ ଫେରି ଆସିଥିଲେ। ଉଦ୍‌ଯାପନୀ ସାଂସ୍କୃତିକ ସନ୍ଧ୍ୟାରେ ମୁରାସୁର ଦରବାର ହୋଇଥିବା ବେଳେ ଅଞ୍ଚଳର କୁନି କଳାକାର, ଶିଶୁ ପ୍ରତିଭାଙ୍କର ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଲୋକଙ୍କ ମନୋରଞ୍ଜନ ପାଇଁ ଅଭିନେତ୍ରୀ ରିୟା ଦେ, ପୁରୀର ମାଳ ଖାମ ୟୁନାଇଟେଡ଼ ଗ୍ରୁପ, ବଲାଙ୍ଗୀରର ଘୁମୁରା କଳା ପରିଷଦ, ଫୁଲବାଣୀର ପାଇକ ଆଖଡ଼ା ଆଦି ପରିବେଷିତ ହୋଇଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ମହୋତ୍ସବକୁ ଆସିଥିବା ଅତିଥି କଳାକାର ମୁରାସୁର ଦରବାରରେ ନୃତ୍ୟଙ୍ଗନା ? ହାସ୍ୟ କଳାକାରଙ୍କ କଳାରେ ଦର୍ଶକମାନେ ବିଭୋର ହୋଇଥିଲେ। ମହୋତ୍ସବକୁ ସଫଳ ନେଇ ତୁଲୁଣ୍ଡା ସରପଞ୍ଚ ତଥା ମହୋତ୍ସବ କମିଟି ସଭାପତି ଉମା ସାହୁଙ୍କ ସହ ଆବାହକ ତରଭା ବିଡ଼ିଓ ଶିବାନନ୍ଦ କର୍ମୀ, ମୁଖ୍ୟ ଅତିଥି ତହସିଲଦାର ଶ୍ୱେତାଲିନା ମହାଣା, ସମ୍ମାନିତ ଅତିଥି ଅତିରିକ୍ତ ତହସିଲଦାର ଦୀପ୍ତି ମୟୀ ଭୁଏ, ଅତିରିକ୍ତ ତହସିଲଦାର ସେଲିନା ପ୍ରିୟ ଦର୍ଶନୀ ମଲ୍ଲିକ, କମିଟି ସମ୍ପାଦକ ଦୁବୁଲା ସରପଞ୍ଚ ଆର୍ତ୍ତ ତ୍ରାଣ ବଗର୍ତି, ଲକ୍ଷେ ଘର ଗଣ୍ଡା ସମାଜ ସଭାପତି ସୁଶୀଲ ମଲ୍ଲିକ, ପ୍ରକାଶ ହରିପାଳପ୍ରମୁଖ ମଂଚାସୀନ ରହି ମତବ୍ୟକ୍ତ କରିଥିଲେ। ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେରଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ଏବଂ କମିଟିର ସଦସ୍ୟ ଓ ଆଗ୍ରହି ବହୁ ସଦସ୍ୟ ସହଯୋଗ ପୂର୍ବକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏଥି ସହିତ ପୋଲିସ ପ୍ରଶାସନ, ଅଗ୍ନିସମ ବିଭାଗ, ଡାକ୍ତରି ଟିମ ପ୍ରମୁଖଙ୍କ ବିଶେଷ ଭୂମିକା ଥିଲା । ବିଶିଷ୍ଟ ଉଦ୍ଘୋଷକ ମାନଭଞ୍ଜନ ମିଶ୍ର ସଭା ପରିଚାଳନା ଏବଂ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।



ତିଥି :(ପ୍ରତିପଦ/ଦ୍ୱିତୀୟା): (ଦ୍ୱିଜା ମେଷ)
ଅମୃତ ବେଳା: ଦିବା ଘ ୬।୩୭ ମଧ୍ୟେ ଘ୭।୨୫ ଗତେ

## ଆଜିର ଅନୁଚିନ୍ତନ

ଯେଉଁ ସୁଖ ଆରମ୍ଭରେ ବିଷତୁଲ୍ୟ ଓ ପରିଣାମରେ ଅମୃତତୁଲ୍ୟ, ତାହାକୁ ସାତ୍ତ୍ୱିକ ସୁଖ କୁହାଯାଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଡାଟାସେଣ୍ଟର ପାଇଁ ସତର୍କତା

ନୂଆ ଭାରତ ନିର୍ମାଣରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟର ଏକ ସ୍ମାରକୀ। ଓଡ଼ିଶାର ଖୋର୍ଦ୍ଧା ନିକଟସ୍ଥ ଇନ୍‌ଫୋଭ୍ୟାଲି-୨ ଠାରେ ୨୫ ଅକ୍ଟୋବରରେ ଏହାକୁ ଲୋକାର୍ପଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହା ସାଙ୍ଗକୁ ଉଦ୍‌ଘାଟନ କରିଛନ୍ତି ସାଇବର ସିକ୍ୟୁରିଟି ଟ୍ରେନିଂ ସେଣ୍ଟର। ଏପରି ଲୋକାର୍ପଣର କିଛି ଦିନ ପୂର୍ବରୁ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ପ୍ରାୟ ୪ହଜାର ଗ୍ରାହକଙ୍କ ତଥ୍ୟ ଚୋରି ଅଭିଯୋଗ ଆସିଥିଲା, ଏହାର ସତ୍ୟତା ଓ ମିଥ୍ୟା କେତେ ସେ ସଂପର୍କରେ ଜନସାଧାରଣରେ ସ୍ୱଷ୍ଟ ଖବର ଏଯାବତ୍ ନାହିଁ। ଯଦି ସତ ହୋଇଥାଏ ତେବେ ଦେଶର ଏକ ପ୍ରମୁଖ ବ୍ୟାଙ୍କିଂ ପ୍ରତିଷ୍ଠାନରେ କିପରି ଏଭଳି ତଥ୍ୟ ଚୋରି ଘଟିଲା, ଏହାଦ୍ୱାରା ଅସାଧୁ ବ୍ୟକ୍ତିଙ୍କ ହାବୁଡ଼ରେ ସଂପୃକ୍ତ ଗ୍ରାହକଙ୍କ ତଥ୍ୟ ଆଧାରରେ କିଛି ଶୋଷଣ ଅବା ନିର୍ଯାତନା ଦିଆଯିବା ଆଶଙ୍କା ରହିଛି କି, ଏପରି କଳ୍ପନାଜଳ୍ପନା ଜାଗ୍ରତ ହେବା ଅମୂଳକ ନୁହେଁ ବୋଲି ବିଚାରିବାକୁ ହେବ।

ଦେଶରେ ସୂଚନାକ୍ରାନ୍ତିର ସୁବିଧା ନାଗରିକଙ୍କ ନିକଟରେ ଠିକଣା ଭାବରେ ପହଞ୍ଚିବା ଦରକାର। ସାଇବର ଆକ୍ରମଣକାରୀଙ୍କ କବଳରୁ ସୁରକ୍ଷା ମିଳିବା ନିତାନ୍ତ ଆବଶ୍ୟକ। ଖୋର୍ଦ୍ଧାଠାରେ ଲୋକାର୍ପିତ ଡାଟା ସେଣ୍ଟର ଡିଜିଟାଲର ଉଦ୍ଦେଶ୍ୟ ଦେଶର ଅର୍ଥନୀତି ପ୍ରଣାଳିକୁ ଉଚିତ ପ୍ରଯୁକ୍ତି ଭିତ୍ତିଭୂମି ଆଧାରରେ ସୁଦୃଢ଼ କରିବା। ଭାରତୀୟ ରିଜର୍ଭ ବ୍ୟାଙ୍କର ସୁରକ୍ଷିତ କମ୍ପ୍ୟୁଟିଂ ଭିତ୍ତିଭୂମିକୁ ନିର୍ଭରଯୋଗ୍ୟ ତଥା ଦକ୍ଷ ସେବା ଯୋଗାଣ ଲାଗି ଏହା ଉଦ୍ଦିଷ୍ଟ। ଭୂକମ୍ପପ୍ରବଣ ଜୋନ୍ ଓ ଅନ୍ତର୍ଜାତୀୟ ସୀମାର ଉଚ୍ଚବିପଦାପନ୍ନ ଅଞ୍ଚଳ ସର୍ବୋପରି ବିଶେଷ ପ୍ରାକୃତିକ ବିପର୍ଯ୍ୟୟ ଠାରୁ ସୁରକ୍ଷା ମିଳୁଥିବା ସ୍ଥାନରେ ଉକ୍ତ ସେଣ୍ଟର ନିର୍ମାଣ ନାନା ଦୃଷ୍ଟିରୁ ସୁରକ୍ଷିତ ନିଶ୍ଚୟ ବୋଲି ଆଶା କରିବାକୁ ହେବ। ଏହା ସାଙ୍ଗକୁ ରିଜର୍ଭ ବ୍ୟାଙ୍କର ସାଇବର ସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ ସାଇବର ସିକ୍ୟୁରିଟି ପ୍ରସ୍ତୁତି ତଥା ପ୍ରଯୁକ୍ତି ଆଧାରିତ ସାମର୍ଥ୍ୟକୁ ମଜଭୁତ କରିବାକୁ ଉଦ୍ଦିଷ୍ଟ। ଗୁରୁତ୍ୱପୂର୍ଣ୍ଣ ଦିଗ ଯେ ଉକ୍ତ ବ୍ୟାଙ୍କର କ୍ୟାମ୍ପସ ସାଇବର ନିରାପତ୍ତା, କୃତ୍ରିମ ବୁଦ୍ଧିମତ୍ତା ଓ ଡାଟା ସେଣ୍ଟର ପ୍ରଯୁକ୍ତି କ୍ଷେତ୍ରରେ ବିଶେଷଜ୍ଞମାନଙ୍କୁ ସୃଷ୍ଟି କରିବା, ଗବେଷଣା ଆଗକୁ ନେବା, ସର୍ବୋପରି ସାଇବର ସୁରକ୍ଷା ସର୍ବମତେ ସୁରକ୍ଷା ଦେବା। ଲକ୍ଷ୍ୟ କରାଯାଇଛି ଯେଉଁଠି ଯେତେ ସୁରକ୍ଷା ସେଠାରେ ସାଇବର ଆକ୍ରମଣକାରୀ କୌଣସି ପ୍ରକାରେ ରନ୍ଧ୍ର ଖୋଜି ଭିତରକୁ ଅନୁପ୍ରବେଶ କରିବାକୁ ଅପପ୍ରୟାସ କରିଥାଆନ୍ତି। ଅର୍ଥାତ୍, ଡାଳେ ଡାଳେ ନୁହେଁ ଶିରାରେ ଶିରାରେ ସେମାନେ ରାସ୍ତା ଖୋଜନ୍ତି। ସୁତରାଂ ଏ ଦିଗରେ ଅଣୁମାତ୍ର ଗଳାବାଟ ଯେପରି ନ ଉପୁଜେ ସେଥିପ୍ରତି ଖୁବ୍ ଯତ୍ନଶୀଳ ହେବା ସବୁଠୁ ବଡ଼ ଦାୟିତ୍ୱ। କାରଣ ଆଜିକାଲି ସୂଚନା ପ୍ରଯୁକ୍ତି ସହିତ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ନେଇ ଯେତିକି ଆଶା ସଂଚାରିତ ହୋଇଛି, ସେତିକି ଆଶଙ୍କା ମଧ୍ୟ ଦଣ୍ଡାୟମାନ। ଏଆଇକୁ ଆଶା ବାଡ଼ି ଭାବରେ ଉପଯୋଗ କରାଯାଇପାରେ। ଏପରି କି ଲାଠି ଭାବରେ ମଧ୍ୟ ଆକ୍ରମଣ କରାଯାଇପାରେ। ଏଆଇର ମାୟାନଗରର ଭ୍ରମ ଜାଲରେ ବିଭ୍ରମତା ବିପଦକୁ ଆମନ୍ତ୍ରଣ କରିବା ଆଶଙ୍କା ବରାବର ରହିବ। ଏହି ହେତୁ ସତର୍କତା ସର୍ବାଦୌ ଜରୁରୀ।

# ପୁଞ୍ଜିବାଦରେ ଅର୍ଥନୈତିକ ଗଣତନ୍ତ୍ର ସମ୍ଭବ କି ?

ଅସିତ ମହାନ୍ତି

**ଶିଳ୍ପ ବିପ୍ଳବ ପରେ, ୟୁରୋପ ଏବଂ ଆମେରିକାର ଶିଳ୍ପପତିମାନେ ବିପୁଳ ସମ୍ପତ୍ତି ସଂଗ୍ରହ କରିଥିଲେ। ଉତ୍ପାଦନ କ୍ଷମତା ବୃଦ୍ଧି ପାଇଥିଲେ ମଧ୍ୟ, ଶ୍ରମିକ ଶୋଷଣ, ଅସମାନ ମଜୁରି ଏବଂ ଖରାପ କାର୍ଯ୍ୟ ପରିସ୍ଥିତିର ସମସ୍ୟା ମଧ୍ୟ ଦେଖାଦେଇଥିଲା। କାରଖାନାରେ ଦୀର୍ଘ କାର୍ଯ୍ୟ ଘଣ୍ଟା, ଶିଶୁ ଶ୍ରମିକ ଏବଂ ସାମାଜିକ ସୁରକ୍ଷାର ଅଭାବ ସାଧାରଣ ଥିଲା। ଗଣତାନ୍ତ୍ରିକ ରାଜନୈତିକ ବ୍ୟବସ୍ଥା ଥିଲା, କିନ୍ତୁ କିଛି ପୁଞ୍ଜିପତିଙ୍କ ହାତରେ ଅର୍ଥନୈତିକ ଶକ୍ତି କେନ୍ଦ୍ରିତ ହୋଇଥିଲା। ଏହା ପ୍ରଶ୍ନ ଉଠାଇଥିଲା: ଯଦି ଜନସାଧାରଣଙ୍କର ଆର୍ଥିକ ସମ୍ବଳ ଉପରେ ନିୟନ୍ତ୍ରଣ ନାହିଁ ତେବେ କେବଳ ରାଜନୈତିକ ଗଣତନ୍ତ୍ର କ'ଣ ଯଥେଷ୍ଟ ?**

ମାନବ ସଭ୍ୟତାର ବିକାଶ ସହିତ, ଅର୍ଥନୈତିକ ବ୍ୟବସ୍ଥାର ରୂପ ମଧ୍ୟ ପରିବର୍ତ୍ତନ ହୋଇଛି। ସାମନ୍ତବାଦ ଥରେ ପ୍ରଭାବଶାଳୀ ଥିଲା, ଯେତେବେଳେ ରାଜ୍ୟ-ନିୟନ୍ତ୍ରିତ ଅର୍ଥନୀତି ଥରେ ପ୍ରଭାବଶାଳୀ ଥିଲା, ଏବଂ ଆଧୁନିକ ଯୁଗରେ, ପୁଞ୍ଜିବାଦ ନିଜକୁ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ଅର୍ଥନୈତିକ ବ୍ୟବସ୍ଥା ଭାବରେ ପ୍ରତିଷ୍ଠିତ କରିଛି। ପୁଞ୍ଜିବାଦ ଅଭୂତପୂର୍ବ ଭାବରେ ଉତ୍ପାଦନ, ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ନବସୃଜନ ଏବଂ ବିଶ୍ୱ ସମୃଦ୍ଧିକୁ ତ୍ୱରାନ୍ୱିତ କରିଛି। ଏହାର ସମର୍ଥକମାନେ ବିଶ୍ୱାସ କରନ୍ତି ଯେ ଏହା ବ୍ୟକ୍ତିଗତ ସ୍ୱାଧୀନତା, ଚତୁରତା ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରେ।

ଅନ୍ୟପକ୍ଷରେ, ସମାଲୋଚକମାନେ ଯୁକ୍ତି ଦିଅନ୍ତି ଯେ ପୁଞ୍ଜିବାଦ ସ୍ୱାଭାବିକ ଭାବରେ ଅସମାନତା ସୃଷ୍ଟି କରେ ଏବଂ କିଛି ହାତରେ ଅର୍ଥନୈତିକ ଶକ୍ତି କେନ୍ଦ୍ରିତ କରେ। ଏହି ପରିପ୍ରେକ୍ଷୀରେ, ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠେ: ପୁଞ୍ଜିବାଦ ଭିତରେ ଅର୍ଥନୈତିକ ଗଣତନ୍ତ୍ର ସମ୍ଭବ କି? ଏପରି ଏକ ବ୍ୟବସ୍ଥା ସୃଷ୍ଟି କରାଯାଇପାରିବ ଯାହା ଆର୍ଥିକ ସୁଯୋଗ, ସମ୍ବଳ ଏବଂ ନିଷ୍ପତ୍ତିରେ ବ୍ୟାପକ ଜନସାଧାରଣଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ସହିତ ବଜାର ସ୍ୱାଧୀନତା ବଜାୟ ରଖିଥାଏ ?

ଧନତନ୍ତ୍ର ହେଉଛି ଏକ ଅର୍ଥନୈତିକ ବ୍ୟବସ୍ଥା ଯେଉଁଥିରେ ଉତ୍ପାଦନର ସାଧନ ବ୍ୟକ୍ତିଗତ ମାଲିକାନା। ବ୍ୟକ୍ତି କିମ୍ବା କମ୍ପାନୀଗୁଡ଼ିକ ପୁଞ୍ଜି ବିନିଯୋଗ କରନ୍ତି, ଉତ୍ପାଦନ କରନ୍ତି ଏବଂ ଲାଭ ଅର୍ଜନ କରନ୍ତି। ବଜାର ଚାହିଦା ଏବଂ ଯୋଗାଣ ଆର୍ଥିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରେ। ଏହି ବ୍ୟବସ୍ଥାର ମୌଳିକ ବିଶ୍ୱାସ ହେଉଛି ଯେ ବ୍ୟକ୍ତିମାନଙ୍କର ଆର୍ଥିକ କାର୍ଯ୍ୟକଳାପରେ ସ୍ୱାଧୀନତା ରହିବା ଉଚିତ ଏବଂ ପ୍ରତିଯୋଗିତା ସମାଜ ପାଇଁ ଅଧିକ ସମୃଦ୍ଧି ସୃଷ୍ଟି କରିବ। ବିପରୀତରେ, ଅର୍ଥନୈତିକ ଗଣତନ୍ତ୍ରର ଅର୍ଥ ହେଉଛି ଅର୍ଥନୀତିର ଲାଭ, ସୁଯୋଗ ଏବଂ ନିଷ୍ପତ୍ତି ନେବାର ଶକ୍ତି କିଛି ବ୍ୟକ୍ତିଙ୍କ ମଧ୍ୟରେ ସୀମିତ ନୁହେଁ ବରଂ ସମଗ୍ର ସମାଜରେ ବଣ୍ଟାଯାଇଛି। ଅର୍ଥନୀତିକ ଗଣତନ୍ତ୍ର ନିଶ୍ଚିତ କରିବାକୁ ଚେଷ୍ଟା କରେ ଯେ ପ୍ରତ୍ୟେକଙ୍କ ପାଇଁ ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନ, ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଆର୍ଥିକ ସୁଯୋଗ ପାଇଁ ସମାନ ପ୍ରବେଶ ରହିବ। ଗଣତନ୍ତ୍ର ଭୋଟ ଦେବାର ଅଧିକାର ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଏଥିରେ ଅର୍ଥନୈତିକ ସମ୍ବଳର ବଣ୍ଟନ ଏବଂ ନିଷ୍ପତ୍ତି ଗ୍ରହଣରେ ଅଂଶଗ୍ରହଣ ମଧ୍ୟ ଅନ୍ତର୍ଭୁକ୍ତ।

ତାତ୍ତ୍ୱିକ ଦୃଷ୍ଟିକୋଣରୁ, ପୁଞ୍ଜିବାଦ ଏବଂ ଅର୍ଥନୀତିକ ଗଣତନ୍ତ୍ର କିଛି ସମାନତା ଅଂଶୀଦାର କରେ। ଉଭୟ ବ୍ୟକ୍ତିଗତ ସ୍ୱାଧୀନତାକୁ ମୂଲ୍ୟ ଦିଅନ୍ତି। ରାଜନୈତିକ ଗଣତନ୍ତ୍ରରେ, ବ୍ୟକ୍ତିମାନଙ୍କର ଭୋଟ ଦେବାର ସ୍ୱାଧୀନତା ଅଛି, ଯେତେବେଳେ ପୁଞ୍ଜିବାଦରେ, ବ୍ୟକ୍ତିମାନଙ୍କର ଆର୍ଥିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାର ସ୍ୱାଧୀନତା ଅଛି। ବ୍ୟକ୍ତିମାନଙ୍କର ବ୍ୟବସାୟ ଆରମ୍ଭ କରିବା, ନିବେଶ କରିବା, ନିଯୁକ୍ତି ବାଛିବା ଏବଂ ନିଜର ଆର୍ଥିକ ନିଷ୍ପତ୍ତି ନେବାର ସ୍ୱାଧୀନତା ଅଛି। ଏହି ଦୃଷ୍ଟିକୋଣରୁ, ପୁଞ୍ଜିବାଦ ଅର୍ଥନୀତିକ ସ୍ୱାଧୀନତାର ଏକ ବାହନ ପରି ମନେହୁଏ। କିନ୍ତୁ ଯେତେବେଳେ ଆର୍ଥିକ ସ୍ୱାଧୀନତା ଏବଂ ଆର୍ଥିକ ସମାନତା ମଧ୍ୟରେ ସନ୍ତୁଳନ ବିଚଳିତ ହୁଏ ସେତେବେଳେ ସମସ୍ୟା ସୃଷ୍ଟି ହୁଏ। ପୁଞ୍ଜିବାଦରେ, ସମ୍ବଳ ବଣ୍ଟନ ମୁଖ୍ୟତଃ ବଜାର-ଭିତ୍ତିକ। ଯେଉଁମାନେ ଅଧିକ ପୁଞ୍ଜି, ଶିକ୍ଷା, ସମ୍ବଳ କିମ୍ବା ସାମାଜିକ ନେଟୱାର୍କ ରଖିଛନ୍ତି ସେମାନଙ୍କର ସଫଳ ହେବାର ସମ୍ଭାବନା ଅଧିକ। ଫଳସ୍ୱରୂପ, ସମୟ ସହିତ, ଧନ ଏବଂ ସମ୍ପତ୍ତି କିଛି ବ୍ୟକ୍ତି କିମ୍ବା କମ୍ପାନୀଙ୍କ ହାତରେ କେନ୍ଦ୍ରିତ ହୋଇଯାଏ। ଏହି ପରିସ୍ଥିତି ଅର୍ଥନୈତିକ ଗଣତନ୍ତ୍ରର ଆଦର୍ଶର ବିପରୀତ ଦେଖାଯାଉଛି।

ଇତିହାସ ଏହି ସତ୍ୟକୁ ନିଶ୍ଚିତ କରେ। ଶିଳ୍ପ ବିପ୍ଳବ ପରେ, ୟୁରୋପ ଏବଂ ଆମେରିକାର ଶିଳ୍ପପତିମାନେ ବିପୁଳ ସମ୍ପତ୍ତି ସଂଗ୍ରହ କରିଥିଲେ। ଉତ୍ପାଦନ କ୍ଷମତା ବୃଦ୍ଧି ପାଇଥିଲେ ମଧ୍ୟ, ଶ୍ରମିକ ଶୋଷଣ, ଅସମାନ ମଜୁରୀ ଏବଂ ଖରାପ କାର୍ଯ୍ୟ ପରିସ୍ଥିତିର ସମସ୍ୟା ମଧ୍ୟ ଦେଖାଦେଇଥିଲା। କାରଖାନାରେ ଦୀର୍ଘ କାର୍ଯ୍ୟ ଘଣ୍ଟା, ଶିଶୁ ଶ୍ରମିକ ଏବଂ ସାମାଜିକ ସୁରକ୍ଷାର ଅଭାବ ସାଧାରଣ ଥିଲା। ଗଣତାନ୍ତ୍ରିକ ରାଜନୈତିକ ବ୍ୟବସ୍ଥା ଥିଲା, କିନ୍ତୁ କିଛି ପୁଞ୍ଜିପତିଙ୍କ ହାତରେ ଅର୍ଥନୈତିକ ଶକ୍ତି କେନ୍ଦ୍ରିତ ହୋଇଥିଲା। ଏହା ପ୍ରଶ୍ନ ଉଠାଇଥିଲା: ଯଦି ଜନସାଧାରଣଙ୍କର ଆର୍ଥିକ ସମ୍ବଳ ଉପରେ ନିୟନ୍ତ୍ରଣ ନାହିଁ ତେବେ କେବଳ ରାଜନୈତିକ ଗଣତନ୍ତ୍ର କ'ଣ ଯଥେଷ୍ଟ ?

ବିଂଶ ଶତାବ୍ଦୀରେ, ଏହି ସମସ୍ୟାର ସମାଧାନ ଖୋଜିବା ପାଇଁ ବିଭିନ୍ନ ପରୀକ୍ଷଣ କରାଯାଇଥିଲା। ଅନେକ ଦେଶରେ ଶ୍ରମିକଙ୍କ ଅଧିକାରକୁ ଆଇନଗତ ସୁରକ୍ଷା ଦିଆଯାଇଥିଲା। ସର୍ବନିମ୍ନ ମଜୁରି, ସାମାଜିକ ସୁରକ୍ଷା, ବାଣିଜ୍ୟ ସଂଘ ଏବଂ କଲ୍ୟାଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା। ଏହି ପଦକ୍ଷେପଗୁଡ଼ିକ ପୁଞ୍ଜିବାଦକୁ ବିଲୋପ କରିବା ପାଇଁ ନୁହେଁ, ବରଂ ଏହା ମଧ୍ୟରେ ଅର୍ଥନୈତିକ ଗଣତନ୍ତ୍ରର ଉପାଦାନଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ବିଶେଷକରି ସ୍ୱିଡେନ, ନରୱେ ଏବଂ ଡେନମାର୍କ ଭଳି ସ୍କାଣ୍ଡିନେଭିୟାନ୍ ଦେଶଗୁଡ଼ିକ ଏକ ବଜାର-ଭିତ୍ତିକ ଅର୍ଥନୀତି ଏବଂ ବ୍ୟାପକ ସାମାଜିକ କଲ୍ୟାଣକୁ ଏକତ୍ର କରିବାକୁ ଚେଷ୍ଟା କରିଛନ୍ତି। ତଥାପି, ସମାଲୋଚକମାନେ ଯୁକ୍ତି ଦିଅନ୍ତି ଯେ ଏହି ସମାଧାନଗୁଡ଼ିକ ଆଂଶିକ। ସେମାନେ ବିଶ୍ୱାସ କରନ୍ତି ଯେ ପୁଞ୍ଜିବାଦର ପ୍ରକୃତି ଲାଭ ଉପାର୍ଜନ ଉପରେ ଆଧାରିତ। ଯେତେବେଳେ ଏକ ବ୍ୟବସ୍ଥାର କେନ୍ଦ୍ରୀୟ ଉଦ୍ଦେଶ୍ୟ ଲାଭ ସର୍ବାଧିକ ହୁଏ, ସାମାଜିକ ନ୍ୟାୟ ଏବଂ ସମାନତା ସ୍ୱାଭାବିକ ଭାବରେ ପଛରେ ପଡ଼ିଯାଏ। ବଡ଼ ବଡ଼ କର୍ପୋରେସନଗୁଡ଼ିକ ମଧ୍ୟ ସେମାନଙ୍କର ଆର୍ଥିକ ପ୍ରଭାବ ମାଧ୍ୟମରେ ରାଜନୈତିକ ନିଷ୍ପତ୍ତିଗୁଡ଼ିକୁ ପ୍ରଭାବିତ କରିପାରିବେ। ନିର୍ବାଚନୀ ଦାନ, ଲବିଂ ଏବଂ ଗଣମାଧ୍ୟମ ନିୟନ୍ତ୍ରଣ ମାଧ୍ୟମରେ ଆର୍ଥିକ ଶକ୍ତି ରାଜନୈତିକ ଶକ୍ତିରେ ପରିଣତ ହେବା ଆରମ୍ଭ କରେ। ଏପରି ପରିସ୍ଥିତିରେ, ଗଣତନ୍ତ୍ର କେବଳ ଆନୁଷ୍ଠାନିକ ହୋଇଯାଏ, ଏବଂ ପ୍ରକୃତ ନିଷ୍ପତ୍ତି କିଛି ଅର୍ଥନୈତିକ ଗୋଷ୍ଠୀ ଦ୍ୱାରା ନିଆଯାଇଥାଏ।

ଏଠାରେ ବୁଝିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଆର୍ଥିକ ଅସମାନତା କେବଳ ଆୟ ଅସମାନତା ନୁହେଁ, ବରଂ ସୁଯୋଗର ଅସମାନତା ମଧ୍ୟ। ଯଦି ଜଣେ ବ୍ୟକ୍ତି ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ପୁଞ୍ଜିର ଅଭାବ ରଖେ, ତେବେ ସେ ବଜାର ପ୍ରତିଯୋଗିତାରେ ସମାନ ସୁଯୋଗ ହାସଲ କରିପାରିବେ ନାହିଁ। ପୁଞ୍ଜିବାଦ ତତ୍ତ୍ୱଗତ ଭାବରେ ସମସ୍ତଙ୍କୁ ସ୍ୱାଧୀନତା ପ୍ରଦାନ କରେ, କିନ୍ତୁ ବାସ୍ତବରେ, ସମସ୍ତଙ୍କର ଆରମ୍ଭ ଅବସ୍ଥା ସମାନ ନୁହେଁ। ଏହି କାରଣରୁ ଆର୍ଥିକ ଗଣତନ୍ତ୍ରର ସମର୍ଥକମାନେ ସୁଯୋଗର ସମାନତା ଉପରେ ବିଶେଷ ଗୁରୁତ୍ୱ ଦିଅନ୍ତି। ପ୍ରଯୁକ୍ତିବିଦ୍ୟା ଏବଂ ବିଶ୍ୱାୟନ ଏହି ବିତର୍କକୁ ଆହୁରି ଜଟିଳ କରିଛି। ଡିଜିଟାଲ ଯୁଗରେ, କିଛି ବଡ଼ ପ୍ରଯୁକ୍ତିବିଦ୍ୟା କମ୍ପାନୀ ବିଶ୍ୱ ଅର୍ଥନୀତି ଉପରେ ଅସାଧାରଣ ପ୍ରଭାବ ପକାଇଛନ୍ତି। ସେମାନଙ୍କ ପାଖରେ ବିପୁଳ ତଥ୍ୟ, ପୁଞ୍ଜି ଏବଂ ବଜାର ନିୟନ୍ତ୍ରଣ ଅଛି। ସେମାନେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ପ୍ରଭାବିତ କରନ୍ତି। ଏହି ପରିସ୍ଥିତି ଅର୍ଥନୈତିକ ଶକ୍ତିର କେନ୍ଦ୍ରୀକରଣ ସମସ୍ୟାକୁ ଆହୁରି ତୀବ୍ର କରିଛି। ଯେତେବେଳେ କିଛି କମ୍ପାନୀ ଏକ ସମ୍ପୂର୍ଣ୍ଣ ବଜାର ଉପରେ ପ୍ରାଧାନ୍ୟ ବିସ୍ତାର କରନ୍ତି, ପ୍ରତିଯୋଗିତା ଦୁର୍ବଳ ହୁଏ ଏବଂ ଅର୍ଥନୈତିକ ଗଣତନ୍ତ୍ରର ସମ୍ଭାବନା ହ୍ରାସ ପାଏ।

ଭାରତୀୟ ପରିପ୍ରେକ୍ଷୀରେ ଏହି ପ୍ରଶ୍ନ ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। ଭାରତ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର, କିନ୍ତୁ ଅର୍ଥନୈତିକ ଅସମାନତାର ସମସ୍ୟା ମଧ୍ୟ ଗମ୍ଭୀର। ଦେଶରେ କୋଟିପତି ଶ୍ରେଣୀ ଦ୍ରୁତ ଗତିରେ ବୃଦ୍ଧି ପାଉଥିବାବେଳେ, ଏକ ବଡ଼ ଜନସଂଖ୍ୟା ମୌଳିକ ସୁବିଧା ପାଇବା ପାଇଁ ସଂଘର୍ଷ କରୁଛି। ଏଠାରେ ପ୍ରଶ୍ନ କେବଳ ଅର୍ଥନୈତିକ ଅଭିବୃଦ୍ଧି ବିଷୟରେ ନୁହେଁ, ବରଂ ସେହି ଅଭିବୃଦ୍ଧିର ସମାନ ବଣ୍ଟନ ବିଷୟରେ ମଧ୍ୟ। ଯଦି ବିକାଶର ଲାଭ ସମାଜର ସମସ୍ତ ବର୍ଗ ପାଖରେ ପହଞ୍ଚି ନଥାଏ, ତେବେ ଅର୍ଥନୈତିକ ଗଣତନ୍ତ୍ର ଅସମ୍ପୂର୍ଣ୍ଣ ରହିଥାଏ। ଭାରତରେ, ସ୍ୱୟଂ ସହାୟକ ଗୋଷ୍ଠୀ, ସମବାୟ ଆନ୍ଦୋଳନ, ଗ୍ରାମୀଣ ନିଯୁକ୍ତି ଯୋଜନା ଏବଂ ଆର୍ଥିକ ଅନ୍ତର୍ଭୁକ୍ତି ପଦକ୍ଷେପଗୁଡ଼ିକୁ ଅର୍ଥନୈତିକ ଗଣତନ୍ତ୍ର ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ବିବେଚନା କରାଯାଇପାରିବ। ଜନଧନ ଯୋଜନା, ଡିଜିଟାଲ ପେମେଣ୍ଟ ଏବଂ ମାଇକ୍ରୋଫାଇନାନ୍ସ ଭଳି ପଦକ୍ଷେପଗୁଡ଼ିକ ଅର୍ଥନୈତିକ ସୁଯୋଗକୁ ବ୍ୟାପକ କରିବାକୁ ଚେଷ୍ଟା କରନ୍ତି। ତଥାପି, ଶିକ୍ଷା ଏବଂ ସ୍ୱାସ୍ଥ୍ୟରେ ଅସମାନତା, ବେକାରୀ ଏବଂ ଆଞ୍ଚଳିକ ବୈଷମ୍ୟ ସୂଚାଇ ଦେଉଛି ଯେ ଆହୁରି ବହୁତ ବାଟ ବାକି ଅଛି।

ଦାର୍ଶନିକ ଦୃଷ୍ଟିରୁ, ଏହି ବିତର୍କ ସ୍ୱାଧୀନତା ଏବଂ ସମାନତା ମଧ୍ୟରେ ସନ୍ତୁଳନ ବିଷୟରେ। ପୁଞ୍ଜିବାଦ ସ୍ୱାଧୀନତାକୁ ପ୍ରାଥମିକତା ଦିଏ, ଯେତେବେଳେ ଅର୍ଥନୈତିକ ଗଣତନ୍ତ୍ର ସମାନ ଅଂଶଗ୍ରହଣ ଏବଂ ସମାନ ବଣ୍ଟନକୁ ଗୁରୁତ୍ୱ ଦିଏ। ଚ୍ୟାଲେଞ୍ଜ ହେଉଛି ଉଭୟ ମୂଲ୍ୟବୋଧକୁ କିପରି ସମନ୍ୱୟ କରାଯିବ। କେବଳ ସ୍ୱାଧୀନତା ଅସମାନତାକୁ ବୃଦ୍ଧି କରିପାରେ। କେବଳ ସମାନତା ନବସୃଜନ ଏବଂ ଉଦ୍ୟୋଗକୁ ଦମନ କରିପାରିବ। ବାସ୍ତବରେ, ଅର୍ଥନୈତିକ ଗଣତନ୍ତ୍ର ଏକ ସ୍ଥିର ଅବସ୍ଥା ନୁହେଁ ବରଂ ଏକ ନିରନ୍ତର ପ୍ରକ୍ରିୟା। ଯେତେବେଳେ ନାଗରିକମାନେ ସେମାନଙ୍କର ଆର୍ଥିକ ଅଧିକାର ବିଷୟରେ ସଚେତନ ହୁଅନ୍ତି, ଯେତେବେଳେ ଶ୍ରମିକମାନେ ସଂଗଠିତ ହୁଅନ୍ତି, ଯେତେବେଳେ ସରକାରଗୁଡ଼ିକ ଉତ୍ତରଦାୟୀ ହୁଅନ୍ତି, ଏବଂ ଯେତେବେଳେ ଉପଯୁକ୍ତ ବଜାର ନିୟମାବଳୀ କାର୍ଯ୍ୟକାରୀ ହୁଏ, ସେତେବେଳେ ଅର୍ଥନୈତିକ ଗଣତନ୍ତ୍ରର ସମ୍ଭାବନା ବୃଦ୍ଧି ପାଏ।

ଯାଜପୁର,ମୋ-୯୪୩୭୨୮୦୨୮

# ବ୍ୟକ୍ତିତ୍ୱର ବିକାଶ ଶ୍ରେଷ୍ଠ

ସନ୍ଥ ରାମଦାସଜୀ ମହାରାଜ

ଲୋକମାନେ ଚାହାନ୍ତି ଯେ ଅନ୍ୟମାନେ ସେମାନଙ୍କୁ ଯୋଗ୍ୟ ମନେ କରନ୍ତୁ, ସେମାନଙ୍କର ପ୍ରଶଂସା କରନ୍ତୁ ଏବଂ ସେମାନଙ୍କ ବ୍ୟକ୍ତିତ୍ୱରେ କୌଣସି ତ୍ରୁଟି ନ ବାହାର କରନ୍ତୁ। ଏଥିପାଇଁ ସେମାନେ ନିଜ ବ୍ୟକ୍ତିତ୍ୱକୁ ଏଭଳି ଭାବରେ ଉପସ୍ଥାପନ କରିବାକୁ ଚେଷ୍ଟା କରନ୍ତି । ଯେପରି ଅନ୍ୟମାନଙ୍କ ନଜରରେ ସେମାନଙ୍କର ଛବି (ଭାବମୂର୍ତ୍ତି) ଭଲ ରହିବ। ଏଥିରେ କୌଣସି ଖରାପ ଜିନିଷ ନାହିଁ। ନିଜକୁ ସୁଧାରିବା ଏବଂ ଅଧିକ ଭଲ କରିବା ଏକ ଭଲ କଥା। କିନ୍ତୁ ସମସ୍ୟା ସେତେବେଳେ ଆରମ୍ଭ ହୁଏ, ଯେତେବେଳେ ମଣିଷ ପ୍ରକୃତରେ ଭଲ ହେବା ପରିବର୍ତ୍ତେ କେବଳ ଅନ୍ୟମାନଙ୍କ ସାମ୍ନାରେ ଭଲ ଦେଖାଯିବାର ଦେଖାଣହାରିତା ବା ଦେଖେଇହେବା ଆରମ୍ଭ କରିଦିଏ। ସେତେବେଳେ ଆମ ଜୀବନ ନିଜର ବିକାଶ କରିବାରେ କମ୍ ଏବଂ ନିଜର ଦୋଷ-ତ୍ରୁଟିଗୁଡ଼ିକୁ ଲୁଚାଇବାରେ ଅଧିକ ସମୟ ଖର୍ଚ୍ଚ ହୋଇଯାଏ।

ମଣିଷ ନିଜର ଦୁର୍ବଳତାକୁ ଯେତେ ଲୁଚାଇବାକୁ ଚାହେଁ, ଅନେକ ସମୟରେ ସେ ସେଗୁଡ଼ିକ ପ୍ରତି ସେତେ ଅଧିକ ସତର୍କ ବା ସଚେତନ ହେବାକୁ ଲାଗେ। ତାକୁ ଭୟ ଥାଏ କି କାଳେ କେହି ତାର ଅଜ୍ଞତାକୁ ଚିହ୍ନି ନ ନେଉ, ତାର ବିଫଳତା ସାମ୍ନାକୁ ନ ଆସିଯାଉ କିମ୍ବା କେହି ତା'ଠାରୁ ଶ୍ରେଷ୍ଠ ବୋଲି ପ୍ରମାଣିତ ନ ହୋଇଯାଉ। ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠେ ଯେ, କ'ଣ ଆମେ ପ୍ରକୃତରେ ନିଜର ଦୁର୍ବଳତା ପାଇଁ ଚିନ୍ତିତ, ନା ଏହି କଥା ପାଇଁ ଅଧିକ ଚିନ୍ତିତ ଯେ ଅନ୍ୟ ଲୋକମାନେ ତାହା ଦେଖିନେବେ ?

ଏହି ଦୁଇଟି କଥା ମଧ୍ୟରେ ବହୁତ ପାର୍ଥକ୍ୟ ଅଛି। ଯଦି ଆମେ ନିଜର ଭୁଲ୍ ଚିହ୍ନିପାରିବା, ତେବେ ତାକୁ ସୁଧାରି ପାରିବା। କିନ୍ତୁ ଯଦି ଆମର ଚିନ୍ତା କେବଳ ଏତିକି ଯେ କେହି ଆମକୁ ଅଜ୍ଞ ବା ଭୁଲ୍ ନ ଭାବୁ, ତେବେ ଆମେ ଶିଖିବା ଏବଂ ଭୁଲ୍ ସୁଧାରିବା ବଦଳରେ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା (ସଫେଇ ଦେବା) ରେ ଲାଗି ରହିବ । ସେତେବେଳେ ଆମର ଧ୍ୟାନ ସମସ୍ୟାର ସମାଧାନ କରିବା ଉପରେ ନୁହେଁ, ବରଂ ନିଜର ସମ୍ମାନ ବା ପ୍ରତିଷ୍ଠା ବଞ୍ଚାଇବା ଉପରେ କେନ୍ଦ୍ରୀଭୂତ ହୋଇଯିବ।

ପ୍ରକୃତରେ, ଆମେ ଆମର ପ୍ରଗତି ବା ଉନ୍ନତିକୁ ଏହି ଆଧାରରେ ମାପୁ ନାହୁଁ ଯେ ଆମେ କେତେ ଶିଖିଲୁ, ବରଂ ଆମର ମାପଦଣ୍ଡ ଏହା ହୋଇଥାଏ ଯେ ଅନ୍ୟମାନେ ଆମଠାରୁ କେତେ ପଛରେ ଅଛନ୍ତି। ଏହାର ସବୁଠାରୁ ବଡ଼ ଅସୁବିଧା ହେଉଛି ଯେ ଆମେ ଆମ ଜୀବନକୁ ଏଭଳି ଏକ ପରୀକ୍ଷା ବନାଇ ଦେଉ, ଯାହାର ଫଳାଫଳ କେବେହେଲେ ସମ୍ପୂର୍ଣ୍ଣ ଭାବେ ଆମ ପକ୍ଷରେ ଆସିପାରିବ ନାହିଁ। ଦୁନିଆରେ ଆମଠାରୁ କେହି ନା କେହି ଜଣେ ନିଶ୍ଚୟ ଥିବେ, ଯିଏ ଆମଠାରୁ ଭଲ ବା ଶ୍ରେଷ୍ଠ ହୋଇଥିବେ। ଯଦି ଆମେ ନିଜର ମୂଲ୍ୟ କେବଳ ଏହି କଥାରୁ ସ୍ଥିର କରିବା ଯେ ଆମେ ଅନ୍ୟମାନଙ୍କ ଠାରୁ କେତେ ଆଗରେ ଅଛୁ, ତେବେ ଆମକୁ ସାରା ଜୀବନ ନିଜକୁ ସବୁଠାରୁ ଶ୍ରେଷ୍ଠ ପ୍ରମାଣିତ କରିବା ଦୌଡ଼ରେ ଧାଇଁବାକୁ ପଡ଼ିବ।

ଏଭଳି ପରିସ୍ଥିତିରେ, କୌଣସି ବି ସଫଳତା ଆମକୁ ପ୍ରକୃତ ଖୁସି କିମ୍ବା ଶାନ୍ତି ଦେଇପାରିବ ନାହିଁ, କାରଣ ପ୍ରତିଥର ତୁଳନା କରିବା ପାଇଁ କେହି ନା କେହି ନୂଆ ବ୍ୟକ୍ତି ସାମ୍ନାକୁ ଆସିଯିବେ। ସତ କଥା ତ ଏହା ଯେ କେହି ବି ସବୁ ସମୟରେ ସର୍ବଶ୍ରେଷ୍ଠ ହୋଇ ରହିପାରିବେ ନାହିଁ। ତେଣୁ, ନିଜର ଦୁର୍ବଳତାକୁ ସ୍ୱୀକାର କରିବା କୌଣସି ହାର୍ ବା ପରାଜୟ ନୁହେଁ, ବରଂ ସେଗୁଡ଼ିକୁ ମାନିନେଇ ହିଁ ଆମେ ନିଜକୁ ଆହୁରି ଉନ୍ନତ ବା ଭଲ ବନାଇ ପାରିବା।

ଜୀବନର ଉଦ୍ଦେଶ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ସାମ୍ନାରେ ନିଜକୁ ଯୋଗ୍ୟ ପ୍ରମାଣିତ କରିବା ହୋଇପାରିବ ନାହିଁ। ଏହାଠାରୁ ଅଧିକ ଜରୁରୀ ଏହା ଯେ ଆମେ ଆମ ଭିତରେ ଥିବା ସମ୍ଭାବନାଗୁଡ଼ିକୁ କେତେ ବିକଶିତ କରିପାରୁଛେ, ନିଜର ଭୁଲରୁ କେତେ ଶିଖୁଛେ ଏବଂ ଅନ୍ୟମାନଙ୍କ ପ୍ରତି କେତେ ସଚ୍ଚୋଟ ରହୁଛେ। ଯେଉଁଦିନ ଆମକୁ ନିଜର ଅପୂର୍ଣ୍ଣତା (ତ୍ରୁଟି) ରୁ ଦୂରେଇ ଯିବାର ଆବଶ୍ୟକତା ପଡ଼େନାହିଁ, ସେହିଦିନ ଆମେ ଅନ୍ୟମାନଙ୍କ ଠାରୁ ଶ୍ରେଷ୍ଠ ଦେଖାଯିବାର ବାଧ୍ୟବାଧକତାରୁ ଧୀରେ ଧୀରେ ମୁକ୍ତ ହେବାକୁ ଲାଗିଥାଉ।

ଶ୍ରେଷ୍ଠ ହେବାର ମିଥ୍ୟା ପ୍ରତିଯୋଗିତାରୁ ଦୂରେଇ ରୁହନ୍ତୁ

ସୂତ୍ର: ମଣିଷର ସବୁଠାରୁ ବଡ଼ ସଫଳତା (ଉପଲବ୍ଧି) ଅନ୍ୟମାନଙ୍କ ଅପେକ୍ଷା ଶ୍ରେଷ୍ଠ ପ୍ରମାଣିତ ହେବା ନୁହେଁ, ବରଂ ନିଜର ଦୋଷ-ତ୍ରୁଟିଗୁଡ଼ିକୁ ଚିହ୍ନି ସେଥିରୁ ଆଗକୁ ବଢ଼ିବା। ଯେତେବେଳେ ଆମେ ଆମର ଜୀବନ ଅନ୍ୟମାନଙ୍କ ପ୍ରଶଂସା ପାଇବା ଏବଂ ନିଜର ଭାବମୂର୍ତ୍ତି ବଞ୍ଚାଇବାରେ ଲଗାଇ ଦେଇଥାଉ, ସେତେବେଳେ ଆମେ ନିଜଠାରୁ ଦୂରେଇ ଯିବାକୁ ଲାଗୁ। ଦୁନିଆରେ ସବୁବେଳେ କେହି ନା କେହି ଆମ ଠାରୁ ଅଧିକ ଯୋଗ୍ୟ ଏବଂ ସଫଳ ନିଶ୍ଚୟ ଥିବେ। ସେଥିପାଇଁ ତୁଳନାରୁ ମିଳୁଥିବା ସନ୍ତୋଷ କେବେ ହେଲେ ସ୍ଥାୟୀ ହୋଇପାରିବ ନାହିଁ।

# ସଂଘର୍ଷର ନୂଆ ନାଁ 'ଗିଗ୍ ଇକୋନୋମି'

ଇଂ. ଅମର ବେହେରା

**ଆଜିର ସମୟରେ ଗିଗ୍ ଇକୋନୋମିର ଆବଶ୍ୟକତା ଅଧିକ ରହିଛି କାରଣ ଏହା ସାଧାରଣ ଲୋକଙ୍କ ପାଇଁ ଏକ ଆର୍ଥିକ ସୁରକ୍ଷା କବଚ ସଦୃଶ କାମ କରୁଛି । ଯେତେବେଳେ ମାସିକ ସ୍ଥିର ଆୟ ବଜାରର ଦରଦାମ୍ ବୃଦ୍ଧି ସହ ତାଳ ମିଳାଇପାରେ ନାହିଁ, ସେତେବେଳେ ଏହି ପାର୍ଟ-ଟାଇମ୍ ଚାକିରିଗୁଡ଼ିକ ହିଁ ପରିବାରକୁ ସଙ୍କଟରୁ ରକ୍ଷା କରନ୍ତି । ଆଜିର ଯୁବପିଢ଼ି ପାରମ୍ପରିକ ସ୍ଥାୟୀ ଚାକିରି ଅପେକ୍ଷା ଫ୍ରିଲାନ୍ସିଂ, ସାଇଡ୍-ହସଲ୍ କିମ୍ବା ଡେଲିଭରି କାର୍ଯ୍ୟକୁ ଆପଣାଇବା ପଛରେ କେବଳ ମହଙ୍ଗା ମାଡ଼ ନୁହେଁ, ବରଂ ମାନସିକ ସ୍ୱାଧୀନତା ଏବଂ ଆତ୍ମନିର୍ଭରଶୀଳତାର ଏକ ବଡ଼ ଭୂମିକା ରହିଛି ।**

ଆଜିର ବଦଳୁଥିବା ଆର୍ଥିକ ଓ ସାମାଜିକ ପରିବେଶରେ ସାରା ବିଶ୍ୱ ସମେତ ଆମ ଓଡ଼ିଶାରେ ମଧ୍ୟ ଏକ ନୂଆ ଶବ୍ଦ ଖୁବ୍ ଜୋରରେ ଚର୍ଚ୍ଚାକୁ ଆସିଛି, ତାହା ହେଉଛି 'ଗିଗ୍ ଇକୋନୋମି' ବା ମୁକ୍ତ କାର୍ଯ୍ୟ ସଂସ୍କୃତି । ପାରମ୍ପରିକ ୯ ରୁ ୬ ଟାର ସ୍ଥାୟୀ ଚାକିରି ଅପେକ୍ଷା ଆଜିର ଯୁବପିଢ଼ି ଫ୍ରିଲାନ୍ସିଂ, ସାଇଡ୍-ହସଲ୍ କିମ୍ବା ବିଭିନ୍ନ ଅନଲାଇନ୍ ଆପ୍ ଜରିଆରେ ପାର୍ଟ-ଟାଇମ୍ କାମ କରିବାକୁ ଅଧିକ ପସନ୍ଦ କରୁଛନ୍ତି । ବର୍ତ୍ତମାନ ସମୟରେ ଗିଗ୍ ଇକୋନୋମିର ଏହି ଚାହିଦା କେବଳ ଏକ ଫ୍ୟାସନ୍ କିମ୍ବା ପସନ୍ଦ ନୁହେଁ, ବରଂ ଏହା ପଛରେ ରହିଛି ସବୁଠାରୁ ବଡ଼ ବାସ୍ତବତା 'ମହଙ୍ଗା ମାଡ଼' । ଆଜି ବଜାରରେ ପ୍ରତିଟି ଜିନିଷର ଦାମ୍ ଆକାଶଛୁଆଁ । ଗ୍ରୋସରୀ ସାମଗ୍ରୀଠାରୁ ଆରମ୍ଭ କରି ଘର ଭଡ଼ା, ପିଲାଙ୍କ ପାଠପଢ଼ା ଏବଂ ମେଡିକାଲ୍ ଖର୍ଚ୍ଚ ଏଭଳି ବଢ଼ିବାରେ ଲାଗିଛି ଯେ ଜଣେ ବ୍ୟକ୍ତିର ସ୍ୱଳ୍ପ କିମ୍ବା ସୀମିତ ଦରମାରେ ଗୋଟିଏ ମଧ୍ୟବିତ୍ତ ବା ଗରିବ ପରିବାର ଚଳାଇବା ସମ୍ପୂର୍ଣ୍ଣ ଅସମ୍ଭବ ହେଲାଣି । ମାସ ଶେଷ ହେବା ବେଳକୁ ପକେଟ୍ ଶୂନ୍ୟ ହୋଇଯାଉଛି । ଏଭଳି ସ୍ଥିତିରେ ନିଜ ପରିବାରକୁ ଏକ ସୁରକ୍ଷିତ ଜୀବନଶୈଳୀ ଦେବା ପାଇଁ ଏବଂ ଦୈନନ୍ଦିନ ଖର୍ଚ୍ଚ ସହ ତାଳ ମିଳାଇବା ପାଇଁ ଲୋକେ ଗୋଟିଏ ଚାକିରି ଉପରେ ନିର୍ଭର ନ କରି ନିଜର ଖାଲି ସମୟରେ ଏହିପରି ପାର୍ଟ-ଟାଇମ୍ କାମ କରିବାକୁ ବାଧ୍ୟ ହେଉଛନ୍ତି । ଏହି ବାସ୍ତବତାକୁ ଅତି ନିକଟରୁ ଅନୁଭବ କରିବାର ଏକ ସୁଯୋଗ ନିକଟରେ ମୋତେ ମିଳିଥିଲା ଆମ ରାଜଧାନୀ ଭୁବନେଶ୍ୱରର ଏକ ବ୍ୟସ୍ତବହୁଳ ରାସ୍ତାରେ । ସେଦିନ ମୁଁ ମୋ ସ୍କୁଟରଟିକୁ ସର୍ଭିସିଂ ପାଇଁ ଭୁବନେଶ୍ୱର ବୟନିକା ଭବନ ନିକଟରେ ଥିବା ଏକ ସର୍ଭିସ୍ ସେଣ୍ଟରରେ ଛାଡ଼ିଥିଲି । ସେଠାରୁ ମଞ୍ଚେଶ୍ୱର ସ୍ଥିତ ନିଜ ଘରକୁ ଫେରିବା ପାଇଁ ମୁଁ 'ଉବର' ଆପ୍ ମାଧ୍ୟମରେ ଏକ ବାଇକ୍ ରାଇଡ୍ ବୁକ୍ କଲି । କିଛି ସମୟ ମଧ୍ୟରେ ଜଣେ ଯୁବକ ମୋତେ ନେବା ପାଇଁ ଆସି ପହଞ୍ଚିଲେ । ବାଇକ୍‌ରେ ବସିବା ପୂର୍ବରୁ ସେ ମୋତେ ଗନ୍ତବ୍ୟ ସ୍ଥଳ ବିଷୟରେ ପଚାରିଲେ । ଯେତେବେଳେ ମୁଁ ମଞ୍ଚେଶ୍ୱର ବୋଲି କହିଲି, ସେ ସାମାନ୍ୟ ଦ୍ୱିଧା ପ୍ରକାଶ କରି କହିଲେ ଯେ ସେହି ଅଞ୍ଚଳରୁ ଫେରିବା ସମୟରେ ବୋଧହୁଏ ତାଙ୍କୁ ସହଜରେ ଅନ୍ୟ କୌଣସି ରାଇଡ୍ ମିଳିବ ନାହିଁ । ତେଣୁ ସେ ମୋବାଇଲ୍ ସ୍କ୍ରିନ୍‌ରେ ଦେଖାଉଥିବା ଭଡ଼ା ତୁଳନାରେ କିଛି ଅଧିକ ଟଙ୍କା ଦେବା ପାଇଁ ଅନୁରୋଧ କଲେ । ମୋ ସ୍କ୍ରିନ୍‌ରେ ଭଡ଼ା ୬୯ ଟଙ୍କା ଦେଖାଉଥିଲା, କିନ୍ତୁ ତାଙ୍କର ସରଳ ଅନୁରୋଧ ଏବଂ ବାସ୍ତବ ସମସ୍ୟାକୁ ବୁଝି ମୁଁ ରାଜି ହେଲି ଏବଂ କହିଲି, 'ଚାଲନ୍ତୁ, ମୁଁ ଆପଣଙ୍କୁ କିଛି ଅଧିକ ଟଙ୍କା ଦେଇଦେବି ।' ଯାତ୍ରା ଆରମ୍ଭ ହେଲା ଏବଂ ଧୀରେ ଧୀରେ ଆମ ଭିତରେ ବାର୍ତ୍ତାଳାପର ଏକ ସୁନ୍ଦର ପରିବେଶ ଗଢ଼ିଉଠିଲା । ମୁଁ ପଚାରିଲି ଯେ ତାଙ୍କୁ ଦୈନିକ ଭଲ ସଂଖ୍ୟାରେ ରାଇଡ୍ ମିଳିଯାଉଛି କି ନାହିଁ । ସେ ବହୁତ ସକାରାତ୍ମକ ଭାବେ ଉତ୍ତର ଦେଲେ ଯେ ହଁ, ରାଇଡ୍ ଭଲ ମିଳୁଛି । ସେ ନିଜ ବିଷୟରେ କହିଲେ ଯେ ସେ ମୂଳତଃ ହୋଟେଲ୍ ଇଣ୍ଡଷ୍ଟ୍ରିରେ ଏକ ଚାକିରି କରନ୍ତି । କିନ୍ତୁ ସେଠାରୁ ମିଳୁଥିବା ସୀମିତ ଦରମାରେ ଚଳିବା କଷ୍ଟକର ହେଉଛି । ତେଣୁ ନିଜର ଖାଲି ସମୟରେ ଅଧିକ ଦୁଇ ପଇସା ରୋଜଗାର କରିବା ପାଇଁ ପାର୍ଟ-ଟାଇମ୍ ଭାବେ ଏହି ବାଇକ୍ ରାଇଡିଂ କାମ କରୁଛନ୍ତି, ଯାହାଦ୍ୱାରା ତାଙ୍କର ଆର୍ଥିକ ଅଭାବ କିଛି ମାତ୍ରାରେ ଦୂର ହୋଇପାରୁଛି । ତାଙ୍କ ଉପରେ ପରିବାରର ବଡ଼ ଦାୟିତ୍ୱ ରହିଛି । ମୁଁ ତାଙ୍କୁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, 'ତମେ ତ ଏବେ ବହୁତ ୟଙ୍ଗ୍ ଅଛ, ଚାହିଁଲେ ତ ଅନ୍ୟ କିଛି ଭଲ ଚାକିରି କରିପାରନ୍ତ ସେଠାରେ ଭଲ କ୍ୟାରିୟର ହୋଇପାରନ୍ତା, କିନ୍ତୁ ଏହି ଉବର ରାଇଡ୍ କାହିଁକି କରୁଛ ?' ମୋ ପ୍ରଶ୍ନ ଶୁଣି ସେ ସାମାନ୍ୟ ହସିଲେ ଏବଂ ଅତି ସରଳତାର ସହ ଉତ୍ତର ଦେଲେ ଯେ ଆଜିକାଲିର ବଜାର ପରିସ୍ଥିତି ଏବଂ ମହଙ୍ଗା ମାଡ଼ ଭିତରେ ସେମିତି କିଛି ନୂଆ ଚାକିରି ସହଜରେ ମିଳୁନାହିଁ, ଆଉ ଯଦି ମଧ୍ୟ ମିଳୁଛି ତାର ଦରମା ବହୁତ କମ୍ । ତେଣୁ ସମୟ ନଷ୍ଟ ନ କରି ନିଜ ହାତରେ ଯାହା ସୁଯୋଗ ଅଛି, ତାକୁ ବ୍ୟବହାର କରି ପରିବାରକୁ ସାହାଯ୍ୟ କରିବା ତାଙ୍କ ପାଇଁ ସବୁଠାରୁ ବଡ଼ କର୍ତ୍ତବ୍ୟ । ମାତ୍ର ୨୪ ବର୍ଷର ଏହି ଯୁବକ ଜଣକ ମୋତେ ଯାହା କହିଲେ, ତାହା ମୋତେ ସ୍ତବ୍ଧ କରିଦେଇଥିଲା ଏବଂ ଭାବିବାକୁ ବାଧ୍ୟ କରିଥିଲା । ସେ କହିଲେ, 'ସାର୍, ମୋ ବୟସର ସାଙ୍ଗମାନେ ସଞ୍ଜ ହେଲେ ମୋତେ ଫୋନ୍ କରି 'ଖଟି' ବା ଆଡ୍ଡା ଜମାଇବାକୁ ଡାକନ୍ତି । କିନ୍ତୁ ମୁଁ ସେମାନଙ୍କ ସହ ଯାଏନାହିଁ । ମୁଁ ଜାଣିଛି ସେଠାକୁ ଗଲେ ମୋର ସମୟ ଏବଂ ପଇସା ଦୁଇଟିଯାକ ନଷ୍ଟ ହେବ । ଆରମ୍ଭ ଦିନମାନଙ୍କରେ ସାଙ୍ଗମାନେ ମାଗଣାରେ ଚା' କିମ୍ବା ସିଗାରେଟ୍ ଯାଚିଦେବେ, କିନ୍ତୁ ପରବର୍ତ୍ତୀ ସମୟରେ ମୋତେ ମଧ୍ୟ ସେମାନଙ୍କ ପାଇଁ ଖର୍ଚ୍ଚ କରିବାକୁ ପଡ଼ିବ ।' ସେ ଆହୁରି ଅତି ସନ୍ତାପର ସହ କହିଲେ ଯେ ସେହି ସାଙ୍ଗମାନଙ୍କ ମେଳରେ ପଡ଼ି ସେ ମଝିରେ ମଦ୍ୟପାନ କରିବା ମଧ୍ୟ ଆରମ୍ଭ କରିଦେଇଥିଲେ, ଯାହା ପାଇଁ ପରେ ସେ ନିଜ ଭିତରେ ବହୁତ ଅନୁଶୋଚନା ଓ ଗ୍ଲାନି ଅନୁଭବ କଲେ । ତାଙ୍କ ବାପା-ମାଆ ବହୁତ ଆଶା ନେଇ ତାଙ୍କୁ ରୋଜଗାର କରିବା ପାଇଁ ଏବଂ ପରିବାରର ଆର୍ଥିକ ସମ୍ବଳ ସାଜିବା ପାଇଁ ଭୁବନେଶ୍ୱର ପଠାଇଛନ୍ତି । ତେଣୁ ନିଜ ଭବିଷ୍ୟତ ଗଢ଼ିବା ଓ କାମ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଏବଂ ପରିବାରକୁ ସହଯୋଗ କରିବା ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ । ଏତେ କମ୍ ବୟସରେ ଏଭଳି ପରିପକ୍ୱତା, କର୍ତ୍ତବ୍ୟବୋଧ ଏବଂ ନିଜ ସଂସ୍କାର ପ୍ରତି ସଚେତନତା ଦେଖି ମୋ ମନ ଆନନ୍ଦରେ ଭରିଗଲା । କଥା ପ୍ରସଙ୍ଗରେ କେତେବେଳେ ଯେ ମଞ୍ଚେଶ୍ୱର ଆସିଗଲା, ମୁଁ ଜାଣିପାରିଲି ନାହିଁ । ବାଇକ୍‌ରୁ ଓହ୍ଲାଇବା ବେଳେ ମୋ ପାଖରେ କୌଣସି ଖୁଚୁରା ପଇସା ନ ଥିଲା, ତେଣୁ ମୁଁ ତାଙ୍କୁ ଏକ ୧୦୦ ଟଙ୍କିଆ ନୋଟ୍ ବଢ଼ାଇଦେଲି । ମୁଁ ତାଙ୍କୁ କହିଲି ଯେ ରାଇଡ୍ ବାବଦକୁ ୮୦ ଟଙ୍କା ରଖି ମୋତେ ୨୦ ଟଙ୍କା ଫେରସ୍ତ କରିଦିଅନ୍ତୁ। କିନ୍ତୁ ସେ ଟିକେ ହସିଦେଇ ପ୍ରକାଶ କଲେ ଯେ କମ୍ପାନୀ କମିଶନ ବାବଦକୁ ଅଧିକ ଟଙ୍କା କାଟିନେବ, ତେଣୁ ସେ ଟଙ୍କା ଫେରସ୍ତ କରିପାରିବେ ନାହିଁ । ବାଟସାରା ତାଙ୍କ ସହ ହୋଇଥିବା ସେହି ଚମତ୍କାର ଆଳାପ ଆମ ଭିତରେ ଏକ ସାଧାରଣ ବନ୍ଧୁତା ସୃଷ୍ଟି କରିସାରିଥିଲା, ତେଣୁ ମୁଁ ଆଉ ଅଧିକ କିଛି ନ କହି ସେହି ୧୦୦ ଟଙ୍କା ତାଙ୍କୁ ଆନନ୍ଦର ସହ ଦେଇଦେଲି । ତାଙ୍କ ଚେହେରାରେ ଯେଉଁ ସନ୍ତୋଷର ହସ ଥିଲା, ତାହା କୌଣସି ମୂଲ୍ୟବାନ ଉପହାରଠାରୁ କମ୍ ନଥିଲା ।

ଏହି ଘଟଣାଟି କେବଳ ଜଣେ ବ୍ୟକ୍ତିଙ୍କ କାହାଣୀ ନୁହେଁ, ବରଂ ଓଡ଼ିଶାର ସହରାଞ୍ଚଳରେ ବଢ଼ୁଥିବା ହଜାର ହଜାର 'ଗିଗ୍ ୱର୍କର୍ସ' ବା ସ୍ୱଳ୍ପକାଳୀନ ଶ୍ରମିକଙ୍କ ପ୍ରତିନିଧିତ୍ୱ କରେ । ଆଜିର ସମୟରେ ଗିଗ୍ ଇକୋନୋମିର ଆବଶ୍ୟକତା ବହୁତ ଅଧିକ ରହିଛି କାରଣ ଏହା ସାଧାରଣ ଲୋକଙ୍କ ପାଇଁ ଏକ ଆର୍ଥିକ ସୁରକ୍ଷା କବଚ ସଦୃଶ କାମ କରୁଛି । ଯେତେବେଳେ ମାସିକ ସ୍ଥିର ଆୟ ବଜାରର ଦରଦାମ ବୃଦ୍ଧି ସହ ତାଳ ମିଳାଇପାରେ ନାହିଁ, ସେତେବେଳେ ଏହି ପାର୍ଟ-ଟାଇମ୍ ଚାକିରିଗୁଡ଼ିକ ହିଁ ପରିବାରକୁ ସଙ୍କଟରୁ ରକ୍ଷା କରନ୍ତି । ଆଜିର ଯୁବପିଢ଼ି ପାରମ୍ପରିକ ସ୍ଥାୟୀ ଚାକିରି ଅପେକ୍ଷା ଫ୍ରିଲାନ୍ସିଂ, ସାଇଡ୍-ହସଲ୍ କିମ୍ବା ଡେଲିଭରି କାର୍ଯ୍ୟକୁ ଆପଣାଇବା ପଛରେ କେବଳ ମହଙ୍ଗା ମାଡ଼ ନୁହେଁ, ବରଂ ମାନସିକ ସ୍ୱାଧୀନତା ଏବଂ ଆତ୍ମନିର୍ଭରଶୀଳତାର ଏକ ବଡ଼ ଭୂମିକା ରହିଛି । ସ୍ଥାୟୀ ଚାକିରିରେ ଥିବା କଠୋର ନିୟମ, ସୀମିତ ବେତନ ବୃଦ୍ଧି ଏବଂ ମାଲିକଙ୍କ ଅଧୀନରେ ରହି କାମ କରିବାର ଚାପ ଆଜିର ସ୍ୱାଧୀନଚେତା ଯୁବମାନସକୁ ସେତେଟା ଆକୃଷ୍ଟ କରୁନାହିଁ । ଗିଗ୍ ଇକୋନୋମି ସେମାନଙ୍କୁ ନିଜ ଇଚ୍ଛା ଅନୁସାରେ କାମ କରିବା, ନିଜର ସମୟ ସୀମା ନିର୍ଦ୍ଧାରଣ କରିବା ଏବଂ ନିଜ ପରିଶ୍ରମ ଅନୁଯାୟୀ ସିଧାସଳଖ ଆୟ କରିବାର ସୁଯୋଗ ଦେଉଛି । ଏଠାରେ କୌଣସି ପାତରଅନ୍ତର ନାହିଁ; ଯିଏ ଯେତେ ଅଧିକ ସମୟ ଓ ଶ୍ରମ ଦେବ, ତାର ରୋଜଗାର ସେତେ ବୃଦ୍ଧି ପାଇବ। ବିଶେଷ କରି କଲେଜରେ ପଢୁଥିବା ଛାତ୍ରଛାତ୍ରୀ ଏବଂ ସ୍ୱଳ୍ପ ବେତନଭୋଗୀ କର୍ମଚାରୀମାନଙ୍କ ପାଇଁ ଏହା ନିଜର ପକେଟ୍ ମନି କିମ୍ବା ପରିବାରର ବୋଝ ଉଠାଇବାରେ ଏକ ବଡ଼ ସାହାରା ସାଜିଛି । ଏହି ମୁକ୍ତ କାର୍ଯ୍ୟ ସଂସ୍କୃତିର ଭବିଷ୍ୟତ ଆଗାମୀ ଦିନରେ ଅଧିକ ବ୍ୟାପକ ଏବଂ ବୈଷୟିକ ଭିତ୍ତିଭୂମି ସମ୍ପନ୍ନ ହେବାକୁ ଯାଉଛି । ଡିଜିଟାଲ୍ ଇଣ୍ଡିଆ ଓ ଇଣ୍ଟରନେଟ୍‌ର ସହଜ ଉପଲବ୍ଧତା ଯୋଗୁଁ ଆଗାମୀ ଦଶନ୍ଧିରେ ଗିଗ୍ ଇକୋନୋମି ଭାରତ ତଥା ଓଡ଼ିଶାର ଅର୍ଥନୀତିର ଏକ ମୁଖ୍ୟ ସ୍ତମ୍ଭ ପାଲଟିବ । ଏହା କେବଳ ଡେଲିଭରି ବା ରାଇଡ୍ ସେୟାରିଂ ମଧ୍ୟରେ ସୀମିତ ନ ରହି ଗ୍ରାଫିକ୍ସ ଡିଜାଇନିଂ, କଣ୍ଟେଣ୍ଟ ରାଇଟିଂ, ଅନଲାଇନ୍ ଶିକ୍ଷାଦାନ ଏବଂ ସଫ୍ଟୱେର୍ ଡେଭଲପମେଣ୍ଟ ଭଳି ଉଚ୍ଚ ବୈଷୟିକ କ୍ଷେତ୍ରକୁ ମଧ୍ୟ ନିଜ ଅଧୀନକୁ ନେଇସାରିଲାଣି । ତେବେ ଏହାର ଭବିଷ୍ୟତକୁ ସୁଦୃଢ଼ କରିବାକୁ ହେଲେ ଏହି କ୍ଷେତ୍ରରେ କାର୍ଯ୍ୟରତ ଯୁବକମାନଙ୍କୁ ସ୍ୱାସ୍ଥ୍ୟ ବୀମା, ସର୍ବନିମ୍ନ ଆୟର ଗ୍ୟାରେଣ୍ଟି ଏବଂ ଭବିଷ୍ୟନିଧି ଭଳି ସାମାଜିକ ସୁରକ୍ଷା ପ୍ରଦାନ କରିବାକୁ ହେବ ।

ପରିଶେଷରେ ଏହା କୁହାଯାଇପାରେ ଯେ, ଗିଗ୍ ଇକୋନୋମି ବା ପାର୍ଟ-ଟାଇମ୍ ସଂସ୍କୃତି ଓଡ଼ିଶାର ଯୁବପିଢ଼ିକୁ ଆତ୍ମନିର୍ଭରଶୀଳ ହେବାର ଏକ ନୂଆ ମାର୍ଗ ଦେଖାଇଛି ।

ବରଡିହି, ଅସ୍ତରଙ୍ଗ, ପୁରୀ
ମୋ: ୯୭୪୨୯୮୨୭୪୧

ଦିନଲିପି

୨୭ .୧୦. ୨୦୨୬ ମଙ୍ଗଳବାର

## କଲ୍ୟାଣୀରେ ବିଜେପିର ମିଶ୍ରଣ

ଧାମନଗର,(ନିପ୍ର): ଧାମନଗର ବ୍ଲକର କଲ୍ୟାଣୀ ପଞ୍ଚାୟତରେ ବିଜେପି ପକ୍ଷରୁ ଏକ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧାମନଗର ଗ୍ରାମୀଣ ମଣ୍ଡଳ ବିଜେପି ସଭାପତି ଶ୍ରୀକାନ୍ତ କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କଲ୍ୟାଣୀ ପଞ୍ଚାୟତର ବିଭିନ୍ନ ୱାର୍ଡରୁ ୨୦ଟି ପରିବାର ଅନ୍ୟ ରାଜନୈତିକ ଦଳର ହାତ ଛାଡି ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନେତୃତ୍ୱ ଏବଂ କାର୍ଯ୍ୟଧାରା ପ୍ରତି ଆସ୍ଥା ପ୍ରକଟ କରିବା ସହ ବିଜେପିରେ ସାମିଲ ହୋଇଥିଲେ। ଧାମନଗର ବିଜେପିର ବରିଷ୍ଠ ନେତା ଆଇନଜୀବୀ ଦୀପ୍ତିରଞ୍ଜନ ଜେନା ନୂତନ ଭାବେ ମିଶିଥିବା ପୁରୁଷ ଓ ମହିଳାଙ୍କୁ ଦଳୀୟ ଟୋପି ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

## କଳାହାଣ୍ଡି ଜିଲ୍ଲା ଗଠନ ଦିବସ - ୨୦୨୬ ପାଳନ ଉପଲକ୍ଷେ ପ୍ରସ୍ତୁତି

ଭବାନୀପାଟଣା,(ନି.ପ୍ର): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରୱାନଙ୍କ ଅଧକ୍ଷତାରେ ୭୭ ତମ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ୨୦୨୬ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପ ଜିଲ୍ଲାପାଳ ଧର୍ମଗଡ ପ୍ରେକ୍ଷ୍ୟା ଅଗ୍ରୱାଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ବିଶିଷ୍ଟ ସମାଜସେବୀ ଯୁଗଳ କିଶୋର ପୋଡ, ଉପନିର୍ଦ୍ଦେଶକ ଯୋଜନା ଏବଂ ଶ୍ରୀକାନ୍ତ ଦଳେଇ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା,ଶିକ୍ଷାବିତ୍ ଡ଼ ଅଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଶାଲ ଶୋଭାଯାତ୍ରା ରେ ସାଂସ୍କୃତିକ ନୃତ୍ୟଦଳ, ଜନ ପ୍ରତିନିଧି, ଏନସିସି କ୍ୟାଡେଟ୍ ଏବଂ ଏନ୍ଏସଏ ଛାତ୍ର,ସହରର ବୁଦ୍ଧିଜୀବୀ,ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧମ ପ୍ରତିନିଧି ପ୍ରମୁଖ ସାମିଲ ହେବେ। ସ୍ଥାନୀୟ ଜେଲ ଛକ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରାହାଗିରି ପଥ ଉତ୍ସବ ଅନୁଷ୍ଠିତ ହେବ। ଜିଲ୍ଲାର ସମସ୍ତ ବ୍ଲକ୍ ଏବଂ ମ୍ୟୁନିସିପାଲଟି,ଏନ୍ ଏ ସି ଠାରେ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ପାଳନ ହେବ।

## ସାମ୍ବାଦିକ ଅରୁଣ କୁମାର ଦାଶଙ୍କ ବିୟୋଗ

ତିଗିରିଆ,(ନିପ୍ର): ରାଜ୍ୟର ସାମ୍ବାଦିକ ମହଲରେ ଜଣାଶୁଣା ଅରୁଣ କୁମାର ଦାଶଙ୍କର ୭୫ବର୍ଷ ବୟସରେ ପାଞ୍ଚଗାଁ ସ୍ଥିତ ବାସ ଭବନରେ ପରଲୋକ ହୋଇଯାଇଛି। ସେ ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସେ ଏକ ପ୍ରମୁଖ ସମ୍ବାଦପତ୍ରର ପ୍ରତିଷ୍ଠାତା ସଦସ୍ୟ ଥିଲେ। ଅନେକ ଖବର କାଗଜରେ ବାର୍ତ୍ତା ସମ୍ପାଦକ ଭାବେ ସୁଚାରୁରୂପେ ଦାୟିତ୍ୱ ତୁଲାଇ ଥିଲେ। ବ୍ୟୁରୋ ଚିଫ୍ ଭାବେ ମଧ ଦକ୍ଷତାର ସହ କାମ କରିଛନ୍ତି ।ସେ ଅଧାପକ ଚାକିରି ଛାଡି ସାମ୍ବାଦିକ ବୃତ୍ତି ବାଛି ନେଇଥିଲେ। ରାଜ୍ୟ ତଥା ଦେଶର ବିଭିନ୍ନ ଅନୁଷ୍ଠାନରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ

ସାଲେପୁର,(ନିପ୍ର): କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ଜପକୁଦ ବଜାରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଯୁବକ ଜଣକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଲେ ସାଲେପୁର ଥାନା ଜପକୁଦ ଫାଣ୍ଡି ଅନ୍ତର୍ଗତ ଓଡ଼ାସିଂହ ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁଙ୍କ ପୁଅ କେଦାର ସ୍ୱାଇଁ। ସୂଚନା ଅନୁଯାୟୀ, ପୂର୍ବ ଶତ୍ରୁତାକୁ ନେଇ ଜପକୁଦ ବଜାରରେ କେଦାରଙ୍କ ସହ ଦୁଇଜଣ ଯୁବକଙ୍କର ବଚସା ହୋଇଥିଲା। ଏହା ପରେ ଦୁଇଜଣ ଯୁବକ ଧାରୁଆ ଅସ୍ତ୍ରରେ କେଦାରଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ମୁହଁରେ ଚାରିଟି ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ତେବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

## 'ଭୋଟ ବଚାଓ- ଦେଶ ବଚାଓ' ଅଭିଯାନ

ଭଦ୍ରକ,(ନିପ୍ର): ଭୋଟଚୋର ଜ୍ଞାନେଶ କୁମାରକୁ ଗିରଫ କର, ଭୋଟଚୋର ନରେନ୍ଦ୍ର ମୋଦି ଗାଦି ଛାଡ, ଜନବିରୋଧି ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ ଆଇ ଆର) ବାତିଲ କର, ନିର୍ବାଚନୀ ପ୍ରକ୍ରିୟାରେ ଅନିୟମିତତା ବଂଦ କର,ବ୍ୟାପକ ନିର୍ବାଚନୀ ସଂସ୍କାର ଆଣ, ଦେଶବ୍ୟାପୀ ଚାଲିଥିବା ଏସ୍ଆଇଆର ବିରୋଧୀ ଐତିହାସିକ ଆନ୍ଦୋଳନ ଉପରେ ଦମନ ବନ୍ଦ କର ଆଦି ଦାବିରେ ଆସନ୍ତା ନଭେମ୍ବର, ୧ ତାରିଖ ଦିଲ୍ଲୀସ୍ଥିତ ରାମଲୀଳା ମୈଦାନରେ ଇଣ୍ଡିଆ ବ୍ଲକର ମହାସମାବେଶ ଅନୁଷ୍ଠିତ ହେବ । ଏହି ସମାବେଶ ' ଭୋଟ ବଚାଓ, ଦେଶ ବଚାଓ ' ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ହେବ । ଏହି ସମାବେଶକୁ ସଫଳ କରିବା ପାଇଁ ବେତାଳିଗାଁ ବଜାରରେ ସିପିଆଇ(ଏମ) ପକ୍ଷରୁ ' ଭୋଟ ବଚାଓ, ଦେଶ ବଚାଓ' ଅଭିଯାନ ପରିପ୍ରେକ୍ଷୀରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

## ସାଲେପୁର: ସାର୍ବଜନୀନ ଦେବାଦେବୀଙ୍କ ଭସାଣି

ସାଲେପୁର,(ନିପ୍ର): ସାଲେପୁରରେ ପାରମ୍ପରିକ ରୀତିନୀତି ଅନୁଯାୟୀ କୁମାର ଉତ୍ସବ ସାର୍ବଜନୀନ ଦେବାଦେବୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ପାରମ୍ପରିକ ବାଦ୍ୟ, ଆଧୁନିକ ବାଦ୍ୟଯନ୍ତ୍ର ଓ ଘଣ୍ଟଘଣ୍ଟାର ତାଳେ ତାଳେ ବିଭିନ୍ନ ପୂଜା ମଣ୍ଡପର ଦେବାଦେବୀଙ୍କୁ ଭାବପୂର୍ଣ୍ଣ ବିଦାୟ ଦିଆଯାଇଥିଲା। ଏହି ଅବସରରେ କଟକ ଜିଲ୍ଲା ବିଜେପି ଗ୍ରାମୀଣ ଉପସଭାପତି ତଥା ସାଲେପୁର ଅଞ୍ଚଳ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲୋକସେବା ଫାଉଣ୍ଡେସନର ପ୍ରତିଷ୍ଠାତା ହିମାଂଶୁ ମହାନ୍ତିଙ୍କ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ ୨୨ଟି ପୂଜା କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବଳଙ୍ଗା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ୮ ମାସ ହେବ ନାହାନ୍ତି ଡାକ୍ତର !

## ହୀନସ୍ତା ଭୋଗୁଛନ୍ତି ଜନସାଧାରଣ




ବଳଙ୍ଗା/ପିପିଲି,(ନିପ୍ର): ପୁରୀ ଜିଲ୍ଲା ବଳଙ୍ଗା ବଜାର ମଧ୍ୟରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ଦୀର୍ଘ ୮ ମାସ ଧରି ଡାକ୍ତର ନ ଥିବା ଯୋଗୁ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଥିବା ସାଧାରଣରେ ଅଭିଯୋଗ ହୋଇଛି। ଜଣେ ହୋମିଓ ପ୍ୟାଥିକ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଆଉଜଣେ ସାନିଟାରୀ ୱାର୍କର ନିଯୁକ୍ତ ଥିବାବେଳେ କୌଣସି ଷ୍ଟାପନର୍ସ ନଥିବା କୁହାଯାଉଛି। ଯେଉଁ ନର୍ସ ନିଯୁକ୍ତି ରହିଥିଲେ ତାଙ୍କୁ ଆରୋଗ୍ୟ କେନ୍ଦ୍ରରୁ ବାହାର କରାଯାଇ ଗ୍ରାମାଞ୍ଚଳରେ ନିଯୁକ୍ତି କରାଯାଇଛି। ସେପଟେ ଆରୋଗ୍ୟ କେନ୍ଦ୍ର ଉପରେ ବଳଙ୍ଗା ଅଞ୍ଚଳର ୧୭ ଗୋଟି ପଞ୍ଚାୟତ ନିର୍ଭର କରୁଛି। ନିଯୁକ୍ତ ଥିବା ଜଣେ ଡାକ୍ତର ଗତ ମାର୍ଚ୍ଚ ମାସ ୧ ତାରିଖରେ ବଦଳି ହୋଇ ଯାଇଥିବା ବେଳେ ସେହି ଦିନ ଠାରୁ ଏଲୋପାଥି ଡାକ୍ତର ପଦବୀ ଖାଲି ପଡିଛି। ଏହାରି ମଧ୍ୟରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇଥିବା ନେଇ ବଳଙ୍ଗା ଅଞ୍ଚଳବାସୀ ସ୍ୱର ଉଠାଇଛନ୍ତି। ଏହାର ସମାଧାନ କ୍ଷେତ୍ରରେ ନିମାପଡା ନିର୍ବାଚନ ମଣ୍ଡଳୀର ବିଧାୟିକା ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଗତ ଜୁନ ୧୩ ତାରିଖରେ ଆରୋଗ୍ୟ କେନ୍ଦ୍ର ପରିଦର୍ଶନରେ ଆସିଥିଲେ। ସେହି ସମୟରେ ବଳଙ୍ଗା ଅଞ୍ଚଳର ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଆରୋଗ୍ୟ କେନ୍ଦ୍ର ଉନ୍ନତିକରଣ, ସ୍ଥାୟୀ ଡାକ୍ତର ନିଯୁକ୍ତି ଏବଂ ଆରୋଗ୍ୟ କେନ୍ଦ୍ର ସୁରକ୍ଷା ପାଚେରି ସମ୍ପର୍କରେ ଦାବି କରିଥିଲେ। ଏସବୁ ସମସ୍ୟା ଯୁଦ୍ଧକାଳୀନ ମଧ୍ୟରେ ସମାଧାନ ହେବ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଥିଲେ। ପରବର୍ତ୍ତୀ ସମୟରେ ଆରୋଗ୍ୟ କେନ୍ଦ୍ରକୁ ୩ / ୩ ଜଣ ଡାକ୍ତର ନିଯୁକ୍ତି ହେଉଥିବା ବେଳେ ସେମାନେ ଜାଣି ଶୁଣି କୌଣସି କାରଣବଶତଃ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ନିଯୁକ୍ତି ରହିବା କ୍ଷେତ୍ରରେ କି ରହସ୍ୟ ରହିଛି ଆରୋଗ୍ୟ କେନ୍ଦ୍ରକୁ ନିଯୁକ୍ତି ହେଉଥିବା ଡାକ୍ତର ଅନିଚ୍ଛା ପ୍ରକାଶ କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଞ୍ଚଳର ବିଭିନ୍ନ ରୋଗରେ ଆକ୍ରାନ୍ତ ରୋଗୀ, ଗର୍ଭବତୀ ମହିଳା, ନବଜାତ ଶିଶୁ ଏବଂ ଦୁର୍ଘଟଣାରେ ଆହତମାନେ ବଳଙ୍ଗା ଅଞ୍ଚଳ ଛାଡି ପିପିଲି, ପୁରୀ, ମଙ୍ଗଳପୁର ଏବଂ ଭୁବନେଶ୍ୱରର ବିଭିନ୍ନ ଘରୋଇ ଡାକ୍ତରଖାନାକୁ ଯାଉଥିବା କୁହାଯାଉଛି। ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କୁହାଯାଉଛି। ଏମିତି କି ବଳଙ୍ଗା ଆରୋଗ୍ୟ କେନ୍ଦ୍ରରେ ଅଞ୍ଚଳବାସୀ ପ୍ରାଥମିକ ସେବା ପାଇପାରୁ ନ ଥିବା ଯୋଗୁ ଅଞ୍ଚଳର ଅନେକ ବ୍ୟକ୍ତି, ଗର୍ଭବତୀ ମହିଳା ନବଜାତ ଶିଶୁଙ୍କର ଅକାଳ ବିୟୋଗ ଘଟିବାରେ ବଢ଼ି ଚାଲିଥିବା ଚର୍ଚ୍ଚାର ବିଷୟ ହୋଇଛି। ତେଣୁ ଏ ଦିଗରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନଜର ଦେଇ ବଳଙ୍ଗା ଅଞ୍ଚଳ ପାଇଁ ଜଣେ ଡାକ୍ତର ନିଯୁକ୍ତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ସତ୍ୟନିଷ୍ଠା ଶପଥ ପାଠ

**ରାୟଗଡ଼/ବଲାଙ୍ଗୀର,**(ନି:ପ୍ର): ରାୟଗଡ଼ା ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ଆରମ୍ଭ ହୋଇଛି। ଏହା ଆସନ୍ତା ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ଅବସରରେ ସୋମବର ସକାଳ ୧୧ଟା ସମୟରେ ରାୟଗଡ଼ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ସତ୍ୟନିଷ୍ଠାର ଶପଥ ପାଠ କରିଥିଲେ। କୋଲନରା ବ୍ଲକ କାର୍ଯ୍ୟାଳୟ ଠାରେ ଏକ ସାମୂହିକ ସତ୍ୟନିଷ୍ଠା ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱମ୍ଭର ବେହେରା, ଉପଜିଲ୍ଲାପାଳ ଶୁଶ୍ରୀ ମୃଣାଳିକା ରାଠୋଡ଼ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କୋଲନରା ବିଡିଓ ଏବଂ ତହସିଲଦାର ଉପସ୍ଥିତ ଥିଲେ। ସମସ୍ତେ ନିଜ ନିଜର କର୍ତ୍ତବ୍ୟ ପାଳନରେ ସଚ୍ଚୋଟତା, ସ୍ୱଚ୍ଛତା ଓ ନିଷ୍ଠା ବଜାୟ ରଖିବା ସହ ଦୁର୍ନୀତି ବିରୋଧରେ ଦୃଢ଼ ମନୋଭାବ ପୋଷଣ କରିବାକୁ ସଂକଳ୍ପ ନେଇଥିଲେ। ଦୁର୍ନୀତିମୁକ୍ତ ପ୍ରଶାସନ ଗଠନ, ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି କରିବା ସହ ଜନସାଧାରଣଙ୍କ ମଧ୍ୟରେ ସତ୍ୟନିଷ୍ଠା ଓ ନୈତିକ ମୂଲ୍ୟବୋଧ ପ୍ରତି ସଚେତନତା ସୃଷ୍ଟି କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ।




ସେହିପରି ଜିଲ୍ଲା ପ୍ରଶାସନ ଏବଂ ଦୁର୍ନୀତି ନିବାରଣ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲାରେ ସାଧୁତା ଓ ଦୁର୍ନୀତି ନିବାରଣ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁଇଁତଲା ପଞ୍ଚାୟତ ସମିତି ବୈଠକ ଗୃହରେ ଆୟୋଜିତ ଶପଥ ପାଠ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର ଯୋଗଦେଇ ଉପସ୍ଥିତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଶପଥ ପାଠ କରାଇଥିଲେ। ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଦେଶର ସମଗ୍ର ପ୍ରଗତି ଏବଂ ସୁଶାସନ ପ୍ରତିଷ୍ଠା ପାଇଁ ଦୁର୍ନୀତି ବିରୋଧରେ ସଂଗ୍ରାମ କରିବାକୁ ଦୃଢ଼ ସଂକଳ୍ପ ନେଇଥିଲେ। ଶପଥ ଗ୍ରହଣ ସମୟରେ କାର୍ଯ୍ୟାଳୟର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ରକ୍ଷା କରିବା, ଲାଞ୍ଚ ଦେବାରୁ ଓ ନେବାରୁ ସମ୍ପୂର୍ଣ୍ଣ ନିବୃତ୍ତ ରହିବା, ନିଷ୍ଠାର ସହ ସ୍ୱଚ୍ଛତା ଅବଲମ୍ବନ କରି ଦାୟିତ୍ୱ ନିର୍ବାହ କରିବା ଏବଂ ସାଧାରଣ ଜନସାଧାରଣଙ୍କ ହିତ ସାଧନ ଲାଗି ନିଜକୁ ସମର୍ପିତ ରଖିବାକୁ ପ୍ରତିଜ୍ଞା କରାଯାଇଥିଲା। ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଧ ଶପଥ ପାଠ କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ରାମ ନାରାୟଣ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଡେପୁଟି କଲେକ୍ଟର ଏବଂ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ ଏବଂ ଉପ-ଆରକ୍ଷୀ ଅଧୀକ୍ଷକ, ଦୁର୍ନୀତି ନିବାରଣ ବିଭାଗ, ପୁଲସ୍ତି ଛତ୍ରିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଯୁବକଙ୍କ ମୃତ୍ୟୁକୁ ନେଇ ମାଲକାନଗିରି ଥାନାରେ ଉତ୍ତେଜନା !

ମାଲକାନଗିରି,(ନିପ୍ର): ଯୁବକଙ୍କ ମୃତ୍ୟୁକୁ ନେଇ ମାଲକାନଗିରିରେ ତୀବ୍ର ଉତ୍ତେଜନା ଲାଗି ରହିଛି। ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ହରିୟାଣା ପୋଲିସ ଏମଭି-୬୫ ଗ୍ରାମର ଜଣେ ଯୁବକଙ୍କୁ ଘରୁ ଉଠାଇ ଆଣିଥିବାବେଳେ, ଆଜି ସକାଳେ ଏକ ହୋଟେଲରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଏହାକୁ ନେଇ ମୃତକଙ୍କ ପରିବାର ହରିୟାଣା ପୋଲିସ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି।

ମୃତ ଯୁବକ ହେଉଛନ୍ତି ଏମଭି-୬୫ ଗ୍ରାମର ତନୁପ ଦେ। ସୂଚନା ଅନୁଯାୟୀ, ଗତକାଲି ରାତିରେ ହରିୟାଣାର ହଂସି ଥାନା ପୋଲିସ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ତାଙ୍କୁ ଘରୁ ଉଠାଇ ଆଣି ମାଲକାନଗିରିସ୍ଥିତ ଏକ ହୋଟେଲରେ ରଖିଥିଲା। ତେବେ ଆଜି ସକାଳେ ହୋଟେଲ ଭିତରୁ ତାଙ୍କର ଝୁଲନ୍ତା ମୃତଦେହ ମିଳିବା ପରେ ଘଟଣାକୁ ନେଇ ହଇଚଇ ସୃଷ୍ଟି ହୋଇଛି।

ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ହଂସି ଥାନା ପୋଲିସ ତନୁପ ଦେଙ୍କୁ ମାଡ଼ ମାରି ହତ୍ୟା କରିଛି। ଏହି ଅଭିଯୋଗକୁ ନେଇ ଘଟଣା ଅଧିକ ଗମ୍ଭୀର ରୂପ ନେଇଛି। ଅନ୍ୟପଟେ, ହରିୟାଣା ପୋଲିସ ମାଲକାନଗିରି ଥାନାରେ ଅଟକ ଥିବା ସୂଚନା ମିଳିଛି। ଘଟଣାରେ ନ୍ୟାୟ ଦାବି କରି ଉତ୍ତ୍ୟକ୍ତ ଲୋକେ ମାଲକାନଗିରି ଥାନା ଘେରାଉ କରିବା ସହ ହରିୟାଣା ପୋଲିସକୁ ଗିରଫ କରିବା ପାଇଁ ଦାବି କରିଛନ୍ତି। ବଡ଼ ପ୍ରଶ୍ନ ଯେ ପୋଲିସ ହେପାଜତରେ ଥିବା ଯୁବକଙ୍କ ମୃତ୍ୟୁ କେମିତି ହେଲା ? ଘଟଣାର ପ୍ରକୃତ କାରଣ କ'ଣ ? ମୃତ୍ୟୁ ପଛରେ କିଏ ଦାୟୀ ଅଛନ୍ତି ? ଏବେ ସମସ୍ତଙ୍କ ନଜର ଘଟଣାର ନିରପେକ୍ଷ ତଦନ୍ତ ଏବଂ ମୃତକଙ୍କ ପରିବାରକୁ ନ୍ୟାୟ ମିଳିବା ଉପରେ।

## ଗଜପତିରେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି

କାଶୀନଗର,(ନିପ୍ର): ସମ୍ଭାବ୍ୟ ବାତ୍ୟା ପ୍ରଭାବ ଗଜପତି ଜିଲ୍ଲାରେ ପଡିବ ବୋଲି ଆଶଙ୍କା କରି ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କାଶୀନାଗର ଗସ୍ତ କରି ବାତ୍ୟା ଜନିତ ମୁକାବିଲା ପ୍ରସ୍ତୁତି ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କାଶୀନଗର ଏନଏସି ମଧ୍ୟରେ ତଳିଆ ଅଂଚଳରେ ଥିବା ବଂଶଧାରା ନଦୀ ତୁଠ ମାନ ପରିଦର୍ଶନ କରି ସ୍ଥିତ ଅନୁଧାନ କରିଥିଲେ। ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କେ.ଦିବ୍ୟ ରଞ୍ଜନ ଓ ସ୍ଥାନୀୟ ତହସିଲଦାର ସୁଧୀର କୁମାର ନନ୍ଦଙ୍କ ସହ ଆଲୋଚନା କରି କୁଡ଼ିଆ ଘରମାନ ଚିହ୍ନଟ କରି ସେଥିରେ ବସବାସ କରୁଥିବା ପରିବାରଙ୍କ ସ୍ଥାନାନ୍ତର ଓ ଥଇଥାନକୁ ପ୍ରାଧାନ୍ୟ ଦେବା ସହ ବାତ୍ୟାରେ ଶୂନ୍ୟ ମୃତାହତ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରସୂତି ହେବାକୁ ଥିବା ମହିଳା ମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରିବା , ଦୁର୍ବଳ ବିଜୁଳି ପୋଲ ଏବଂ ଶୁଖିଲା ଗଛ ଯଦି କିଛି ରହିଛି ତାହା ବାତ୍ୟା ହେବା ପୂର୍ବରୁ ବାହାର କରିବା ସକାଶେ ପରାମର୍ଶ ଦେଇଥିଲେ। କାଶୀନଗର ଶଶ୍ମାନ ଘାଟ ନିକଟରେ ପହଞ୍ଚି ସେଠାରେ କ୍ଷେତ୍ର ପରିଦର୍ଶନ କରିବା ପରେ ସେ ବାତ୍ୟା ପାଇଁ ସବୁ ପ୍ରାକ୍ ପ୍ରସ୍ତୁତି କରି ପ୍ରଶାସନକୁ ସଜାଗ ରହିବା ପାଇଁ କହିଥିଲେ।

## କାଶୀନଗରରେ ଗଜଲକ୍ଷ୍ମୀ ପୂଜା

କାଶୀନଗର,(ନିପ୍ର): ଶରତର ନୀଳ ଆକାଶ ଧଳା କାଶତଣ୍ଡୀର ଦଳି ଓ ଶିଉଳିର ସୁଗନ୍ଧରେ ପ୍ରକୃତି ଯେତେବେଳେ ହସିଉଠେ ସେତେବେଳେ ମା ଧନଦାତ୍ରୀ ଦେବୀ ଗଜଲକ୍ଷ୍ମୀଙ୍କ ହୁଏ ଆଗମନୀ। କାଶୀନଗରର ଐତିହ୍ୟ ସମ୍ପନ୍ନ ସହରରେ ପ୍ରଥମ କରି ବର୍ଷ ମା ଗଜଲକ୍ଷ୍ମୀଙ୍କ ପୂଜା ସ୍ଥାନୀୟ ବ୍ଲକ ଛକ ଠାରେ ଅନୁଷ୍ଠିତ ହୋଇଥିଲା। ମା ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାରେ ପ୍ରାଣ ପ୍ରତିଷ୍ଠା କରାଯାଇ ମା ଙ୍କୁ ସ୍ୱାଗତ ହୋଇଥିଲା। ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ଉପଜିଲ୍ଲାପାଳ ଭାଗବତ ସାମଲ କଲ୍ୟାଣ ରାଓ ପୂଜା ମଣ୍ଡପରେ ପହଞ୍ଚି ମା ଗଜଲକ୍ଷ୍ମୀଙ୍କ ଦର୍ଶନ କରି ଆଶୀର୍ବାଦ କାମନା କରିଥିଲେ।

## କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିଅନର ନୂତନ କର୍ମକର୍ତ୍ତା

### କମ୍ବୁପାଣି ମିଶ୍ର ସଭାପତି, ସନ୍ତୋଷ କୁମାର ସିଂହଦେଓ ସାଧାରଣ ସମ୍ପାଦକ

ଭବାନୀପାଟଣା,(ନି.ପ୍ର): କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିଅନର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ମଦନପୁର ରାମପୁରସ୍ଥିତ ଯୁଗଯାତ୍ରୀ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ଚୟନ କମିଟି ବୈଠକରେ କମ୍ବୁପାଣି ମିଶ୍ରଙ୍କୁ ସଭାପତି ଏବଂ ସନ୍ତୋଷ କୁମାର ସିଂହଦେଓଙ୍କୁ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଛି। ଚୟନ କମିଟିର ଅଧକ୍ଷ କିଶୋର କୁମାର ନାଏକ ଓ ଉପାଧ୍ୟକ୍ଷ ରଜନୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ଆଲୋଚନା ପରେ ନୂତନ କର୍ମକର୍ତ୍ତାମାନଙ୍କୁ ଚୟନ କରିଥିଲା। ନୂତନ କର୍ମକର୍ତ୍ତା ତାଲିକା ଅନୁଯାୟୀ, ସଭାପତି ଭାବେ କମ୍ବୁପାଣି ମିଶ୍ର, କାର୍ଯ୍ୟକାରୀ ସଭାପତି ଭାବେ ବିରଞ୍ଚି ନାରାୟଣ ଜାଲ ଏବଂ ଉପସଭାପତି ଭାବେ ଲିଙ୍ଗରାଜ ମିଶ୍ର, ସୁଧୀର ପ୍ରସାଦ ସାହୁ, ମନମୋହନ ପ୍ରଧାନ, ସୁଭେନ ପଟ୍ଟନାୟକ, ଗଜିନ୍ଦ୍ର ସାହୁ, ଭୋଳାନାଥ ପଟେଲ ଓ କ୍ଷମାନିଧି ମହାକୁଡ଼ ଚୟନ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ସନ୍ତୋଷ କୁମାର ସିଂହଦେଓ, ସମ୍ପାଦକ ଭାବେ ବୈଦ୍ୟନାଥ ବେହେରା, ଶରତ ଚନ୍ଦ୍ର ରାଉତ, ହେମନ୍ତ ସାହୁ, ରଜନୀକାନ୍ତ ମିଶ୍ର, ଭଜଶ୍ୟାମ ସାହୁ, ସୁଶୀଲ ବାଗ, ନିହାର ରଞ୍ଜନ ବେହେରା, ସୁଶାନ୍ତ ଦଳେଇ, ଏଲ୍. କୋଟେଶ୍ୱର ନାୟଡୁ ଓ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଚୟନ ହୋଇଛନ୍ତି। ସଂଗଠନ ସମ୍ପାଦକ ଭାବେ ଅଂଶୁମାନ ପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାସହ ଡମ୍ବରୁଧର ଭୋଇଙ୍କୁ କୋଷାଧକ୍ଷ, ପ୍ରସାନ୍ତ ସାମନ୍ତରାଙ୍କୁ ଟ୍ରିବ୍ୟୁନାଲ ଅଧକ୍ଷ ଏବଂ ଶଙ୍କର୍ଷଣ ବେହେରାଙ୍କୁ ଟ୍ରିବ୍ୟୁନାଲ ଉପାଧକ୍ଷ ଭାବେ ଚୟନ କରାଯାଇଛି। କଲ୍ୟାଣ କମିଟିର ଅଧକ୍ଷ ଭାବେ ବିନ୍ଦୁ ମହାନନ୍ଦ ଓ ଉପାଧକ୍ଷ ଭାବେ ଏମ୍. ଚନ୍ଦ୍ରଶେଖରଙ୍କୁ ଚୟନ କରାଯାଇଥିବାବେଳେ ଶୃଙ୍ଖଳା କମିଟିର ଅଧକ୍ଷ ଭାବେ କିଶୋର କୁମାର ନାଏକ ଦାୟିତ୍ୱ ଗ୍ରହଣ କରିବେ।

## ପରିତ୍ୟକ୍ତ କୂଅକୁ ଡମ୍ପିୟାର୍ଡ ଭାବେ ବ୍ୟବହାର ଅଭିଯୋଗ

ପୁରୀ,(ନିପ୍ର): ପୁରୀ ସହର ଏକ ତୀର୍ଥ ସହର ହେଉଥିବା ଯୋଗୁଁ ବାହାରୁ ଆସୁଥିବା ତୀର୍ଥ ଯାତ୍ରୀମାନେ ସୁବିଧାରେ କିପରି ପାନୀୟ ଜଳ ପାଇ ପାରିବେ ସେଥିପାଇଁ ସହରର କେତେକ ସ୍ଥାନରେ ବଦ୍ୟାନ ବ୍ୟକ୍ତିମାନେ କୂପ ନିର୍ମାଣ କରିଥିଲେ। କେତେକ ସ୍ଥାନରେ କୂପଗୁଡିକ ଉପରେ ଗୃହ ନିର୍ମାଣ କରାଯାଇଥିବା ବେଳେ ଆଉ କେତେକ କୂପ ପୋତି ହୋଇଯାଇଛି । ସେହିପରି କର୍ତ୍ତି ସାହିରେ ଥିବା ଏକ କୂପ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ବେଳେ ଉକ୍ତ ଅଞ୍ଚଳର ବାସିନ୍ଦାମାନେ ସେମାନଙ୍କର ଅଳିଆ ଆବର୍ଜନା ବିଭିନ୍ନ ପୂଜା ସାମଗ୍ରୀ ଆଦି କୂପରେ ପକାଉଥିବା ଯୋଗୁଁ ଉକ୍ତ ଅଞ୍ଚଳରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇ ଥିବା କୁହାଯାଏ। ଏ ସଂପର୍କରେ ନିଗମର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ କୌଣସି ପ୍ରକାର ଦୃଷ୍ଟାନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଅଭିଯୋଗ ହେଉଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଉକ୍ତ କୂପଟିକୁ ସମ୍ପୂର୍ଣ୍ଣ ଭାବେ ପୋତିଦେଲେ ରାସ୍ତା ପ୍ରଶସ୍ତ ହେବା ସହ ସାଧାରଣ ଚଳପ୍ରଚଳ ଓ ଯାନବାହନ ଚଳାଚଳରେ ସୁବିଧା ହେବା ବୋଲି କୁହାଯାଉଛି।

## ଉପଭୋକ୍ତାଙ୍କ ପାଇଁ ଆସିଲା ୧୦ କେଜିର ସ୍ମାର୍ଟ ଓ ସୁରକ୍ଷିତ ସିଲିଣ୍ଡର

ସୋନପୁର,(ନିପ୍ର): ସୋନପୁର ସହରର ଘୋଡାଘାଟପଡା ସ୍ଥିତ 'ପ୍ରଜ୍ୱଳ ଭାରତ ଗ୍ୟାସ' କାର୍ଯ୍ୟାଳୟ ପରିସରରେ ଭାରତ ପେଟ୍ରୋଲିୟମ୍ କର୍ପୋରେସନ ଲିମିଟେଡ୍ ର ଅତ୍ୟାଧୁନିକ ନୂତନ ଉତ୍ପାଦ 'ଭାରତ ଗ୍ୟାସ୍ ଲାଇଟ୍'ର ଏକ ଭବ୍ୟ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୋନପୁରର ବିଧାୟକ ଇଂ. ରଘୁନାଥ ଜଗଦଲା ଯୋଗଦେଇ ଏହି ନୂତନ ଗ୍ୟାସ୍ ସିଲିଣ୍ଡରକୁ ଆନୁଷ୍ଠାନିକ ଭାବେ ଲୋକାର୍ପିତ କରିଛନ୍ତି। ଏହି ଶୁଭ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପର୍ଶୁରାମ ମିଶ୍ର, ପ୍ରଜ୍ୱଳ ଭାରତ ଗ୍ୟାସର ପ୍ରୋପ୍ରାଇଟର ପରମାନନ୍ଦ ମିଶ୍ର ଏବଂ ସହ-ପ୍ରୋପ୍ରାଇଟର ସଦାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ବଜାରକୁ ଆସିଥିବା ଏହି ନୂଆ ୧୦ କେଜି ବିଶିଷ୍ଟ କମ୍ପୋଜିଟ୍ ସିଲିଣ୍ଡର ହେଉଛି ଭାରତର ସବୁଠାରୁ ସ୍ମାର୍ଟ ଏବଂ ସୁରକ୍ଷିତ ସିଲିଣ୍ଡର। ଏହି ନୂଆ ସିଲିଣ୍ଡରର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି। ହାଲୁକା ଓ ବହନଯୋଗ୍ୟ: ଏହା ପାରମ୍ପରିକ ଲୁହା ସିଲିଣ୍ଡର ଠାରୁ ଅତ୍ୟନ୍ତ ହାଲୁକା, ଯାହାକୁ ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆଯାଇପାରିବ।

## 'ବରକନ୍ୟା' ର ବିକାଶ ନେଇ ଆଶା ଜାଗିଲା

ନୟାଗଡ,(ନିପ୍ର): ନୟାଗଡ଼ ଜିଲ୍ଲା ଓଡଗାଁ ବ୍ଲକ ବାଣ୍ଟପୁର ପଂଚାୟତର ନିହଲ ପ୍ରସାଦ ଗ୍ରାମ ନିକଟରେ ପ୍ରକୃତିର ନୈସର୍ଗିକ ଶୋଭା ରାଜିକୁ ବଖାଣୁଥିବା ବର କନ୍ୟା ଝରଣା ବିକାଶ ପାଇଁ ୨୦୨୨ରେ ରାଜ୍ୟ ସରକାର ୪କୋଟି ଟଙ୍କା ପ୍ରଦାନ କରିଥିଲେ । ବନ ବିଭାଗ ଏହାର କାର୍ଯ୍ୟ କରିବାକୁ ଯାଇ ଜଣେ ଠିକାଦାର ହାତରେ କାମକୁ ଟେକି ଦେଇଥିଲା । ଏହାକୁ ନେଇ ଠିକାଦାର ଓ ବନକର୍ମଚାରୀଙ୍କ ମଧ୍ୟରେ ଫାଟ ସୃଷ୍ଟି ହେବାରୁ ୪ବର୍ଷ ହେବ କାମ ପଡି ରହିଛି।



ବର କନ୍ୟା ଝରଣାର ପ୍ରକୃତିକ ଶୋଭା ସମ୍ଭାର ପର୍ଯ୍ୟଟକଙ୍କୁ ସର୍ବଦା ଆକର୍ଷିତ କରିଥାଏ । ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସିଥାନ୍ତି । କିନ୍ତୁ ଏହି ସ୍ଥାନରେ ବନ ବିଭାଗ କଣ୍ଟା ସାଜିଥିବା ଅଭିଯୋଗ ହୋଇଥିଲା । ନିଜ ସ୍ୱାର୍ଥ ହାସଲ ପାଇଁ ଅନୁଦାନ ପଡି ରହିଥିଲା । ୪କୋଟି ଟଙ୍କା ଅନୁଦାନ ରୁ ୧ କୋଟି ଖର୍ଚ୍ଚ ହୋଇଥିବା ବେଳେ ବାକି ୩କୋଟି ଫେରିଯିବା ବୋଲି କୁହାଯାଉଛି। ବରକନ୍ୟା ଝରଣାକୁ ନେଇ ନେତା ଓ ଅଧିକାରୀଙ୍କ ମଧ୍ୟରେ ମାନସ ମନ୍ଥନ ଆରମ୍ଭ ହୋଇଥିଲା । ଓଡଗାଁର ବିକାଶକୁ ଗୁରୁତ୍ୱ ଦେଇଥିଲେ ନୟାଗଡ ବିଧାୟକ ଡ଼ ଅରୁଣ କୁମାର ସାହୁ । ସ୍ଥାନୀୟ ଅଞ୍ଚଳର ବିକାଶ ଓ ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟି ନିକ୍ଷେପ କରିଥିଲେ । ଏହି ଝରଣାରୁ ଖରା,ବର୍ଷା, ଶୀତ ସର୍ବଦା ପାଣି ପଡୁଥାଏ । ଖରା ଦିନେ ସବୁ ସ୍ଥାନରୁ ପାଣି ଶୁଖିବା ପରେ ମଧ ଏହି ପାହାଡ଼ରୁ ପାଣି ପଡୁଥିବା ଏକ ଆଶ୍ଚର୍ଯ୍ୟଜନକ ଘଟଣା ବୋଲି ବିଧାୟକ କହିଥିଲେ । କିଛି ବର୍ଷର ବ୍ୟବଧାନ ପରେ ବରକନ୍ୟା ଝରଣା ପର୍ଯ୍ୟଟନ ସ୍ଥଳର ବିକାଶ ଉପରେ ଚେଇଁ ଉଠିକି ଜିଲ୍ଲା ପ୍ରଶାସନ ଅଳ୍ପ ଦିନ ତଳେ ନୟାଗଡ ବିଧାୟକ, ଜିଲ୍ଲାପାଳ, ଡି ଫ ଓ, ବି ଡି ଓ, ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି । ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଅଳଙ୍କୃତ ତ କରିବ ବର କନ୍ୟା ଜଳ । ଏହି ପର୍ଯ୍ୟଟନ ସ୍ଥଳର ବିକାଶ ହେଲେ କେବଳ ଓଡଗାଁ କାହିଁକି ? ସମଗ୍ର ଜିଲ୍ଲାରେ ଆଉ ଏକ ଅଧ୍ୟାୟ ଯୋଡି ହେବ ବୋଲି ବିଭିନ୍ନ ମହଲରେ ଆଶା ସଂଚାରିତ ହୋଇଛି।

# ରାୟଗଡ଼ା : ଚାଷୀଙ୍କୁ ଘାରିଛି ବାତ୍ୟା ଚିନ୍ତା



ରାୟଗଡ଼ା,(ନିପ୍ର): ବାତ୍ୟା ପୁଣି ଉଜାଡି ଦେବକି ସୁନାର ସଂସାର ? ପ୍ରବଳ ବେଗରେ ପବନ ଆଉ ବର୍ଷା ହେଲେ ବର୍ଷକର ପରିଶ୍ରମ କ୍ଷେତରେ ଚାପି ହୋଇଯିବ କି ? ବର୍ଷ ତମାମ କେମିତି ଚଳିବ ପରିବାର ? ଏମିତି ଅନେକ ପ୍ରଶ୍ନ ଏବେ ରାୟଗଡା ଜିଲ୍ଲାର ଚାଷିଙ୍କୁ ଘାରିଛି । କାରଣ ବାତ୍ୟା ଅର୍ଣ୍ଣବ ଆନ୍ଧ୍ରର କାକିନାଡାରେ ଲ୍ୟାଣ୍ଡଫଲ୍ କଲେ ଜିଲ୍ଲାରେ ପ୍ରବଳ ବର୍ଷା ଓ ପବନ ହେବ । ଏଥିପାଇଁ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି ।

ତେବେ ପୂର୍ବରୁ ଅନେକ ବାତ୍ୟାରେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଥିବା ବେଳେ ଆଗାମୀ ବାତ୍ୟାକୁ ନେଇ ଚାଷୀ ଚିନ୍ତାରେ ପଡିଯାଇଛି । ଜିଲ୍ଲାରେ ୨ ଲକ୍ଷ ୧୦ ହଜାର ୬୬୦ ହେକ୍ଟର ଚାଷ ଜମି ରହିଥିବା ବେଳେ ଚଳିତ ଖରିଫ୍ ରେ ୪୮ ହଜାର ୯୮୧ ଜମିରେ ଧାନ ଚାଷ ହୋଇଛି ।

ସେହିପରି ୧ଲକ୍ଷ ୬୧ ହାଜାର ହେକ୍ଟର ଜମିରେ ଅଣଧାନ ଚାଷ ହୋଇଛି । ଅନେକ ଚାଷୀ ଅର୍ଥକାରୀ ଫସଲ କପା ଲଗାଇଥିବା ବେଳେ ଶହ ଶହ ଚାଷି ପନିପରିବା ଓ ଡାଲି ଜାତୀୟ ଫସଲ କରିଛନ୍ତି । ତେବେ ବାତ୍ୟା ଆସିଲେ ଚାଷୀକୂଳ ଅନେକ କ୍ଷତି ସହିବେ ବୋଲି ଆଶଙ୍କା କରିଛନ୍ତି । ଅନନ୍ତ ଅଦାବଂସ, ରଶ୍ମି ରଞ୍ଜନ ଦୋରା, ଅଶୋକ ସାହୁ, ଏଙ୍କଟି ପାଢ଼ୀ ଜଗାନା ନାଇଡୁ, ଶ୍ରୀନିବାସ, ରାମଚନ୍ଦ୍ର ନାଗବଂଶ ଏବଂ ଅନ୍ୟ କେତେକ ଚାଷୀ।

ଅନ୍ୟପଟେ ସମ୍ଭାବ୍ୟ ବାତ୍ୟାକୁ ନେଇ ବେଶ୍ ସଜାଗ ରହିଛି ରାୟଗଡା ଜିଲ୍ଲା ପ୍ରଶାସନ । ଏସ୍ଆରସିଙ୍କ ନିର୍ଦ୍ଦେଶକ୍ରମେ ଜରୁରୀ ବୈଠକ କରି ଜିଲ୍ଲାର ସମସ୍ତ ବ୍ଲକର ବିଡିଓ ଓ ତହସିଲଦାରଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ୮୪ଟି ଆଶ୍ରୟସ୍ଥଳୀ ରହିଥିବା ବେଳେ ଲ୍ୟାଣ୍ଡଫୋଲ୍ ପୂର୍ବରୁ ସମସ୍ତ ପ୍ରଭାବିତଙ୍କୁ ସ୍ଥାନାନ୍ତରଣ କରିବା ପାଇଁ ନିଷ୍ପତ୍ତି ହୋଇଛି ।

ସେହିପରି ଭୁସ୍ଖଳନ ଘଟୁଥିବା ୧୧ଟି ସ୍ଥାନକୁ ଚିହ୍ନଟ କରାଯାଇ ସେହି ସ୍ଥାନମାନଙ୍କ ପ୍ରତି ସତର୍କ ରହିବାକୁ କ୍ଷେତ୍ର ଅଧିକାରୀଙ୍କୁ କୁହାଯାଇଛି। ଜିଲ୍ଲାର ଗୁଣପୁରରେ ଦୁଇଟି ଓଡ୍ରାଫ୍ ଟିମ୍ ରହିଥିବା ବେଳେ ସେମାନଙ୍କୁ ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ମୁତୟନ କରାଯିବା ସହ ଅଗ୍ନିଶମ ବିଭାଗର ଅଧିକାରୀମାନଙ୍କୁ ସତର୍କ କରାଯାଇଛି। ସେହିପରି ଏନଡିଆରଏଫ୍‌ର ଏକ ଟିମ୍‌କୁ ମଧ ନିୟୋଜିତ କରାଯିବ ବୋଲି କୁହାଯାଇଛି । ଅନ୍ୟପଟେ ସମସ୍ତ ଅଧିକାରୀଙ୍କ ଛୁଟିକୁ ବାତିଲ କରାଯିବା ସହ ଯେଉଁମାନେ ଛୁଟିରେ ଅଛନ୍ତି ସେମାନେ ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ନିର୍ଦ୍ଦେଶ ଦେଇଛନ୍ତି।

## ମାଆ ଗଜଲକ୍ଷ୍ମୀଙ୍କ ଗୋଟିଏ ମଣ୍ଡପ, ଦୁଇ ପୂଜା

ଭାପୁର,(ନିପ୍ର): ଦୁଇ ସାମ୍ପ୍ରଦାୟିକ ରାଜନୈତିକ ଦଳ ମଧ୍ୟରେ ଟଣାଓଟରାକୁ ନେଇ ବଳି ପଡିଯାଇଛନ୍ତି ମାଆ ଗଜଲକ୍ଷ୍ମୀ । ଅର୍ଥାତ୍ ଗୋଟିଏ ପେଣ୍ଡାଲ ମଧ୍ୟରେ ଦୁଇ ଗୋଟି ଗଜଲକ୍ଷ୍ମୀ ପୂଜା ପାଉଥିବା ଭଳି ଅଭାବନୀୟ ଦୃଶ୍ୟ ଫତେଗଡ଼ ଥାନା ବାଘୁଆପଲ୍ଲୀ ପଞ୍ଚାୟତ ଦାରୁଢିପ ଗ୍ରାମରେ ଗତବର୍ଷ ଚଳିତ ବର୍ଷ ପୂଜା ହେଉଥିବା ଦେଖିବାକୁ ମିଳିଛି । ଉଲ୍ଲେଖଯୋଗ୍ୟ,ଗତବର୍ଷ ଗୋଟିଏ ମଞ୍ଚରେ ଦୁଇ ଗୋଷ୍ଠୀ କାର୍ତ୍ତିକଶ୍ୱର ପୂଜା କରିବାକୁ ନେଇ ପ୍ରମୁଖ ରାଜନୈତିକ ଦୁଇ ଦଳ କର୍ମୀଙ୍କ ମଧ୍ୟରେ ଗଣ୍ଡୋଗଳର ସୂତ୍ରପାତ ହୋଇ ଘଟଣା ଥାନାରେ ପହଂଚିଥିଲା। ଫଳରେ ପୋଲିସ ପହଞ୍ଚି ମଞ୍ଚକୁ ଦୁଇ ଭାଗ କରି ଦୁଇ ଦଳକୁ ଶାନ୍ତିଶୃଙ୍ଖଳାର ସହିତ ପୂଜା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ,ଗତବର୍ଷ ଏବଂ ଚଳିତ ବର୍ଷ ଗୋଟିଏ ମଣ୍ଡପରେ ଦୁଇ ପ୍ରମୁଖ ରାଜନୈତିକ ଦଳର ଗଜଲକ୍ଷ୍ମୀ ପୂଜା ପାଉଛନ୍ତି ଯାହାକି ଭାପୁର ବ୍ଲକ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି।

## ମାନହାନି ମାମଲା: ନିର୍ଦ୍ଦୋଷରେ ଖଲାସ ହେଲେ ରାହୁଲ

ନୂଆଦିଲ୍ଲୀ, ୨୬।୧୦: କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଉତ୍ତର ପ୍ରଦେଶର ସୁଲତାନପୁରର ଏକ କୋର୍ଟ ମାନହାନି ମାମଲାରେ ଏକ ଫୌଜଦାରି ମାମଲାରେ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ପ୍ରମାଣ ଅଭାବରୁ ତାଙ୍କୁ ଖଲାସ କରାଯାଇଛି ବୋଲି ସ୍ୱତନ୍ତ୍ର ମାଜିଷ୍ଟ୍ରେଟ୍ ଶୁଭମ ବର୍ମାଙ୍କ କୋର୍ଟ ରାୟ ଦେଇଛନ୍ତି । ଶୁଣାଣି ସମୟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଉପସ୍ଥିତ ଥିଲେ । ୨୦୧୮ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପୂର୍ବରୁ ବେଙ୍ଗାଲୁରୁରେ ଏକ ରାଲିରେ ବିଜେପି ଅଧ୍ୟକ୍ଷ ଅମିତ ଶାହଙ୍କ ବିରୋଧରେ ରାହୁଲ ଗାନ୍ଧୀ ଦେଇଥିବା ଆପତ୍ତିଜନକ ମନ୍ତବ୍ୟ ସହିତ ଜଡ଼ିତ । ୮ ବର୍ଷ ପରେ ମାମଲାରେ ରାହୁଲ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । କୋର୍ଟଙ୍କ ନିଷ୍ପତ୍ତିରେ ରାହୁଲ ଗାନ୍ଧୀଙ୍କ ସମର୍ଥକମାନେ କୃତଜ୍ଞତା ଏବଂ ଆନନ୍ଦ ପ୍ରକାଶ କରିଛନ୍ତି । ଉତ୍ତର ପ୍ରଦେଶ କଂଗ୍ରେସ ସଭାପତି ଆରାଧନା ମିଶ୍ର କହିଛନ୍ତି, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଜୀ ମାନହାନି ମାମଲାରେ ଦୋଷମୁକ୍ତ ହୋଇଛନ୍ତି, ସତ୍ୟର ବିଜୟ ହୋଇଛି ।

## ତାମିଲନାଡୁରେ ପ୍ରବଳ ବର୍ଷା, ବଜ୍ରାଘାତରେ ୧୪ ମୃତ

ଚେନ୍ନାଇ, ୨୬।୧୦: ତାମିଲନାଡୁରେ ପ୍ରବଳ ବର୍ଷା ଯୋଗୁ ବଜ୍ରାଘାତରେ ୧୪ ଜଣଙ୍କ ମୃତ୍ୟୁ ସହ ସାଧାରଣ ଜନଜୀବନ ବାଧାପ୍ରାପ୍ତ ହୋଇଛି । ବର୍ଷା ଓ ଭୂସ୍ଖଳନ ଯୋଗୁ ରାଜ୍ୟର କେତେକ ଲୋକପ୍ରିୟ ପାହାଡ଼ିଆ ପର୍ଯ୍ୟଟନସ୍ଥଳୀକୁ ଯିବା ପାଇଁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି । ପାଣିପାଗ ବିଭାଗ ପକ୍ଷରୁ ମଧ୍ୟ ରେଡ୍ ଆଲର୍ଟ ଜାରି ହୋଇଛି । ଚଳିତ ଉତ୍ତର-ପୂର୍ବ ମୌସୁମୀ ବର୍ଷା ଆରମ୍ଭ ହେବାଠାରୁ ଏଯାବତ୍ ରାଜ୍ୟରେ ବଜ୍ରାଘାତ ଯୋଗୁ ୧୪ ଜଣଙ୍କ ମୃତ୍ୟୁ ହେଲାଣି । ରାଜସ୍ୱ ମନ୍ତ୍ରୀ କେଏ ସେଙ୍ଗୋଟେୟାନ କହିଛନ୍ତି ଯେ ବଜ୍ରାଘାତରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ଘୋଷଣା କରାଯାଇଛି । ତେବେ ବର୍ଷା ଯୋଗୁ ଗୋଟିଏ ଦିନରେ ରାଜ୍ୟରେ ୩୫ ଜଣଙ୍କ ମୃତ୍ୟୁ ହୋଇଥିବା ଦାବିକୁ ସେ ଖଣ୍ଡନ କରିଛନ୍ତି । ପ୍ରବଳ ବର୍ଷା ଯୋଗୁ ନୀଳଗିରି ଜିଲ୍ଲାରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଛି । ଜିଲ୍ଲାରେ ୬୨ ଥର ଭୂସ୍ଖଳନ ହୋଇଛି । ସେହିପରି କୋଏମ୍ବାଟୁର ଓ ତିରୁପ୍ପୁରରେ ଜଳବନ୍ଦୀ ସମସ୍ୟା ଉପୁଜିଛି । ନାଗପଟ୍ଟିନମରେ ୩୫୦୦ ଏକର ଚାଷଜମି ବର୍ଷାପାଣିରେ ବୁଡ଼ିଯାଇଛି । ନୀଳଗିରି ଓ କୋଡ଼ାଇକନାଲକୁ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ ରୋକ୍ ଲଗାଯାଇଛି । ଲଗାଣ ବର୍ଷା ଯୋଗୁ ଜନଜୀବନ ପ୍ରଭାବିତ ହୋଇଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ରାମେଶ୍ୱରମ୍, ପମ୍ବନ, ଥଙ୍ଗାଚିମଦମ୍ ଓ ଆରଏସ୍ ମଙ୍ଗଳମରେ ୧୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି ।

## ଭୂମିକମ୍ପରେ ଥରିଲା ମେଘାଳୟ

ନୂଆଦିଲ୍ଲୀ, ୨୬।୧୦: ଭୂମିକମ୍ପରେ ଥରିଲା ମେଘାଳୟ । ସୋମବାର ସକାଳ ସାଢେ ୬ଟାରେ ମେଘାଳୟରେ ଭୂମିକମ୍ପର ଝଟକା ଲାଗିଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୦ ବୋଲି ଜଣାପଡିଛି । ଏହାର କେନ୍ଦ୍ରସ୍ଥଳୀ ଭୂପୃଷ୍ଠରୁ ୫ କିମି ମଧ୍ୟରେ ଥିବା ନ୍ୟାଶନାଲ୍ ସେଣ୍ଟର ଫର୍ ସିସମୋଲୋଜି ପ୍ରକାଶ କରିଛି । ରିପୋର୍ଟ ଅନୁସାରେ, ମେଘାଳୟରେ ଥିବା ପୂର୍ବ ଗାରୋ ହିଲ୍ସ ନିକଟରେ ଭୂକମ୍ପ ଅନୁଭୂତ ହୋଇଥିଲା । ଏହାର କେନ୍ଦ୍ରସ୍ଥଳୀ ଭୂପୃଷ୍ଠରୁ ବେଶି ଭିତରେ ନାହିଁ । ତେଣୁ ଜୋରଦାର ଝଟକା ଲାଗିନଥିଲା । କିନ୍ତୁ କିଛି ସମୟ ପାଇଁ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡିଥିଲେ । ସେମାନେ ଘରୁ ବାହାରକୁ ଆସି ଯାଇଥିଲେ ।

## ରାଷ୍ଟ୍ରପତି ଭବନ ସମ୍ମୁଖରେ ଥିବା ନର୍ଥ ବ୍ଲକରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ, ୨୬।୧୦: ଦିଲ୍ଲୀର ରାଷ୍ଟ୍ରପତି ଭବନର ଠିକ୍ ସମ୍ମୁଖରେ ଥିବା ଏକ ପ୍ରମୁଖ ସରକାରୀ କୋଠା ନର୍ଥ ବ୍ଲକରେ ଅଗ୍ନିକାଣ୍ଡ ଘଟିଛି । ଦିଲ୍ଲୀ ଅଗ୍ନିଶମ ସେବା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟା ୧୦ ସମୟରେ ଫୋନ୍ ଆସିଥିଲା, ତା'ପରେ ଛଅଟି ଦମକଳ ଗାଡି ପଠାଯାଇଥିଲା । ଅଧିକାରୀଙ୍କ ଅନୁସାରେ, କୋଠାରେ ସାମାନ୍ୟ ମରାମତି କାର୍ଯ୍ୟ ସମୟରେ ଏକ ଛୋଟ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିଶମ ସେବା ସଂସ୍ଥା କହିଛି ଯେ, ନିଆଁ ଲିଭାଇ ଦିଆଯାଇଛି । ନର୍ଥ ବ୍ଲକ ହେଉଛି ନୂଆଦିଲ୍ଲୀର ଦୁଇଟି ଐତିହାସିକ ପ୍ରଶାସନିକ କୋଠା ମଧ୍ୟରୁ ଗୋଟିଏ ଯାହା ରାଇସିନା ହିଲ୍‌ରେ ସଚିବାଳୟ କୋଠା ଗଠନ କରିଥାଏ ।ଶିବସେନା ରାଜ୍ୟସଭା ସାଂସଦ ମିଲିନ୍ଦ ଦେଓରା ସୋସିଆଲ ମିଡିଆ ଏକ୍ସରେ ଅଗ୍ନିକାଣ୍ଡର ଏକ ଫଟୋ ସେୟାର କରିଛନ୍ତି ।

## ୧୦୦ କୋଟି ଦୁର୍ନୀତି ମାମଲାରେ ଗିରଫ ହେଲେ ତାମିଲନାଡୁର ପୂର୍ବତନ ଶିକ୍ଷାମନ୍ତ୍ରୀ

ଚେନ୍ନାଇ, ୨୬।୧୦: ପୂର୍ବତନ ମନ୍ତ୍ରୀଙ୍କୁ ବାନ୍ଧିଲା ପୋଲିସ । ତାମିଲନାଡୁରୁ ସାମ୍ନାକୁ ଆସିଛି ଏଭଳି ଏକ ଖବର । ଡିଏମକେର ବରିଷ୍ଠ ନେତା ତଥା ପୂର୍ବତନ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଅବନିଲ ମହେଶ ପୋୟାମୋଝି । ଚେନ୍ନାଇ ପୋଲିସର ସେଣ୍ଟ୍ରାଲ କ୍ରାଇମବ୍ରାଞ୍ଚ ଗିରଫ କରିଛି । ୧୦୦ କୋଟିର ବେସରକାରୀ ସ୍କୁଲ ଦୁର୍ନୀତି ମାମଲାରେ ତାଙ୍କୁ ଗିରଫ କରାଯାଇଛି । ଅଭିଯୋଗ ଅନୁଯାୟୀ, ଅନବିଲ ମହେଶ ଯେତେବେଳେ ତାମିଲନାଡୁର ସ୍କୁଲ ଶିକ୍ଷାମନ୍ତ୍ରୀ ଥିଲେ, ସେହି ସମୟରେ ବେସରକାରୀ ସ୍କୁଲଗୁଡ଼ିକରୁ ସ୍ଥାୟୀ ସ୍ୱୀକୃତି ଏବଂ ଅନ୍ୟାନ୍ୟ ସରକାରୀ ଅନୁମୋଦନ ଦେବା ବଦଳରେ ବ୍ୟାପକ ଅର୍ଥ କାରବାର ହୋଇଥିଲା । ପ୍ରାୟ ଏକ ହଜାରରୁ ଅଧିକ ବେସରକାରୀ ସ୍କୁଲ ପରିଚାଳନା କର୍ତ୍ତୃପକ୍ଷଙ୍କଠାରୁ ପାର୍ଟି ଫଣ୍ଡ ନାମରେ ଏହି ଟଙ୍କା ସଂଗ୍ରହ କରାଯାଇଥିବା ନେଇ ଅଭିଯୋଗ ରହିଛି । ଏହି ମାମଲାରେ ସମୁଦାୟ ୧୦୦ କୋଟିରୁ ଅଧିକ ଟଙ୍କାର ଦୁର୍ନୀତି ହୋଇଥିବା ସନ୍ଦେହ କରାଯାଉଛି । ମାଡ୍ରାସ ହାଇକୋର୍ଟରେ ପୂର୍ବତନ ମନ୍ତ୍ରୀ ଅନବିଲ ମହେଶଙ୍କ ଆଗୁଆ ଜାମିନ ଆବେଦନ କରିଥିଲେ ମାତ୍ର ଏହା ଖାରଜ ହେବା ପରେ ପୁଲିସ ତୁରନ୍ତ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଚେନ୍ନାଇ ସ୍ଥିତ ଆମିଞ୍ଜିକରାଇ ଆପାର୍ଟମେଣ୍ଟରୁ ସେଣ୍ଟ୍ରାଲ କ୍ରାଇମ ବ୍ରାଞ୍ଚ ତାଙ୍କୁ ଗିରଫ କରିଛି ।

## ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ୟାସୁଓ ଫୁକୁଡାଙ୍କ ପରଲୋକ

ଟୋକିଓ, ୨୬।୧୦: ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ୟାସୁଓ ଫୁକୁଡାଙ୍କର ୯୦ ବର୍ଷ ବୟସରେ ପରଲୋକ ହୋଇଛି । ସେ ମାତ୍ର ବର୍ଷକ ପାଇଁ ଦେଶର ଶାସନ ଡୋର ସମ୍ଭାଳିଥିଲେ । ଏହା ପରେ ଅନେକ ବର୍ଷ ସେ ଚୀନ୍ ସହ ସମ୍ପର୍କ ସୁଧାର ଉଦ୍ୟମରେ ବିତାଇଥିଲେ । ଶାସକ ଲିବରାଲ ଡେମୋକ୍ରାଟିକ୍ ପାର୍ଟି ସୋମବାର ଦେଇଥିବା ସୂଚନାରେ ତାଙ୍କ ମୃତ୍ୟୁ ଗତ ଗୁରୁବାର ହୋଇଥିଲା ।

### ସୁପ୍ରିମକୋର୍ଟରେ ନିର୍ବାଚନ ଆୟୋଗଙ୍କ ସତ୍ୟପାଠ

# ସର୍ବସମ୍ମତିରେ ନିଷ୍ପତ୍ତି, ଫର୍ମ-୬ରେ କୌଣସି ପରିବର୍ତ୍ତନ ନାହିଁ




ନୂଆଦିଲ୍ଲୀ, ୨୬।୧୦: ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ କଥିତ ଏକତରଫା ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଥିବା ଆବେଦନ ଉପରେ ନିର୍ବାଚନ ଆୟୋଗ ଜବାବ ଦାଖଲ କରିଛନ୍ତି । ନିର୍ବାଚନ କମିଶନ କୋର୍ଟରେ ସ୍ପଷ୍ଟ କରିଛନ୍ତି ଯେ ସମ୍ପୂର୍ଣ୍ଣ ଆବେଦନ କେବଳ ଏକ ଗଣମାଧ୍ୟମ ରିପୋର୍ଟ ଉପରେ ଆଧାରିତ ଏବଂ ଏହାର କୌଣସି ଆଇନଗତ ଆଧାର ନାହିଁ । ସତ୍ୟପାଠରେ କୁହାଯାଇଛି ଯେ ଏସ୍‌ଆଇଆର୍ ସହ ଜଡ଼ିତ ସମସ୍ତ ନିଷ୍ପତ୍ତି ଏବଂ ଆଦେଶ ସର୍ବସମ୍ମତିରେ ନିଆଯାଇଥିଲା । ସୁପ୍ରିମକୋର୍ଟରେ ଦାଖଲ ସତ୍ୟପାଠରେ ନିର୍ବାଚନ କମିଶନ ଏହାର କାର୍ଯ୍ୟକାରିତା ଏବଂ ନିଷ୍ପତ୍ତି ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ପଷ୍ଟୀକରଣ ଦେଇଛନ୍ତି । କମିଶନ କହିଛନ୍ତି ଯେ ୨୦୨୫ ଜୁନ୍, ୨୦୨୫ ଅକ୍ଟୋବର ଏବଂ ମେ ୨୦୨୬ରେ ଜାରି ହୋଇଥିବା ତିନୋଟି ଏସ୍‌ଆଇଆର୍ ନିର୍ଦ୍ଦେଶ ତିନି କମିଶନରଙ୍କ ଦ୍ୱାରା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ଦାଖଲ ସତ୍ୟପାଠକୁ ଜ୍ଞାନେଶ କୁମାର ଏବଂ ଅନ୍ୟ ଦୁଇ ନିର୍ବାଚନ କମିଶନର ମଞ୍ଜୁରି ଦେଇଛନ୍ତି । କମିଶନ ସ୍ପଷ୍ଟ କରିଛନ୍ତି ଯେ ଫାଇଲ୍ ଉପରେ ଚର୍ଚ୍ଚା ବେଳେ ସିଇସି କିମ୍ବା ନିର୍ବାଚନ କମିଶନରଙ୍କ ଦ୍ୱାରା ଉଠାଯାଇଥିବା ନୋଟ୍, ପରାମର୍ଶ କିମ୍ବା ପ୍ରଶ୍ନକୁ ଚୂଡ଼ାନ୍ତ ନିଷ୍ପତ୍ତି ବୋଲି ଧରାଯାଇପାରିବ ନାହିଁ । ଫାଇଲ୍ ପ୍ରଥମେ ଜଣେ ନିର୍ବାଚନ କମିଶନରଙ୍କ ନିକଟରେ, ତା'ପରେ ଅନ୍ୟ ଜଣଙ୍କ ନିକଟରେ ଏବଂ ଶେଷରେ ମୁଖ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ଉପସ୍ଥାପିତ କରାଯାଏ । ଜରୁରି ପରିସ୍ଥିତିରେ ଇଲେକ୍ଟ୍ରୋନିକ୍ ଅନୁମୋଦନ ପରେ ଫାଇଲରେ ରେକର୍ଡ କରାଯାଏ । କମିଶନ ଏକ କଡ଼ା ଚେତାବନୀ ଦେଇଛନ୍ତି ଯେ ଯଦି କୌଣସି ଅଧିକାରୀ ତାଙ୍କୁ ପ୍ରଦାନ କରାଯାଇଥିବା କ୍ଷମତା ବାହାରେ କୌଣସି ନିର୍ଦ୍ଦେଶ ଦେଇଛନ୍ତି, ତେବେ ତାଙ୍କ ବିରୁଦ୍ଧରେ କଠୋର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କମିଶନ ଭୋଟର ତାଲିକାରେ ନାଁ ଯୋଡିବା ପାଇଁ ବ୍ୟବହୃତ ଫର୍ମ ୬ ବିଷୟରେ ମଧ୍ୟ ସ୍ପଷ୍ଟୀକରଣ ଦେଇଛନ୍ତି । ଏଥିରେ କୁହାଯାଇଛି ଯେ ଫର୍ମ ୬ରେ ସଂଶୋଧନ କରାଯାଇ ନାହିଁ । ଏହି ଫର୍ମରେ ପରିବର୍ତ୍ତନ କରିବାର କ୍ଷମତା କେନ୍ଦ୍ର ସରକାରଙ୍କର ଅଛି । ଏସ୍‌ଆଇଆର୍ ପାଇଁ ବ୍ୟବହୃତ ଘୋଷଣାନାମା ଏକ ଭିନ୍ନ ଡକ୍ୟୁମେଣ୍ଟ । ତେବେ କମିଶନ ସ୍ୱୀକାର କରିଛନ୍ତି ଯେ ଅନଲାଇନ୍ ଆବେଦନରେ ଏହାକୁ ଯେପରି ଦର୍ଶାଯାଇଛି ତାହା ଫର୍ମରେ ପରିବର୍ତ୍ତନର ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ । କମିଶନ କହିଛନ୍ତି ଯେ ଫର୍ମ ୬ ଏବଂ ଘୋଷଣାକୁ ଅନଲାଇନ୍ ଆବେଦନରେ ପୃଥକ ଭାବରେ ପ୍ରଦର୍ଶନ କରିବାର ବ୍ୟବସ୍ଥା କରାଯାଇଛି । କମିଶନ କହିଛନ୍ତି ଯେ ଯେଉଁ ଭୋଟରମାନଙ୍କର ପୁରୁଣା ରେକର୍ଡ ବର୍ତ୍ତମାନର ତାଲିକା ସହିତ ମେଳ ଖାଉନାହିଁ, ସେମାନଙ୍କୁ ସାଧାରଣତଃ ଶୁଣାଣି ପାଇଁ କାର୍ଯ୍ୟାଳୟକୁ ଡକାଯିବାର ଆବଶ୍ୟକତା ରହିବ ନାହିଁ । ବୁଥ୍ ସ୍ତରୀୟ ଅଧିକାରୀମାନେ ଡକ୍ୟୁମେଣ୍ଟ ସଂଗ୍ରହ କରିବା ପାଇଁ ସେମାନଙ୍କ ଘରକୁ ଯିବେ । ଶୁଣାଣି କେବଳ ବିଶେଷ ସ୍ଥିତିରେ ହେବ ଏବଂ ଅନଲାଇନ୍ ଶୁଣାଣିକୁ ପ୍ରାଥମିକତା ଦିଆଯିବ ।

## ଜାମିଆରେ ଛାତ୍ର ସଂସଦ ନିର୍ବାଚନ ଘୋଷଣା ପରେ ପୁଣି ଉତ୍ତେଜନା ଅନେକ ଛାତ୍ରଛାତ୍ରୀ ଅଟକ

ନୂଆଦିଲ୍ଲୀ, ୨୬।୧୦: ଦୀର୍ଘ ପ୍ରାୟ ୨୦ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ କରାଇବାକୁ ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ ପ୍ରଶାସନ ଘୋଷଣା କରିବାର କିଛି ଘଣ୍ଟା ମଧ୍ୟରେ ସୋମବାର କ୍ୟାମ୍ପସରେ ପୁଣି ଛାତ୍ର ଆନ୍ଦୋଳନ ତୀବ୍ର ହୋଇଛି । ନିର୍ବାଚନ ପ୍ରକ୍ରିୟା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିବା ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ ନିଯୁକ୍ତ କରିବା ଦାବିରେ ଛାତ୍ରଛାତ୍ରୀମାନେ ପ୍ରତିବାଦ କରିଛନ୍ତି । ଏହି ସମୟରେ ଦିଲ୍ଲୀ ପୁଲିସ କେତେକ ଆନ୍ଦୋଳନକାରୀଙ୍କୁ ଅଟକ ରଖିଛି । ସୋମବାର ପ୍ରାୟ ୧୦୦ ଛାତ୍ରୀ ବିଭିନ୍ନ ଫାଟକ ଦେଇ ବିଶ୍ୱବିଦ୍ୟାଳୟ ପରିସରକୁ ପ୍ରବେଶ କରିଥିଲେ । ସେମାନଙ୍କ ମଧ୍ୟରୁ କେତେକ ୭ ନମ୍ବର ଫାଟକ ନିକଟରେ ଏକାଠି ହୋଇଥିଲେ । ଆନ୍ଦୋଳନକାରୀମାନେ ପୁଲିସ ବିରୋଧରେ ସ୍ଲୋଗାନ ଦେଇଥିଲେ । ପରିସ୍ଥିତିକୁ ଦୃଷ୍ଟିରେ ରଖି କ୍ୟାମ୍ପସ୍ ବାହାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ଜାମିଆ ମିଲିଆ ଇସଲାମିଆର ଛାତ୍ର ସଂସଦ ନିର୍ବାଚନ ୨୦୦୬ରୁ ବନ୍ଦ ରହିଛି । ଛାତ୍ରଛାତ୍ରୀଙ୍କ କହିବା



ଅନୁଯାୟୀ, ନିର୍ବାଚିତ ପ୍ରତିନିଧି ନ ଥିବାରୁ ହଷ୍ଟେଲରେ ଆସନ ବଣ୍ଟନ, ଖାଦ୍ୟ ଓ ଅନ୍ୟାନ୍ୟ ସମସ୍ୟା ନେଇ ପ୍ରଶାସନ ନିକଟରେ ସେମାନଙ୍କ ଅଭିଯୋଗ ଉପସ୍ଥାପନ କରିବାରେ ଅସୁବିଧା ହେଉଛି । ଛାତ୍ର ସଂସଦ ଏହି ଅଭାବ ପୂରଣ କରିବ ବୋଲି ସେମାନେ ଆଶା ରଖିଛନ୍ତି । ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ମହତାବ ଆଲମ ରିଜଭି ସୋମବାର ଜାରି କରିଥିବା ନିର୍ଦ୍ଦେଶନାମାରେ କହିଛନ୍ତି ଯେ ଛାତ୍ର ସଂସଦର ସମ୍ବିଧାନ ଅନୁମୋଦନ ହେବାର ୧୫ ଦିନ ମଧ୍ୟରେ ନିର୍ବାଚନ କରାଯିବ । ଆନ୍ଦୋଳନ ସମୟରେ ଛାତ୍ରଛାତ୍ରୀଙ୍କ ବିରୋଧରେ ଜାରି ନିଲମ୍ବନ ଆଦେଶ ଓ କାରଣ ଦର୍ଶାଅ ନୋଟିସ୍ ପ୍ରତ୍ୟାହାର କରାଯିବା ସହ ସୁରକ୍ଷା କର୍ମଚାରୀଙ୍କ ଆଚରଣର ତଦନ୍ତ ପାଇଁ କମିଟି ଗଠନ କରାଯିବ ବୋଲି ମଧ୍ୟ ଘୋଷଣା ହୋଇଛି ।

## ଅରୁଣାଚଳରେ ଚୀନ ସେନାର ଅନୁପ୍ରବେଶ ଅଭିଯୋଗ ୫୦ କିମି ଭିତରକୁ ପଶିଲା ପିଏଲଏ

ଅରୁଣାଚଳପ୍ରଦେଶ, ୨୬।୧୦: ଅରୁଣାଚଳ ପ୍ରଦେଶର ଉପର ସୁବନସିରୀ ଜିଲ୍ଲାରେ ଚୀନର ପିପୁଲ୍ସ ଲିବରେସନ୍ ଆର୍ମି ଭାରତୀୟ ସୀମା ମଧ୍ୟକୁ ୪୦ ରୁ ୫୦ କିଲୋମିଟର ପର୍ଯ୍ୟନ୍ତ ଅନୁପ୍ରବେଶ କରିଥିବା ନେଇ ଏକ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଏହା ସହିତ ଭାରତୀୟ ଏବଂ ଚୀନ୍ ସୈନିକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଏବଂ ଲାଠି ଚାର୍ଜ ଭଳି ଘଟଣା ଘଟିଥିବା ଦାବି କରିଛନ୍ତି ଅରୁଣାଚଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ତଥା ପୂର୍ବତନ ଶିକ୍ଷାମନ୍ତ୍ରୀ ବୋସିରାମ ସିରାମ । ତେବେ ଏହି ଦାବିର କୌଣସି ସରକାରୀ ସୂଚନା ଦିଆଯାଇନଥିବା ବେଳେ, ସିରାମ୍ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । କଂଗ୍ରେସର ଏକ ପ୍ରତିନିଧି ଦଳ ଗତ ଅଗଷ୍ଟ ୨୬ ରୁ ୨୯ ତାରିଖ ମଧ୍ୟରେ ସୀମାନ୍ତବର୍ତ୍ତୀ ଅଞ୍ଚଳ (ନାଚୋ, ଲାଇମେକିଂ ଓ ତାକ୍ସିଂ) ଗସ୍ତ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ସିରାମଙ୍କ କହିବା ଅନୁଯାୟୀ, ଜୁଲାଇ ଶେଷ ସପ୍ତାହରେ ଭାରତୀୟ ଓ ଚୀନ ସୈନିକଙ୍କ ମଧ୍ୟରେ ହାତାହାତି ଏବଂ ଲାଠିଚାର୍ଜ ହୋଇଥିଲା । ଚୀନ ସୈନିକଙ୍କ ଆକ୍ରାମକ ମନୋଭାବର ଭାରତୀୟ ସେନା ମଧ୍ୟ କଡ଼ା ଜବାବ ଦେଇଥିଲେ । ଏହି ଗଣ୍ଡଗୋଳ ଯୋଗୁଁ ସୀମାରେ ଭାରତୀୟ ସେନାର ପାଟ୍ରୋଲିଂ ଏବଂ ସ୍ଥାନୀୟ ଲୋକଙ୍କ ଯାତାୟାତ ପ୍ରଭାବିତ ହୋଇଛି ।

## ଲୁଲା ଡା ସିଲଭା ପୁଣି ବ୍ରାଜିଲ ରାଷ୍ଟ୍ରପତି



ବ୍ରାଜିଲ, ୨୬।୧୦: ବ୍ରାଜିଲରେ ତୀବ୍ର ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲଭା ପୁଣିଥରେ ନିର୍ବାଚନ ଜିତିଛନ୍ତି । ଗତକାଲି ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ଦକ୍ଷିଣପନ୍ଥୀ ନେତା ତଥା ସିନେଟର ଫ୍ଲାଭିଓ ବୋଲସୋନାରୋଙ୍କୁ ପରାସ୍ତ କରିଛନ୍ତି । ଏହି ବିଜୟ ସହ ଲୁଲା ଚତୁର୍ଥ ଥର ପାଇଁ ବ୍ରାଜିଲର ରାଷ୍ଟ୍ରପତି ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ରାଜନୈତିକ ଭାବେ ଘନିଷ୍ଠ ଥିବା ଫ୍ଲାଭିଓ ବୋଲସୋନାରୋଙ୍କ ପରାଜୟ ଯୋଗୁଁ ଏହି ନିର୍ବାଚନର ଫଳାଫଳକୁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ବ୍ରାଜିଲର ସର୍ବୋଚ୍ଚ ନିର୍ବାଚନ ଅଦାଲତ ପକ୍ଷରୁ ଘୋଷିତ ଫଳାଫଳ ଅନୁସାରେ ଲୁଲା ୫୧.୭୯ ପ୍ରତିଶତ ଭୋଟ୍ ପାଇଥିବା ବେଳେ ଫ୍ଲାଭିଓ ବୋଲସୋନାରୋ ୪୮.୨୧ ପ୍ରତିଶତ ଭୋଟ୍ ମିଳିଛି । ଲୁଲାଙ୍କ ସପକ୍ଷରେ ୬ କୋଟି ୪୨ ଲକ୍ଷରୁ ଅଧିକ ଭୋଟ୍ ପଡ଼ିଥିବା ବେଳେ ବୋଲସୋନାରୋ ପ୍ରାୟ ୫ କୋଟି ୯୮ ଲକ୍ଷ ଭୋଟ୍ ପାଇଛନ୍ତି । ଉଭୟଙ୍କ ମଧ୍ୟରେ ପ୍ରାୟ ୪୪ ଲକ୍ଷ ଭୋଟର ବ୍ୟବଧାନ ରହିଛି । ବ୍ରାଜିଲରେ ଦୁଇ ପ୍ରମୁଖ ରାଜନୈତିକ ଶିବିର ମଧ୍ୟରେ ରହିଥିବା ତୀବ୍ର ପ୍ରତିଦ୍ୱନ୍ଦ୍ୱିତାକୁ ସ୍ପଷ୍ଟ କରିଛି । ଏଥର ବ୍ରାଜିଲ୍ ରାଷ୍ଟ୍ରପତି ନିର୍ବାଚନରେ ଏକ ଉଲ୍ଲେଖନୀୟ ରାଜନୈତିକ ପରିବର୍ତ୍ତନ ଦେଖିବାକୁ ମିଳିଛି । ଗତ ୪ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ମତଦାନରେ ଫ୍ଲାଭିଓ ବୋଲସୋନାରୋ ଲୁଲାଙ୍କଠାରୁ ଅଧିକ ଭୋଟ୍ ପାଇଥିଲେ ।

## ଖଡ଼ଗେଙ୍କ ଆପତ୍ତିଜନକ ବୟାନ: ଦେଶସାରା ବିଜେପିର ପ୍ରତିବାଦ

ନୂଆଦିଲ୍ଲୀ, ୨୬।୧୦:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ କଥିତ ଆପତ୍ତିଜନକ ମନ୍ତବ୍ୟକୁ ନେଇ ଦେଶର ରାଜନୈତିକ ପରିବେଶ ବେଶ୍ ସରଗରମ । ଏହାର ପ୍ରତିବାଦରେ ବିଜେପି କର୍ମୀମାନେ ପାଟନା, ଦିଲ୍ଲୀ, ଜୟପୁର ଓ ଚଣ୍ଡିଗଡ଼ ସମେତ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରିଛନ୍ତି । ଖଡ଼ଗେଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧି ମଧ୍ୟ କ୍ଷମା ମାଗନ୍ତୁ ବୋଲି ବିଜେପି ଦାବି କରିଛି । ବିଜେପି ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରି ଖଡ଼ଗେଙ୍କୁ କଟାକ୍ଷ କରିଛି । ବିଜେପି କହିଛି, ଡିୟର ଖଡଗେ, 'ମୋଦୀ କୁଆଡ଼େ ଯିବେ ନାହିଁ । ତାଙ୍କୁ ଲୋକମାନେ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ବାଛିଛନ୍ତି । ତାଙ୍କ ପାଖରେ ଆମର ଭୋଟ୍ ଅଛି ବ୍ରୋ । ଯାହାକି ଆପଣଙ୍କ ମୁଖିଆଙ୍କୁ କେବେ ମିଳିବନି । କଂଗ୍ରେସ ଓ ରାହୁଲ ଗାନ୍ଧୀ ଏବଂ ଖଡଗେଙ୍କୁ ଆମର ବାର୍ତ୍ତା 'ଇଟସ୍ ଡନ୍ ବ୍ରୋ' । ବିଜେପିର ଅଭିଯୋଗ ଅନୁସାରେ, ପାଟନାର ଏକ କାର୍ଯ୍ୟକ୍ରମରେ ମୋଦିଙ୍କୁ ନେଇ ଖଡ଼ଗେ ଦେଇଥିବା କଥିତ ମନ୍ତବ୍ୟ ରାଜନୈତିକ ମର୍ଯ୍ୟାଦାର ଉଲ୍ଲଂଘନ । ଏହାର ପ୍ରତିବାଦରେ ଦଳ ଦେଶବ୍ୟାପୀ ଆନ୍ଦୋଳନର ଆହ୍ୱାନ ଦେଇଛି । ବିହାରର ପାଟନାରେ ବିଜେପି କର୍ମୀମାନେ ଖଡ଼ଗେଙ୍କ ବୟାନ ବିରୋଧରେ 'ଜନ ଆକ୍ରୋଶ ମାର୍ଚ୍ଚ' କରିଥିଲେ । ଏହି ମାର୍ଚ୍ଚ ପାର୍ଟି ମୁଖ୍ୟାଳୟରୁ ଆରମ୍ଭ ହୋଇ ଆୟକର ଗୋଲମ୍ବର ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ବିହାର ବିଜେପି ଅଧ୍ୟକ୍ଷ ସଞ୍ଜୟ ସରାଓ୍ୱଗୀଙ୍କ ଉପସ୍ଥିତିରେ କର୍ମୀମାନେ ଖଡ଼ଗେଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଏହା ସହିତ କଂଗ୍ରେସ ଓ ଖଡ଼ଗେଙ୍କ ବିରୋଧରେ ନାରାବାଜି କରିଥିଲେ ।

## ରୁଷରେ ୟୁକ୍ରେନ ପକ୍ଷରୁ ଡ୍ରୋନ୍ ଆକ୍ରମଣ: ୨ ମୃତ



ମସ୍କୋ, ୨୬।୧୦: ରୁଷର ଭୋରୋନେଜ୍ ଅଞ୍ଚଳରେ ୟୁକ୍ରେନ ପକ୍ଷରୁ ହୋଇଥିବା ଡ୍ରୋନ୍ ଆକ୍ରମଣରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଜଣେ ଶିଶୁ ସମେତ ୧୭ ଜଣ ଆହତ ହୋଇଛନ୍ତି । ଭୋରୋନେଜ୍ ରାଜ୍ୟପାଳ ଆଲେକଜାଣ୍ଡାର ଗୁସେଭ୍ ଆକ୍ରମଣକୁ ନିଶ୍ଚିତ କରିଛନ୍ତି ଏବଂ କହିଛନ୍ତି ଯେ, ରୁଷୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହି ଅଞ୍ଚଳରେ ୧୧୩ଟି ୟୁକ୍ରେନ ଡ୍ରୋନ୍ ଖସାଇ ଦେଇଛି । ଗୁସେଭ ଏକ ମେସେଜିଂ ଆପ୍‌ରେ ସୂଚନା ସେୟାର କରି କହିଛନ୍ତି ଯେ, ରାତିସାରା ଆକ୍ରମଣ ସମୟରେ ରୁଷୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସମ୍ପୂର୍ଣ୍ଣ ସକ୍ରିୟ ରହିଥିଲା । ଡ୍ରୋନର ଭଗ୍ନାବଶେଷ ପଡ଼ିବା ଯୋଗୁଁ ଅନେକ ଶିଳ୍ପ ଅଞ୍ଚଳରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଅଗ୍ନିଶମ ଏବଂ ଜରୁରୀକାଳୀନ ଦଳ କାମ କରୁଛନ୍ତି । ରୁଷ ରେଳବାଇ ଅନୁଯାୟୀ, କ୍ରାସନୋଡାର ଅଞ୍ଚଳର ଏକ ଲୋକପ୍ରିୟ ପର୍ଯ୍ୟଟନ ସହର ଆନାପାରୁ ରାଜଧାନୀ ମସ୍କୋ ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍ ମଧ୍ୟ ଆକ୍ରମଣର ଶିକାର ହୋଇଛି । ଆକ୍ରମଣରେ ଟ୍ରେନ କ୍ଷତିଗ୍ରସ୍ତ ହୋଇଛି ଏବଂ ପାଞ୍ଚ ଜଣ ଯାତ୍ରୀ ଆହତ ହୋଇଛନ୍ତି । ସୁରକ୍ଷାକୁ ଦୃଷ୍ଟିରେ ରଖି ଭୋରୋନେଜ୍ ଦେଇ ଯାଇଥିବା ସମସ୍ତ ରେଳ ନେଟୱାର୍କର ଯାତ୍ରୀବାହୀ ଟ୍ରେନ୍ ସେବାକୁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଛି । ରୁଷ-ୟୁକ୍ରେନ ସୀମା ନିକଟରେ ଅବସ୍ଥିତ ଭୋରୋନେଜ୍ ଏକ ରଣନୈତିକ ଏବଂ ପରିବହନ କେନ୍ଦ୍ର, ଯେଉଁଠାରେ ଗତ କିଛି ମାସ ମଧ୍ୟରେ ୟୁକ୍ରେନ ପକ୍ଷରୁ ଭିତ୍ତିଭୂମି ଏବଂ ଶିଳ୍ପ ଗୁଡ଼ିକୁ ଟାର୍ଗେଟ କରି ଅନେକ ଆକ୍ରମଣ କରାଯାଇଛି ।

## ହୋଟେଲରେ ଗୁଳିକାଣ୍ଡ: ୪ ମୃତ

ଗୁଆହାଟୀ, ୨୬।୧୦: ଆସାମର ଗୁଆହାଟୀସ୍ଥିତ ଏକ ହୋଟେଲ ଉପରେ ସୋମବାର ରାତିରେ ଗୁଳିମାଡ଼ ହୋଇଛି । ରାତି ପ୍ରାୟ ୯ଟା ସମୟରେ ଲଚିତ୍ ନଗରସ୍ଥିତ ଏକ 'ହୋଟେଲ ବିଲାସ୍ ଇନ୍'ରେ ଘଟିଥିବା ଏହି ଗୁଳିକାଣ୍ଡରେ ଅତିକମରେ ଚାରି ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନେକ ଲୋକ ଆହତ ହୋଇଛନ୍ତି । ଗୁଆହାଟୀ ପୁଲିସ କମିସନର ଏହି ମୃତ୍ୟୁ ଘଟଣାକୁ ନିଶ୍ଚିତ କରିଛନ୍ତି ।ଆସାମ ପୁଲିସ କହିଛି ବୋରା ସର୍ଭିସ୍ ନିକଟରେ ଗୁଳି ଚାଳନା ହୋଇଛି । ପୁଲିସ ଏବଂ ଆମ୍ବୁଲାନ୍ସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣା ସମ୍ପର୍କିତ ବିବରଣୀ ସଂଗ୍ରହ କରୁଛି । ଆକ୍ରମଣକାରୀମାନଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ ।

## ଜନକଲ୍ୟାଣମୂଳକ ବିକାଶ ପାଇଁ ସଂସଦଗୁଡ଼ିକୁ ସଶକ୍ତ କରିବାକୁ ଓମ୍ ବିର୍ଲାଙ୍କ ଆହ୍ୱାନ

ନୂଆଦିଲ୍ଲୀ, ୨୬।୧୦: ଜନକଲ୍ୟାଣମୂଳକ ବିକାଶ, ବିଶ୍ୱଶାନ୍ତି, ସ୍ଥାୟୀ ବିକାଶ ଓ ଅନ୍ତର୍ଜାତୀୟ ସହଯୋଗକୁ ଆଗକୁ ବଢ଼ାଇବା ପାଇଁ ବ୍ରିକ୍ସ ଦେଶଗୁଡ଼ିକର ସଂସଦକୁ ଅଧିକ ସଶକ୍ତ କରିବା ଉପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଗୁରୁତ୍ୱ ଦେଇଛନ୍ତି । ସୋମବାର ନୂଆଦିଲ୍ଲୀର ସଂସଦ ଭବନ ପରିସରରେ ଥିବା ଐତିହାସିକ ସମ୍ବିଧାନ ସଦନରେ ୧୨ଶ ବ୍ରିକ୍ସ ସଂସଦୀୟ ଫୋରମ୍-୨୦୨୬ର ଉଦ୍ଘାଟନ କରି ସେ ଏହି ଆହ୍ୱାନ ଦେଇଛନ୍ତି । ବ୍ରିକ୍ସର ସଦସ୍ୟ ଓ ସହଯୋଗୀ ଦେଶଗୁଡ଼ିକର ସଂସଦୀୟ ପ୍ରତିନିଧିମାନେ ଏଥିରେ ଯୋଗ ଦେଇଛନ୍ତି । ବିର୍ଲା କହିଛନ୍ତି, ବିଭିନ୍ନ ଦେଶର ଭୌଗୋଳିକ, ସାଂସ୍କୃତିକ, ଭାଷାଗତ ଓ ସାମାଜିକ ପାର୍ଥକ୍ୟ ସତ୍ତ୍ୱେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ମାନବତା ପ୍ରତି ଦାୟିତ୍ୱ ସେମାନଙ୍କୁ ଏକାଠି କରିଛି । ସଂସଦୀୟ ଆଲୋଚନା ଓ ସହଯୋଗ ମାଧ୍ୟମରେ ଦେଶଗୁଡ଼ିକ ମଧ୍ୟରେ ପାରସ୍ପରିକ ବିଶ୍ୱାସ ବଢ଼ାଇବା ସହ ବିଶ୍ୱର ସାଧାରଣ ସମସ୍ୟାଗୁଡ଼ିକର ସମାଧାନ ଖୋଜାଯାଇପାରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବ୍ରିକ୍ସ ରାଷ୍ଟ୍ରମୁଖ୍ୟ ଓ ସରକାରମୁଖ୍ୟଙ୍କ ଶିଖର ସମ୍ମିଳନୀରେ ସର୍ବସମ୍ମତିକ୍ରମେ ମିଳିତ ବିବୃତି ଗୃହୀତ ହୋଇଥିବାରୁ ବିର୍ଲା ସଦସ୍ୟ ଦେଶଗୁଡ଼ିକୁ ପ୍ରଶଂସା କରିଥିଲେ । ଏହି ବିବୃତିରେ ଥିବା ପ୍ରତିଶ୍ରୁତିଗୁଡ଼ିକୁ ବାସ୍ତବ କାର୍ଯ୍ୟରେ ପରିଣତ କରିବା ଏବେ ମୁଖ୍ୟ ଆହ୍ୱାନ ବୋଲି ସେ କହିଥିଲେ । ଆଇନ




ପ୍ରଣୟନ, ବଜେଟ୍ ଆଲୋଚନା ଓ ସରକାରଙ୍କ କାର୍ଯ୍ୟର ତଦାରଖ ମାଧ୍ୟମରେ ସଂସଦଗୁଡ଼ିକ ଏହି ଲକ୍ଷ୍ୟ ପୂରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ । ଚଳିତ ଫୋରମର ବିଷୟବସ୍ତୁ ହେଉଛି 'ଜନକଲ୍ୟାଣମୂଳକ ବିକାଶ ପାଇଁ ସଂସଦଗୁଡ଼ିକୁ ସୁଦୃଢ଼ କରିବା' । ଦୁଇଦିନିଆ ଏହି ଫୋରମରେ ସହନଶୀଳତା, ନବସୃଜନ, ସହଯୋଗ ଓ ସ୍ଥାୟୀ ବିକାଶ ଭଳି ଚାରିଟି ପ୍ରମୁଖ ବିଷୟ ଉପରେ ଆଲୋଚନା ହେବ । ଯୁଦ୍ଧ, ଆଞ୍ଚଳିକ ସଂଘର୍ଷ, ଅର୍ଥନୈତିକ ଅସ୍ଥିରତା, ବାଣିଜ୍ୟିକ ଉତ୍ତେଜନା, ଆତଙ୍କବାଦ ଓ ଜଳବାୟୁ ପରିବର୍ତ୍ତନ ଭଳି ଆହ୍ୱାନର ମୁକାବିଲା ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ ବୋଲି ବିର୍ଲା କହିଛନ୍ତି । ବିକାଶ ସହ ପରିବେଶ ସୁରକ୍ଷାକୁ ସମାନ ଗୁରୁତ୍ୱ ଦେବା ଏବଂ ଯୁବପିଢ଼ିଙ୍କ ପ୍ରତିଭାକୁ ରାଷ୍ଟ୍ର ଗଠନରେ ବିନିଯୋଗ କରିବା ଉପରେ ମଧ୍ୟ ସେ ଜୋର୍ ଦେଇଥିଲେ । ଏହି ଅବସରରେ ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ମଧ୍ୟ ଉଦ୍ବୋଧନ ଦେଇଥିଲେ । ଲୋକସଭାର ମହାସଚିବ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

CMYK



# ଦୁଇ ବାଇକ ଲୁଟେରା ଧରାପଡିଲେ

ଭୁବନେଶ୍ୱର(ନି.ପ୍ର): ବାପୁଜୀ ନଗର ଅଞ୍ଚଳରୁ ବାଇକ୍ ଚୋରି କରି ନମ୍ବର ପ୍ଲେଟ୍ ବଦଳାଇ ବୁଲୁଥିବା ଦୁଇ ଜଣ ଲୁଟେରାଙ୍କୁ କ୍ୟାପିଟାଲ୍ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବିଭୂତି ସାହୁ ଓ ରକି ପ୍ରଧାନ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା ଏକ ପଲସର୍ ବାଇକ୍ ଉଦ୍ଧାର କରାଯାଇଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତକାଲି ତା ୨୫.୧୦.୨୦୨୬ ସକାଳ ୧୦ ଟାରେ ଅଭିଯୋଗକାରୀ ପଙ୍କଜ ମଲ୍ଲିକ ନିଜର ଏକ ପଲସର୍ ବାଇକ୍ କୁ ବାପୁଜୀ ନଗର ୧୧ ନମ୍ବର ଗଳିରେ ଥିବା ଏକ ଇଲେକ୍ଟ୍ରିକ୍ ଦୋକାନ ଆଗରେ ପାର୍କିଂ କରି କାମ କରିବାକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୧.୪୫ ମିନିଟରେ ସେ ଫେରିବା ବେଳକୁ ତାଙ୍କ ବାଇକ୍ ସେଠାରେ ନଥିଲା। ଏନେଇ ସେ କ୍ୟାପିଟାଲ୍ ଥାନାରେ ଏତଲା ଦେବା ପରେ ପୋଲିସ ସିସିଟିଭି ଯାଞ୍ଚ କରି ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ଆଜି ତା ୨୬.୧୦.୨୦୨୬ ପୋଲିସକୁ ଗୋପନୀୟ ସୂତ୍ରରୁ ଖବର ମିଳିଥିଲା ଯେ ଦୁଇ ଜଣ ଯୁବକ ୟୁନିଟ୍-୧ ଅଞ୍ଚଳରେ ଏକ ନୀଳ ରଙ୍ଗର ପଲସର୍ ବାଇକ୍‌ରେ ସନ୍ଦେହଜନକ ଭାବେ ବୁଲୁଛନ୍ତି। ଖବରପାଇ ପୋଲିସ ଟିମ୍ ୧୦୮ ହନୁମାନ ମନ୍ଦିର ନିକଟରେ ଉଭୟଙ୍କୁ କାବୁ କରିଥିଲା। ବାଇକ୍‌ର ପଛପଟେ କୌଣସି ନମ୍ବର ପ୍ଲେଟ୍ ନଥିବା ବେଳେ ଆଗରେ ଏକ ନକଲି ନମ୍ବର ପ୍ଲେଟ୍ ଲଗାଯାଇଥିଲା। ପୋଲିସ ଇଞ୍ଜିନ୍ ଓ ଚେସିସ୍ ନମ୍ବର ଯାଞ୍ଚ କରିବାରୁ ତାହା ପଙ୍କଜଙ୍କର ଚୋରି ହୋଇଥିବା ବାଇକ୍ ବୋଲି ସ୍ପଷ୍ଟ ହୋଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତମାନେ ନିଜର ନିଶା ଖର୍ଚ୍ଚ ମେଣ୍ଟାଇବା ପାଇଁ ବାଇକ୍ ଚୋରି କରିଥିବା ଏବଂ ପୋଲିସ ନଜରରୁ ବଞ୍ଚିବା ଉଦ୍ଦେଶ୍ୟରେ ସେଥିରେ ଏକ ଜାଲ୍ ନମ୍ବର ପ୍ଲେଟ୍ ଲଗାଇଥିବା ସ୍ୱୀକାର କରିଥିଲେ। ପୋଲିସ ଚୋରା ବାଇକକୁ ଜବତ କରି ସମ୍ପୃକ୍ତ ମାଲିକଙ୍କୁ ଜିମ୍ମାରେ ହସ୍ତାନ୍ତର କରିଛି। ଅଧିକ ଯାଞ୍ଚରୁ ଜଣାପଡିଛି ଯେ, ଗିରଫ ଅଭିଯୁକ୍ତ ରକି ପ୍ରଧାନ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତା' ନାମରେ ପୂର୍ବରୁ ରାଜଧାନୀର ବିଭିନ୍ନ ଥାନାରେ ୬ଟି ଚୋରି ଓ ଲୁଟ୍ ମାମଲା ରହିଛି। ଆଜି ଦିନ ୦୧.୪୫ ମିନିଟରେ ଉଭୟ ଅଭିଯୁକ୍ତଙ୍କୁ ବିଧିବଦ୍ଧ ଭାବେ ଗିରଫ କରାଯାଇ ୧୪ ଦିନିଆ ରିମାଣ୍ଡ ପ୍ରାର୍ଥନା ସହ କୋର୍ଟ ଚାଲାଣ କରାଯାଇଛି। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

# ପଥରରେ ଛେଚି ହତ୍ୟା ଉଦ୍ୟମ, ୨ ଦିନମଜୁରିଆ ଗିରଫ

ଭୁବନେଶ୍ୱର (ନି.ପ୍ର): ଶୋଇବା ଜାଗାକୁ ନେଇ ବଚସା, ସହଯୋଗୀ ଶ୍ରମିକଙ୍କ ମୁଣ୍ଡକୁ କଂକ୍ରିଟ୍ ପଥରରେ ଛେଚି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଦୁଇ ଜଣ ଦିନ ମଜୁରିଆଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ କାଳୁ ଗୌଡ ଓ ମଳୟ ଦାସ। ଆକ୍ରମଣରେ ବ୍ୟବହୃତ ରକ୍ତଭିଜା ପଥର ଖଣ୍ଡକୁ ପୋଲିସ ଜବତ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତକାଲ ରାତି ପ୍ରାୟ ୯ଟାରେ ପଳାଶୁଣି ନିକଟ 'ପାଠକ ମେସିନ୍ ଟୁଲସ୍' ପରିସରରେ ଶୋଇବାକୁ ନେଇ ଏହି ଗଣ୍ଡଗୋଳ ହୋଇଥିଲା। ଆହତ ସନ୍ତୋଷ କୁମାର ପଣ୍ଡା କାମ ସାରି ସେଠାରେ ଶୋଇବାକୁ ଯାଉଥିବା ବେଳେ ଅଭିଯୁକ୍ତ କାଳୁ ଏବଂ ମଳୟ ତାଙ୍କୁ ସେଠାରେ ନଶୋଇବାକୁ କହିଥିଲେ। ଏହାକୁ କେନ୍ଦ୍ର କରି ସେମାନଙ୍କ ମଧ୍ୟରେ ଅଶ୍ଳୀଳ ଗାଳିଗୁଲଜ ଓ ପାଟିତୁଣ୍ଡ ହୋଇଥିଲା। ରାଗିଯାଇ ଅଭିଯୁକ୍ତ କାଳୁ ସନ୍ତୋଷଙ୍କୁ ପଛପଟୁ ଜାବୁଡ଼ି ଧରି ପକାଇଥିଲା ଏବଂ ଅନ୍ୟ ଅଭିଯୁକ୍ତ ମଳୟ ଏକ ଭଙ୍ଗା କଂକ୍ରିଟ୍ ପଥର ଖଣ୍ଡ ଆଣି ହତ୍ୟା କରିବା ଉଦ୍ଦେଶ୍ୟରେ ସନ୍ତୋଷଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିଲା। ସନ୍ତୋଷ ରକ୍ତାକ୍ତ ଓ ଚେତାଶୂନ୍ୟ ହୋଇ ତଳେ ପଡ଼ିଯିବା ପରେ କାଳୁ ମଧ୍ୟ ସେହି ପଥର ଉଠାଇ ତାଙ୍କ ମୁଣ୍ଡକୁ ପିଟିଥିଲା। ପାଟି ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହେବାରୁ ଉଭୟ ସେଠାରୁ ଫେରାର୍ ହୋଇଯାଇଥିଲେ। ଗୁରୁତର ଆହତ ସନ୍ତୋଷଙ୍କୁ ଆମ୍ବୁଲାନ୍ସ ଯୋଗେ ହାଇଟେକ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଭିଯୋଗ ପାଇବା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉଭୟ ଅଭିଯୁକ୍ତଙ୍କୁ ଆଜି ୨୬.୧୦.୨୦୨୬ ଭୋର ୩ ଟାରେ ବିଧିବଦ୍ଧ ଭାବେ ଗିରଫ କରିଛି। ଅଭିଯୁକ୍ତ ମଳୟର ବୟାନ ଆଧାରରେ ପୋଲିସ ଘଟଣାସ୍ଥଳରୁ ଉକ୍ତ କଂକ୍ରିଟ୍ ପଥର ଖଣ୍ଡକୁ ଜବତ କରିଛି। ସୋମବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ୧୦୦ ଗ୍ରାମ ଧଳା ଜହର ଜବତ: ଜଣେ ଗିରଫ



ବୁଗୁଡ଼ା(ନିପ୍ର): ପାର୍ବଣ ଋତୁରେ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ଗଞ୍ଜାମ ଜିଲ୍ଲାପାଳଙ୍କ କଡା ନିର୍ଦ୍ଦେଶ ରହିଥିବାବେଳେ ବୁଗୁଡ଼ା ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ ଜୋରଦାର କରାଯାଇଛି। ଏହି କ୍ରମରେ ବୁଗୁଡ଼ା ଅବକାରୀ ବିଭାଗକୁ ମିଳିଛି ବଡ଼ ସଫଳତା। ପାଟ୍ରୋଲିଂ ସମୟରେ ଗୋଲିଆ ବାଘୁଆ ନାଳ ବ୍ରିଜ ନିକଟରେ ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ଥିବା ଜଣେ ବ୍ୟକ୍ତିଠାରୁ ୧୦୦ ଗ୍ରାମ ଧଳା ଜହର ଜବତ କରିବା ସହ ଗୋଟିଏ ହୋଣ୍ଡା ସାଇନ ବାଇକକୁ ମଧ୍ୟ ଜବତ କରି ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ବ୍ୟକ୍ତି ଜଣକ ହେଉଛନ୍ତି ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମର ଅରୁଣ ପଲେଇ। ପାର୍ବଣ ସମୟରେ ନିଶାଦ୍ରବ୍ୟର ଅବୈଧ କାରବାର ରୋକିବା ଓ ଏହାର ଚୋରାଚାଲାଣ ଉପରେ ନଜର ରଖିବା ପାଇଁ ଅବକାରୀ ବିଭାଗର ଏହି ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ତେବେ ଜବତ ନିଶାଦ୍ରବ୍ୟର ଉତ୍ସ, ଏହା କେଉଁଠାକୁ ଚାଲାଣ ହେଉଥିଲା ଏବଂ ଏହି କାରବାରରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେ ନେଇ ତଦନ୍ତର ଅଗ୍ରଗତି ସମ୍ପର୍କରେ ଅଧିକ ତଥ୍ୟ ମିଳିବା ବାକି ରହିଛି। ଏ ନେଇ ଅବକାରୀ ଥାନାରେ ୧୦୮/୨୬ରେ ଏକ ମାମଲା ରୁଜୁକରି ଗିରଫ ଯୁବକ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ପାର୍ବଣରେ ନିଶା କାରବାର ରୋକିବା ପାଇଁ ଅବକାରୀ ବିଭାଗର ଏହି ଚଢ଼ାଉ ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଦାଦାବଟି ମାଗି ଯୁବକ ଗିରଫ

ଟିଗିରିଆ(ନିପ୍ର): ବଡ଼ମ୍ବାର ଦୁର୍ଗାମାଧବ ପୁହାଣ ତାଙ୍କର ସ୍ତ୍ରୀଙ୍କୁ ଧରି ଚିକିତ୍ସା ପାଇଁ ମଦର କେୟାର ହସ୍ପିଟାଲ୍‌କୁ ତାଙ୍କ କାରରେ ଆସିଥିଲେ, ଫେରିବା ବାଟରେ ଗହିରମୁଣ୍ଡା ଛକ ପାଖରେ ଆସାମୀ ଅର୍ଜୁନ ବେହେରା ପୁରୁଣା ଟିଗିରିଆ ତାଙ୍କ କାରକୁ ଅଟକାଇ ଶୋଧା ଶୋଧି କରି ୫୦୦୦ ଟଙ୍କା ଦାଦା ବଟି ମାଗିଲା ଓ ନଦେଲେ ଜୀବନରୁ ମାରିଦେବାକୁ ଧମକ ଦେଇ ହାତରେ ଧରି ଥିବା ପଥର ଫୋପାଡ଼ିବାରୁ ତାଙ୍କର ପଛ କାଚ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ତାଙ୍କ ରିପୋର୍ଟ ଆଧାରରେ ଟିଗିରିଆ ଥାନା କେସ ୩୫୭/୨୬ ରୁଜୁ କରାଯାଇ ଆସାମୀ ଅର୍ଜୁନ ବେହେରା(୨୫)କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି

# ସ୍ୱାମୀର ଛୁରା ମାଡ଼ରେ ଚାଲିଗଲା ସ୍ତ୍ରୀର ପ୍ରାଣ

କାମାକ୍ଷାନଗର: ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ମାଳପୁରା ଗାଁର ଶବର ସାହିରେ ସ୍ୱାମୀ-ସ୍ତ୍ରୀଙ୍କ କଳହରୁ ଘଟିଛି ଏକ ଦୁଃଖଦ ଘଟଣା। ସ୍ୱାମୀର ଛୁରାମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଉଛନ୍ତି କଙ୍କଡ଼ାହାଡ଼ ଥାନା କଣ୍ଟାପାଳ ୪ ନମ୍ବର କଲୋନୀର ସସ୍ମିତା ଖଟୁଆ। ସୂଚନା ଅନୁଯାୟୀ, ସସ୍ମିତା ମାଳପୁରା ଗାଁର ଶବର ସାହିରେ ଅଙ୍ଗନୱାଡ଼ି କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ସ୍ୱାମୀ ଲଳିତ ରଣାଙ୍କଠାରୁ ବାରମ୍ବାର ନିର୍ଯାତନା ମିଳୁଥିବାରୁ ସସ୍ମିତା ଗତ ୬ ମାସ ହେବ ମାଳପୁରାସ୍ଥିତ ନିଜ ବାପଘରେ ରହୁଥିଲେ।ଆଜି ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏହା ପରେ ଲଳିତ ଏକ ଛୁରୀରେ ସସ୍ମିତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ସସ୍ମିତାଙ୍କୁ କାମାକ୍ଷାନଗର ମେଡିକାଲକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ କାମାକ୍ଷାନଗର ପୋଲିସ ତଦନ୍ତ ଜାରି ରଖିଛି। ଘଟଣାର ପ୍ରକୃତ କାରଣ ତଦନ୍ତ ପରେ ସ୍ପଷ୍ଟ ହେବ।

# ମର୍ମନ୍ତୁଦ ସଡକ ଦୁର୍ଘଟଣା, ୩ ମୃତ

ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲା ସଦର ଥାନା ପୁରୁଣା କଟକ ସମ୍ବଲପୁର ରାସ୍ତାର କୋଉମ ଠାରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୩ ମୃତ୍ୟୁ ହୋଇଥିବା ଜଣାପଡିଛି । ଅଜଣା ଗାଡ଼ି ସ୍କୁଟିକୁ ଧକ୍କା ଦେବା ଫଳରେ ୩ ଜଣ ଯୁବକ



ରାସ୍ତାରେ ଗୁରୁତର ଅବସ୍ଥାରେ ପଡ଼ିଥିଲେ । ଖବର ପାଇ ୧୦୮ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚି ୩ଜଣଙ୍କୁ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ । ୨ ଜଣଙ୍କର ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଥିଲ ବେଳେ ଅନ୍ୟ ଜଣଙ୍କୁ କଟକ ନେଉଥିବା ବେଳେ ରାସ୍ତାରେ ମୃତ୍ୟୁ ହୋଇଛି । ୩ ଜଣ ଯୁବକ ଏକ ସ୍କୁଟିରେ ଭୁବନେଶ୍ୱରରୁ ଅନୁଗୋଳ ଫେରୁଥିଲେ। କୋଉମ ଠାରେ ଏକ ଗାଡି ଧକ୍କା ଦେଇ ପଳାଇ ଯାଇଥିଲା । ମୃତକଙ୍କ ମଧ୍ୟରେ ରାସୋଳ ତଳ ସାହିର ଶିକ୍ଷା ପ୍ରସାଦ ସାହୁ ଅଛନ୍ତି । ଅନ୍ୟ ଦୁଇ ଜଣ ଅନୁଗୋଳର ହୋଇଥିବା ଜଣା ପଡ଼ିଥିବା ବେଳେ ପରିଚୟ ମିଳିପାରିନାହିଁ।

# ସଟର ଭାଙ୍ଗି ଦୋକାନ ଭିତରକୁ ପଶିଗଲା ବ୍ଲାକ ଥାର୍

ଭୁବନେଶ୍ୱର: ପୁଣି ବ୍ଲାକ ଥାର୍ ଆତଙ୍କ । ଭୁବନେଶ୍ୱର ଉପକଣ୍ଠରେ ଦୁର୍ଘଟଣା । ନିଶାସକ୍ତ ଅବସ୍ଥାରେ ଥାର୍ ଡ୍ରାଇଭରର କାରନାମା । ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ରଙ୍ଗବଜାରରେ ଘଟିଛି ଘଟଣା । ନିଶାସକ୍ତ ଅବସ୍ଥାରେ ଭାରସାମ୍ୟ ହରାଇ ଦୋକାନ ଭିତରକୁ ପଶିଗଲା ଥାର୍ । ଦ୍ରୁତଗାମୀ ଥାର୍ ବନ୍ଦ ଥିବା ଗ୍ରୋସରୀ ଦୋକାନକୁ ଧସେଇ ପସିଥିଲା । ସଟର ଭାଙ୍ଗି ଗାଡିଟି ଦୋକାନ ଭିତରେ ପଶିଯାଇଥିଲା । ଦୁର୍ଘଟଣା ଯୋଗୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ସାଧାରଣ ଲୋକ । କିଛି ସମୟ ପାଇଁ ସ୍ଥାନୀୟ ଅଞ୍ଚଳରେ ଦେଖିବାକୁ ମିଳିଥିଲା ଉତ୍ତେଜନା । ଘଟଣା ସ୍ଥଳରେ ବାଲିଅନ୍ତା ଥାନା ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିଛି । ଦୁର୍ଘଟଣାରେ କେହି ମୃତାହତ ହୋଇ ନାହାନ୍ତି ।

# ବାରିପଦାରୁ ନିଖୋଜ ୪ ବର୍ଷର ଶିଶୁ କନ୍ୟା ଉଦ୍ଧାର



ବାରିପଦା: ବାରିପଦାରୁ ନିଖୋଜ ୪ ବର୍ଷର ଶିଶୁ କନ୍ୟା ଉଦ୍ଧାର । ଅପହରଣକାରୀ ଗିରଫ। ଅଭିଯୁକ୍ତକୁ ଅଟକ ରଖି ତଦନ୍ତ କରୁଛି ଭଞ୍ଜପୁର ଥାନା ପୋଲିସ । ବାରିପଦା ସହରର ଭଞ୍ଜପୁର ଥାନା ଅନ୍ତର୍ଗତ ଜମୁନାଦେଇପୁର ଅଞ୍ଚଳରୁ ଜଣେ ୪ ବର୍ଷର ଶିଶୁ କନ୍ୟା ଗତକାଲି ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ ପରିବାର ଲୋକେ । ନିଖୋଜ ଶିଶୁ କନ୍ୟା ସୁନୀଲ କୁମାର ସୋରେନ ଓ ଚାନ୍ଦମଣି ମୁର୍ମୁଙ୍କ ଝିଅ। ଖୁଣ୍ଟା ବ୍ଲକ ଲାକ୍ଷଣସାହିର ମୂଳ ବାସିନ୍ଦା ସୁନୀଲଙ୍କ ପରିବାର ବର୍ତ୍ତମାନ ଭଞ୍ଜପୁର ଜମୁନାଦେଇପୁର ଠାରେ ରହୁଛନ୍ତି । ଗତକାଲି ୪ ବର୍ଷର ଝିଅ ଘର ନିକଟରେ ଖେଳୁଥିବା ସମୟରେ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ଝିଅର କୌଣସି ସନ୍ଧାନ ମିଳିନଥିଲା । କେହି ତାଙ୍କୁ ଅପହରଣ କରିଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ । ଆଜି ସକାଳୁ ଜଣେ ଦୁର୍ବୃତ୍ତ ଶିଶୁ କନ୍ୟାକୁ ଘର ନିକଟରେ ଛାଡ଼ି ପଳାଉଥିବା ବେଳେ ସ୍ଥାନୀୟ ଲୋକେ ଅଭିଯୁକ୍ତକୁ କାବୁ କରି ପୋଲିସର ଜିମା ଦେଇଛନ୍ତି । ତେବେ କେଉଁ କାରଣରୁ ଶିଶୁ କନ୍ୟାକୁ ଅପହରଣ କରିଥିଲା ଆଉ ରାତି ସାରା ଶିଶୁ କନ୍ୟାକୁ କେଉଁଠି ରଖିଥିଲା, ଘଟଣାର ତଦନ୍ତ କରୁଛି ପୋଲିସ । ଅପହରଣକାରୀ ପଶ୍ଚିମବଙ୍ଗର ହୋଇଥିବା ସନ୍ଦେହ କରୁଛି ପୋଲିସ ।

### ବନ୍ଦ ଘରୁ ପ୍ରେମିକାର ଝୁଲନ୍ତା ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗରେ ପ୍ରେମିକକୁ ବାନ୍ଧିଲା ପୁଲିସ

ଭୁବନେଶ୍ୱର: ଖଣ୍ଡଗିରି ଥାନା ଅନ୍ତର୍ଗତ ଧର୍ମବିହାରରୁ ଏକ ବନ୍ଦ ଘରୁ ପୁଲିସ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି । ମୃତକ ହେଲେ ପୁରୀ ଜିଲ୍ଲା ନିମାପଡ଼ା ଚାରିଛକ ଅଞ୍ଚଳର ପ୍ରୀତି ପ୍ରିୟଦର୍ଶିନୀ ପ୍ରଧାନ(୨୧) । ପ୍ରୀତିଙ୍କୁ ତାଙ୍କ ପ୍ରେମିକ ହତ୍ୟାକରି ଆତ୍ମହତ୍ୟାର ରୂପ ଦେଇଥିବା ଅଭିଯୋଗ ହୋଇଛି । ପୁଲିସ ଏକ ହତ୍ୟା ମାମଲା ରୁଜୁକରି ପ୍ରେମିକ କଟକ ଜିଲ୍ଲା ବାଙ୍କୀ ନୂଆଗାଁର ଶ୍ରୀଧର ରାଉତ(୩୦)ଙ୍କୁ ଗିରଫ କରିଛି । ପୁଲିସ ସୂଚନା ଅନୁଯାୟୀ, ଶ୍ରୀଧର ଖଣ୍ଡଗିରି ଅଞ୍ଚଳରେ ଥିବା ଏକ ପେଟ୍ରୋଲ ପମ୍ପରେ କାମ କରନ୍ତି । ତାଙ୍କର ପ୍ରୀତିଙ୍କ ସହ ପରିଚୟ ହେବାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ଉଭୟଙ୍କ ପରିବାର ଲୋକେ ଏହା ଜାଣିବା ପରେ ସେମାନଙ୍କ ସହମତିକ୍ରମେ ଗତ କିଛିଦିନ ତଳେ ନିର୍ବନ୍ଧ ହୋଇଥିଲା । ବିବାହକୁ ଆଉମାତ୍ର ଦିନ କେଇଟା ଥିବା ବେଳେ ସେମାନେ ଧର୍ମବିହାରରେ ଘରଭଡ଼ା ନେଇ ଲିଭ୍ଇନ୍ ?ରେ ରହୁଥିଲେ । ତେବେ ଉଭୟଙ୍କ ମଧ୍ୟରେ ଗତକାଲି କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା । ଏକଥା ପ୍ରୀତି ପରିବାର ଲୋକଙ୍କୁ ଜଣାଇଥିଲେ । ଗତକାଲି ରାତିରେ ପ୍ରୀତି ଘର ଭିତରେ ଫ୍ୟାନ୍‌ରେ ଓଢ଼ଣି ଲଗାଇ ଆତ୍ମହତ୍ୟା କରି ଦେଇଥିଲେ । ଖବରପାଇ ଖଣ୍ଡଗିରି ଥାନା ପୁଲିସ ସେଠାରେ ପହଞ୍ଚି କବାଟ ଭାଙ୍ଗି ପ୍ରୀତିଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲା । ଏନେଇ ପୁଲିସ ପ୍ରୀତିଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା । ସୋମବାର ପ୍ରୀତିଙ୍କ ବାପା ଦିବାକର ପ୍ରଧାନ ଖଣ୍ଡଗିରି ଥାନାରେ ପହଞ୍ଚି ଶ୍ରୀଧର ତାଙ୍କ ଝିଅକୁ ତଣ୍ଟିଚିପି ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେଇଥିବା ଅଭିଯୋଗ କରିଥିଲେ । ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ପ୍ରୀତିଙ୍କ ମୃତଦେହ ଜବତ କରିଥିଲା । କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରାଇ ପୁଲିସ ତାଙ୍କ ପରିବାର ଲୋକଙ୍କ ଜିମା ଦେଇଥିଲା । ପ୍ରେମିକ ଶ୍ରୀଧରଙ୍କୁ ପୁଲିସ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି

# ଖଲ୍ଲିକୋଟ୍ ବଡଘାଟିରେ ଦୁର୍ଘଟଣା, ୩୦ ଫୁଟ ତଳକୁ ଖସିଲା ଟ୍ରକ

ଖଲ୍ଲିକୋଟ: ୧୬ ନମ୍ବର ଜାତୀୟ ରାଜପଥ ଖଲ୍ଲିକୋଟ୍ ବଡ ଘାଟିରେ ଦୁର୍ଘଟଣା।ବଡ ଘାଟିରେ ବ୍ରେକ୍ ଫେଲ ହେବା ଯୋଗୁଁ ପାଖାପାଖି ୩୦ ଫୁଟ ତଳକୁ ଖସିଲା ଟ୍ରକ୍। ଦୁର୍ଘଟଣାରେ ହେଲପର ଗୁରୁତର ହୋଇଛି। ତାଙ୍କୁ ଖଲ୍ଲିକୋଟ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଳ ଗଛ କାଠ ବୋଝେଇ ହୋଇ ଆନ୍ଧ୍ରପ୍ରଦେଶରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା ଟ୍ରକ୍। ଖଲ୍ଲିକୋଟ୍ ବଡ ଘାଟିରେ ଟ୍ରକ ବ୍ରେକ୍ ଫେଲ ହୋଇଥିଲା। ଘାଟିରୁ ଖସି ଏକ ଗଛ ରେ ପିଟି ହୋଇ ଓଲଟି ପଡିଥିଲା ଟ୍ରକ୍।ଏଥିରେ ଡ୍ରାଇଭର ସୁରକ୍ଷିତ ରହିଥିବା ବେଳେ ହେଲପର ଗୁରୁତର ହୋଇଥିଲା। ହେଲପରକୁ ଉଦ୍ଧାର କରାଯାଇ ଗୁରୁତର ଅବସ୍ଥାରେ ଖଲ୍ଲିକୋଟ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣା ସ୍ଥଳରେ ଖଲ୍ଲିକୋଟ୍ ପୋଲିସ ପହଞ୍ଚି ଦୁର୍ଘଟଣାର ତଦନ୍ତ କରୁଛି।

### ଚିକିତ୍ସା ନାଁରେ ବଡ଼ ସ୍କାମ: ଚାଲିଛି ମନଇଚ୍ଛା ଲୁଟ୍

# ଘରୋଇ ହସ୍ପିଟାଲ ନାଁରେ ସାଂଘାତିକ ଅଭିଯୋଗ !

କଟକ(ନିପ୍ର): ରୋଗୀ ତୁଳନାରେ ସରକାରୀ ଡାକ୍ତରଖାନା ସଂଖ୍ୟା ବହୁତ କମ। ଡାକ୍ତର ଓ କର୍ମଚାରୀ ଅଭାବ ହେତୁ ସାଧାରଣ ଲୋକ ଭରସା କରିପାରୁ ନାହାନ୍ତି। ବରଂ ଜମିବାଡ଼ି ବିକ୍ରି ହୋଇଯାଉ ସମ୍ପର୍କୀୟ ଜୀବନ ରହୁ ଓ ସେ ସୁସ୍ଥ ହେଉ। ଏଥିପାଇଁ ଅନେକ ଘରୋଇ ହସ୍ପିଟାଲ ବା ନର୍ସିଂହୋମ ଉପରେ ନିର୍ଭର କରନ୍ତି । ଏଥିପାଇଁ ଗାଁ ଗହଳି ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଛତୁ ଫୁଟିଲା ପରି ଘରୋଇ ହସ୍ପିଟାଲ ଖୋଲିଚାଲିଛି। ଏହିସବୁ ଘରୋଇ ହସ୍ପିଟାଲ ନାଁରେ ଆସିଛି ସାଂଘାତିକ ଅଭିଯୋଗ । ଚିକିତ୍ସା ନାଁରେ ରୋଗୀଙ୍କୁ କରାଯାଉଛି ଶୋଷଣ। ସ୍ୱାସ୍ଥ୍ୟସେବା ନାଁରେ ବ୍ୟବସାୟକୁ ପ୍ରାଥମିକତା ଦେଉଛନ୍ତି ନର୍ସିଂହୋମ୍ କର୍ତ୍ତୃପକ୍ଷ । କମିଶନ ଲୋଭରେ ଡାକ୍ତର ଲେଖୁଛନ୍ତି ଦାମୀ ବ୍ରାଣ୍ଡର ମେଡିସିନ। ଆବଶ୍ୟକ ନଥିଲେ ବି ଅଯଥା ଡାକ୍ତରୀ ପରୀକ୍ଷା କରାଯାଉଛି । ଔଷଧ କମ୍ପାନୀ, ଡାକ୍ତର, ନର୍ସିଂହୋମ ମାଲିକ, ମେଡିସିନ ଦୋକାନୀ ମିଳିତ ମଧୁଚନ୍ଦ୍ରିକାରେ ରୋଗୀ ଲୁଟର ଶିକାର ହେଉଛନ୍ତି । ଏହାର ତଦାରଖ କରିବାକୁ କେହି ନାହାନ୍ତି। ଅଭିଯୋଗ କଲେ ଶୁଣିବ କିଏ ? ସବୁ ସ୍ତରରେ ତ ବ୍ୟକ୍ତିଗତ ମୁନାଫା। ସମସ୍ତଙ୍କୁ କମିଶନ ଦେଇ ନର୍ସିଂହୋମ ମାଲିକ ତାଙ୍କ ପକେଟରେ ରଖୁଛନ୍ତି। ଅଭିଯୋଗ କଲେ ରୋଗୀ ହଇରାଣ ହେବ ଚିନ୍ତାକରି ସମ୍ପର୍କୀୟ ଚୁପ ରହିବାକୁ ବାଧ୍ୟ ହେଉଛନ୍ତି। ବେଶୀ ହେଲେ ତୁମେ ଘରୋଇ ହସ୍ପିଟାଲ କାହିଁକି ଯାଉଛ ବୋଲି ଉପରିସ୍ଥ ଅଧିକାରୀ ପ୍ରଶ୍ନ କରିବେ। ସମସ୍ତେ ସବୁ ଜାଣି ଅଜଣା। କ୍ଷେତ ବାଡ଼ ଖାଇଲେ ଜଗିବ କିଏ ? ତେଣୁ ସାଧାରଣ ଲୋକଟିକୁ ଜଗନ୍ନାଥ ଭରସା।

### ନିଆଳି ପନିର ରିପୋର୍ଟକୁ ନେଇ ବଢ଼ିଲା ଦ୍ୱନ୍ଦ୍ୱ

# ହରିୟାଣା କହିଲା ଅଖାଦ୍ୟ, ଓଡ଼ିଶା ଦେଲା କ୍ଲିନଚିଟ୍

କଟକ(ନିପ୍ର): ନିଆଳି ପନିର ରିପୋର୍ଟକୁ ନେଇ ବଢ଼ିଲା ଦ୍ୱନ୍ଦ୍ୱ । ହରିୟାଣ ଲାବ୍ ରିପୋର୍ଟ କହିଲା ଅଖାଦ୍ୟ । କ୍ଲିନ ଚିଟ୍ ଦେଲା ଓଡ଼ିଶା ଷ୍ଟେଟ୍ ଫୁଡ୍ ଲ୍ୟାବ୍ । ବଦନାମ ମୁଣ୍ଡାଇଥିବା ନିଆଳି ପନିରକୁ ନେଇ ଦ୍ୱନ୍ଦ୍ୱ। ନମୁନା ଗୋଟାଏ, କିନ୍ତୁ ରିପୋର୍ଟ ଆସିଛି ଭିନ୍ନ ଭିନ୍ନ । ହରିୟାଣା ପଞ୍ଚକୁଲା ଲ୍ୟାବ ରିପୋର୍ଟରେ ଉଲ୍ଲେଖ ଅଛି ଷ୍ଟାର୍ଚ ଓ ଡିଟେରଜେଣ୍ଟ ମିଶିଥିବାରୁ ଅନୁପଯୁକ୍ତ ଖାଦ୍ୟ। ଆଉ ଏପଟେ ଓଡ଼ିଶା ଷ୍ଟେଟ ଫୁଡ ଲାବରୋଟାରି ରିପୋର୍ଟ ଦେଇଛି, ନିଆଳି ପନିରର ମାନ କମ କିନ୍ତୁ ଅସୁରକ୍ଷିତ ନୁହେଁ। ସବ ଷ୍ଟାଣ୍ଡାର୍ଡ- ଅର୍ଥାତ ଖାଦ୍ୟ ଉପଯୋଗୀ। ପୂଜା ପୂର୍ବରୁ କଟକରେ ଅପମିଶ୍ରିତ ପନିର ଧରପଗଡ ସମୟରେ ୭୦କୁଇଣ୍ଟାଲରୁ ଅଧିକ ପନିର ଜବତ କରି ନଷ୍ଟ କଲା ଖାଦ୍ୟ ନିରାପତ୍ତା ବିଭାଗ । ସେହି ନମୁନାକୁ ହରିୟାଣା ଲ୍ୟାବ ଓ ଷ୍ଟେଟ୍ ଲ୍ୟାବକୁ ପଠାଯାଇଥିଲା। ତେଣୁ କେଉଁ ରିପୋର୍ଟ ଠିକ୍ ଆଉ କେଉଁଟା ଭୁଲ ତାକୁ ନେଇ ଦ୍ୱନ୍ଦ୍ୱ ବଢ଼ିଛି। ନିଆଳି ପନିରକୁ ରାଜ୍ୟ ଲ୍ୟାବ କ୍ଲିନ ଚିଟ୍ ଦେବା ପରେ ମୁହଁ ଖୋଲିଛି ବ୍ୟବସାୟୀ ସଂଘ । ନିଆଳି ପନିରର ଦୁଇ ପ୍ରକାର ରିପୋର୍ଟ ଅନେକ ପ୍ରଶ୍ନ ସୃଷ୍ଟି କରିଛି । ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ କାର୍ଯ୍ୟଶୈଳୀ ସନ୍ଦେହ ଘେରକୁ ଆସିଛି। ଖାଦ୍ୟ ନମୁନା ଯଦି ରାଜ୍ୟରେ ହୋଇପାରୁଛି । କାହିଁକି ହରିୟାଣା ପଠାଗଲା ବୋଲି ପ୍ରଶ୍ନ କରିଛି ଦୁଗ୍ଧ ଜାତୀୟ ଦ୍ରବ୍ୟ ବ୍ୟବସାୟୀ ସଂଘ। ରିପୋର୍ଟ ଦ୍ୱନ୍ଦ ନେଇ ଅଯଥାରେ ପନିର ବ୍ୟବସାୟୀ ନିନ୍ଦିତ ହେଉଛନ୍ତି ଓ ବ୍ୟବସାୟ ପ୍ରଭାବିତ ହେଉଥିବା ଅଭିଯୋଗ ଆଣିଛି ସଂଘ । ପୂଜା ପୂର୍ବରୁ ଧରପଗଡ଼ ପରେ ନିଆଳି ପନିର ଅପମିଶ୍ରିତ ବୋଲି ଚର୍ଚ୍ଚା ହେଲା। ହରିୟାଣାରୁ ରିପୋର୍ଟ ଆସିବା ପରେ ବ୍ୟବସାୟୀଙ୍କ ନାଁରେ ଏତଲା ହେଲା। କେତେକ ବନ୍ଧା ହେଲେ, ବ୍ୟବସାୟ ଠପ୍ ହୋଇଗଲା। ଏବେ ରାଜ୍ୟ ଲ୍ୟାବର ସବ୍ ଷ୍ଟାଣ୍ଡାର୍ଡ ରିପୋର୍ଟ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ବଢ଼ାଇଛି। ତେଣୁ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ସଂଘ ସୂଚାଇ ଦେଇଛି।

# ଭୋଗ ଖାଇବାକୁ ନେଇ ଦୁଇ ଗାଁ ମଧ୍ୟରେ ଗଣ୍ଡଗୋଳ: ଏକାଧିକ ଆହତ

ଭୁବନେଶ୍ୱର: ମନ୍ଦିର ବେଢ଼ାରେ ଭୋଗ ଖାଇବାକୁ ନେଇ ଦୁଇ ଗାଁ ମଧ୍ୟରେ ଗଣ୍ଡଗୋଳ। ବଡ଼ ରଘୁନାଥପୁର ଓ ମଦନପୁର ଗାଁ ମଧ୍ୟରେ ଏହି ସଂଘର୍ଷ ଘଟିଛି। ଗୋଷ୍ଠୀ ସଂଘର୍ଷରେ ଲହୁଲୁହାଣ ହୋଇଛନ୍ତି ଏକାଧିକ ଲୋକ। ଭୋଗ ଖାଇବାକୁ କେନ୍ଦ୍ର କରି ଆରମ୍ଭ ହୋଇଥିବା ବିବାଦ ଉଗ୍ରରୂପ ନେବା ପରେ ଉଭୟ ପକ୍ଷ ମଧ୍ୟରେ ଲାଠିମାଡ଼ ଓ ଢେଲାମାଡ ହୋଇଥିବା ଅଭିଯୋଗ ହୋଇଛି। ସୋମବାର ମଧ୍ୟାହ୍ନ ସମୟରେ ମଦନପୁର ଗାଁରେ ପୂଜା ଚାଲିଥିଲା । ଏହି ପୂଜା ପରେ ଚାଲିଥିଲା ପ୍ରସାଦ ବଣ୍ଟନ । ହଠାତ ଏହି ଭୋଗ ବଣ୍ଟାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇଥିଲା ।



ପରବର୍ତ୍ତୀ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ ଏକାଧିକ ଆହତ ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ଇନଫୋଭ୍ୟାଲି ଥାନା ପୋଲିସ ପହଞ୍ଚିଥିଲା। ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ସ୍ଥିତି ନିୟନ୍ତ୍ରଣ ଓ ଘଟଣାର ତଦନ୍ତ ନେଇ ପୋଲିସର ପଦକ୍ଷେପ ଉପରେ ନଜର ରହିଛି।

# ଆନ୍ତଃରାଜ୍ୟ ଗଞ୍ଜେଇ ସିଣ୍ଡିକେଟ୍‌ର ପର୍ଦ୍ଦାଫାସ

### ଓଡ଼ିଶାରୁ କୋରିଅରରେ ଗଞ୍ଜେଇ ଚାଲାଣ, ୩ ଅଭିଯୁକ୍ତକୁ ଧରିଲା ଉତ୍ତରପ୍ରଦେଶ ପୁଲିସ

ଭୁବନେଶ୍ୱର: ଓଡ଼ିଶାର ହଜାର ହଜାର କିମି ସଡ଼କ ପଥ ଦେଇ ସୀମା ପାର୍ ହେଉଛି କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ । ହେଲେ, ଓଡ଼ିଶା ପୁଲିସ କି ଅବକାରୀ ଟିମ୍ ଟେର୍ ପାଉନାହାନ୍ତି । ଓଲଟି ରାଜ୍ୟ ବାହାର ପୁଲିସ ହାବୁଡ଼ରେ ଧରାପଡୁଛି । ଉତ୍ତରପ୍ରଦେଶ ମଥୁରାରୁ ୨୫୦ କେଜି ଗଞ୍ଜେଇ ଜବତ ହୋଇଛି । ଯାହାକି, ଓଡ଼ିଶାରୁ ଚାଲାଣ ହେଉଥିଲା । ସେହିପରି ଶାଢ଼ି ଓ ସାଉଣ୍ଡ ବକ୍ସ କୋରିଅରରେ ଓଡ଼ିଶାରୁ ଦିଲ୍ଲୀକୁ ପଠାଯାଉଥିବା ଏକ ଆନ୍ତଃରାଜ୍ୟ ଗଞ୍ଜେଇ ସିଣ୍ଡିକେଟ୍ ?ର ପର୍ଦ୍ଦାଫାସ ହୋଇଛି । ପଶ୍ଚିମ ଦିଲ୍ଲୀର ଆଣ୍ଟି ନାର୍କୋଟିକ୍ ସ୍କ୍ୱାଡ୍ ଶନିବାର ଏକ ସିଣ୍ଡିକେଟ୍‌ର ୩ଜଣ ଚାଲାଣକାରୀଙ୍କୁ କାବୁ କରିଛି । ସେମାନ ହେଲେ, ଚନ୍ଦନ କୁମାର, ନିତେଶ କୁମାର ଓ ଭିକି କୁମାର । ସମସ୍ତେ ବିହାର ବାସିନ୍ଦା । ଏମାନଙ୍କ ଲିଡର ହେଉଛି ନିତେଶ । ତାକୁ ଜେରା ବେଳେ ବିସ୍ଫୋରକ ତଥ୍ୟ ପଦାକୁ ଆସିଛି ।



ଦୀର୍ଘ ୨ ବର୍ଷ ଧରି ଓଡ଼ିଶାର କିଛି ଗଞ୍ଜେଇ ବେପାରୀଙ୍କ ସେ ରିତିମତ ଯୋଗାଯୋଗରେ ରହୁଛି। ଶାଢ଼ି, ସାଉଣ୍ଡ ବକ୍ସ ଓ ଜଳ ବିଶୋଧନ ମେସିନ୍‌ର କୋରିଅର ବାକ୍ସ ଭିତରେ ଗଞ୍ଜେଇ ପୁରାଇ ଓଡ଼ିଶାରୁ ଦିଲ୍ଲୀକୁ ଚାଲାଣ କରୁଥିଲା । ସେ ଜାଣିଶୁଣି କୋରିଅରର ଡେଲିଭରି ଠିକଣାକୁ ଭୁଲ ଲେଖୁଥିଲା । କାହିଁକି ନା, ଦିଲ୍ଲୀରେ କୋରିଅର ପହଞ୍ଚିବା ପରେ ଡେଲିଭରି ବଏ ଉକ୍ତ ଠିକଣାକୁ ଖୋଜି ଖୋଜି ନୟାନ୍ତ ହେବା ପରେ ନିତେଶକୁ ଫୋନ୍ କରୁଥିଲା । ନିତେଶ ଡେଲିଭରି ବଏକୁ ନାନା ବାହାନା ଦେଖାଇ ଅଧାରାସ୍ତାରୁ କୋରିଅରକୁ ନେଇ ଆସୁଥିଲା । ଅନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀ ରାକେଟ୍‌ର ଏକ ଟିମ୍ ଗତ ୧୭ ତାରିଖରେ ଉତ୍ତରପ୍ରଦେଶରୁ ବ୍ରହ୍ମପୁର ଆସିଥିଲେ । ସେମାନେ ଓଡ଼ିଶାରୁ ଏକ କଣ୍ଟେନରରେ ଲୁଚାଛପାରେ ୨୫୦ କେଜି ଗଞ୍ଜେଇ ଲଦି ବିହାର, ଉତ୍ତରପ୍ରଦେଶ ଦେଇ ହରିଆଣାକୁ ଚାଲାଣ କରୁଥିଲେ । ମଥୁରା ପୁଲିସ ଆଗ୍ରା-ଦିଲ୍ଲୀ ଜାତୀୟ ରାଜପଥରେ ଉକ୍ତ କଣ୍ଟେନରକୁ ଅଟକାଇ ଯାଞ୍ଚ କରିବା ବେଳେ ଗଞ୍ଜେଇ ଜବତ କରିଛି । ସତୀଶ କୁମାର, ଆଶିଫ ଅବଦୁଲ କରିମକୁ ଗିରଫ କରିଛି।

# ଜୁଆ ଆଡ୍ଡାରେ ପୁଲିସ ଚଢ଼ଉ, ଗୋଟିଏ ରାତିରେ ୧୯୪ ଗିରଫ, ୧୨.୮୮ ଲକ୍ଷ ଜବତ

ବ୍ରହ୍ମପୁର/ଛତ୍ରପୁର: ଗୋଟିଏ ରାତିରେ ବ୍ରହ୍ମପୁର ଓ ଗଞ୍ଜାମ ପୁଲିସ ଜିଲ୍ଲାରେ ୩୪ ଜୁଆ ଆଡ୍ଡାରେ ଚଢ଼ଉ ହୋଇଛି । ପୁଲିସ ୧୯୪ଜଣଙ୍କୁ ଗିରଫ କରି ଜବତ କରିଛି ୧୨ଲକ୍ଷ ୮୮ହଜାର ଟଙ୍କା । ବହୁ ସଂଖ୍ୟାରେ ମୋବାଇଲ ଓ ବାଇକ୍ । ମଧ୍ୟ ଜବତ ହୋଇଛି । ସର୍ବାଧିକ ଜୁଆଖେଳ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଧରାପଡିଛି ।



ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୧୦ଟି ଥାନାରେ ୨୫ଟି ମାମଲା ରୁଜୁ ହୋଇଛି । ୧୩୧ଜଣ ଗିରଫ ହେବା ସହ ୪୦ଟି ମୋବାଇଲ ଫୋନ, ଗୋଟିଏ କାର୍, ୨୭ଟି ବାଇକ୍ ଏବଂ ୮ଲକ୍ଷ ୬୭ ହଜାର ଟଙ୍କା ଜବତ ହୋଇଛି। ଗୋପାଳପୁର ଥାନା ପୁଲିସ ୩ଟି ଜୁଆଖେଳରେ ଚଢ଼ଉ କରି ୧୫ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧ଲକ୍ଷ ୩୩ହଜାର ଟଙ୍କା ଜବତ କରିଛି । ସେହିପରି ଗଞ୍ଜାମ ପୁଲିସ ଜିଲ୍ଲାର ୩ଟି ଥାନା ଅଞ୍ଚଳରେ ୯ଟି ଜୁଆଆଡ୍ଡାରେ ଚଢ଼ଉ କରିଛି ପୁଲିସ । ୬୩ ଜଣଙ୍କୁ ଗିରଫ କରିବା ସହ ୪ଲକ୍ଷ ୨୦ହଜାର ଟଙ୍କା ଜବତ ହୋଇଥିବା ଏସପି ହରିଶ ବିସି କହିଛନ୍ତି ।

CMYK



ଭୁବନେଶ୍ୱର: ଗଜଲକ୍ଷ୍ମୀ ପୂଜା, ଲକ୍ଷ୍ମୀସାଗର ଛକ



ପୁରୁଣା ଷ୍ଟେସନ ବଜାର



କାର୍ତ୍ତିକ ମାସର ପ୍ରଥମ ସୋମବାରରେ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ (ଫଟୋ-ଦିନଲିପି)

## କାର୍ତ୍ତିକ ପ୍ରଥମ ସୋମବାରରେ ଲିଙ୍ଗରାଜ ମନ୍ଦିରରେ ଭକ୍ତଙ୍କ ଭିଡ଼

ଭୁବନେଶ୍ୱର, ୨୬/୧୦(ନିପ୍ର): କାର୍ତ୍ତିକ ମାସ ଧର୍ମର ଏବଂ ପୁଣ୍ୟର ମାସ। ଏହି ମାସରେ ଦେବାଧି ଦେବ ମହାଦେବଙ୍କୁ ଦର୍ଶନ କଲେ କୋଟି ପୁଣ୍ୟ ଲାଭ ହେବ ସହିତ ମାନସିକ ଶାନ୍ତି ମିଳିଥାଏ। ତେଣୁ ଆଜି କାର୍ତ୍ତିକ ମାସର ପ୍ରଥମ ସୋମବାର ହୋଇଥିବା ହେତୁ ମହାପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ବଡି ଭୋରରୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଛି । ଆଖିରେ ମହାଦେବଙ୍କୁ ଦେଖିବାର ଉତ୍ସାହ ଏବଂ ହାତରେ ଭୋଗ,ଦୀପ,ଧୂପ ନେଇ ପୂଜା କରୁଛନ୍ତି। କେବଳ ରାଜଧାନୀ ଭୁବନେଶ୍ୱର ନୁହେଁ ବିଭିନ୍ନ ଜିଲ୍ଲାରୁ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ଆସିଛନ୍ତି ଶ୍ରଦ୍ଧାଳୁ ।

### ହବିଷ୍ୟାଳୀଙ୍କ କାର୍ତ୍ତିକ ବ୍ରତ ଆରମ୍ଭ
## ସାକ୍ଷୀଗୋପୀନାଥଙ୍କ ଦର୍ଶନ କଲେ

ସାକ୍ଷିଗୋପାଳ, ୨୬/୧୦(ନିପ୍ର): ପବିତ୍ର କାର୍ତ୍ତିକ ବ୍ରତ ଆରମ୍ଭର ପ୍ରଥମ ଦିନରେ ରାଜ୍ୟର ପ୍ରମୁଖ ବୈଷ୍ଣବ କ୍ଷେତ୍ର ପୁରୀ ଜିଲ୍ଲାର ସାକ୍ଷିଗୋପାଳ ସ୍ଥିତ ସାକ୍ଷୀଗୋପୀନାଥ ମନ୍ଦିରରେ ଆଜି ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡ଼ ଓ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଆଜିଠାରୁ ଆରମ୍ଭ ହୋଇଛି ହବିଷ୍ୟାଳୀଙ୍କ ପବିତ୍ର କାର୍ତିକ ବ୍ରତ । ହବିଷ୍ୟାଳୀମାନେ ମନରେ ସଂକଳ୍ପ କରି ଏହି ବ୍ରତ ଆରମ୍ଭ କରିଛନ୍ତି । ସେମାନେ ଏକ ମାସ ଧରି ଏହି ବ୍ରତ ପାଳନ କରିବେ । ସୋମବାର ବ୍ରତର ପ୍ରଥମ ଦିନରେ ଭୋରରୁ ହବିଷ୍ୟାଳି ମାନେ ସ୍ନାନ ଓ ଅନ୍ୟାନ୍ୟ ନିତ୍ୟକର୍ମାଦି ସାରି ଘରେ ଠାକୁର ପୂଜା ଓ ତୁଳସୀ ଚଉରା ମୂଳେ ମା’ ବୃନ୍ଦାବତୀଙ୍କ ପୂଜାର୍ଚ୍ଚନା କରିବା ସହ ମନ୍ଦିର ଆସି ସାକ୍ଷିଗୋପୀନାଥଙ୍କ ଦର୍ଶନ କରିଛନ୍ତି । ଏହି ଉପଲକ୍ଷେ ଭୋର୍ ରୁ ମନ୍ଦିର ଦ୍ୱାରଫିଟା, ମଙ୍ଗଳଆଳତୀ, ମଇଲମ, ଅବକାଶ, ସକାଳ ଧୂପ ଓ ଅନ୍ୟାନ୍ୟ ନୀତିକାନ୍ତି ପରେ ସାକ୍ଷୀଗୋପୀନାଥଙ୍କ ନଟବର ବେଶ ଅନୁଷ୍ଠିତ ହୋଇଛି । ଏହାପରେ ସନ୍ଧ୍ୟାଧୂପରେ ସାକ୍ଷିଗୋପାଳଙ୍କ ଗୋଧନବାହୁଡ଼ା ବେଶ ଓ ରାତିରେ ବଡସିଂହାର ବେଶ ଅନୁଷ୍ଠିତ ହେବ ।

## ଜିଲ୍ଲାପାଳଙ୍କ ଅନୁପସ୍ଥିତି ଯୋଗୁଁ ଅଭିଯୋଗକାରୀ ନିରାଶ

କାକଟପୁର, ୨୬/୧୦(ନିପ୍ର): କାକଟପୁର ବ୍ଲକ ସଭାଗୃହରେ ସୋମବାର ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନା ଓ ଅନ୍ୟାନ୍ୟ ଜନସମସ୍ୟାକୁ ନେଇ ମୋଟ ୫୭ଟି ଅଭିଯୋଗ ଦାଖଲ ହୋଇଥିଲା । ଶିବିରରେ କାକଟପୁର ବ୍ଲକରେ ଟେକ୍ ହୋମ୍ ରାସନ ବଣ୍ଟନରେ ବ୍ୟାପକ ଅନିୟମିତତା ଓ ଖାଦ୍ୟ ସାମଗ୍ରୀର ଗୁଣବତ୍ତା ନେଇ ପଞ୍ଚାୟତ ସମିତି ସଭ୍ୟ ସମରେନ୍ଦ୍ର ଦୀକ୍ଷିତ ଗମ୍ଭୀର ଅଭିଯୋଗ ଉଠାଇଥିଲେ । ବୈଠକରେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ବିଡିଓ ନାରାୟଣ ଦୀକ୍ଷିତ ଏବଂ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ସମାଧାନ ପାଇଁ ଉଦ୍ୟମ କରିଥିଲେ । ତେବେ ତ୍ୱରିତ ସମାଧାନ ଆଶା ନେଇ ଆସିଥିବା ଲୋକେ ଜିଲ୍ଲାପାଳଙ୍କ ଅନୁପସ୍ଥିତି ଯୋଗୁଁ ନିରାଶ ହୋଇ ଫେରିଥିଲେ ।

## ବାଙ୍କୀ ମହୋତ୍ସବ-୨୦୨୬ ଉଦ୍‌ଘାଟିତ

ବାଙ୍କୀ, ୨୬/୧୦(ନିପ୍ର): ବାଙ୍କୀର ପାରମ୍ପରିକ ଗଣପର୍ବ ‘ବାଙ୍କୀ ମହୋତ୍ସବ-୨୦୨୬’ ସ୍ଥାନୀୟ କଚେରୀ ପଡ଼ିଆଠାରେ ଆଜିଠାରୁ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି । ବାଙ୍କୀର କଳା, ସାହିତ୍ୟ, ସଂସ୍କୃତି ଓ ଗୌରବମୟ ଐତିହ୍ୟର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ୨୦୦୦ ମସିହାରୁ ଏହି ପ୍ରସିଦ୍ଧ ମହୋତ୍ସବ ଆୟୋଜିତ ହୋଇଆସୁଛି । ପ୍ରାରମ୍ଭରେ ଇଷ୍ଟଦେବୀ ମା’ ଚର୍ଚ୍ଚିକାଙ୍କ ପୀଠରୁ ପବିତ୍ର ଆଜ୍ଞାମାଳ ଏକ ଶୋଭାଯାତ୍ରାରେ ଅଣାଯାଇ ମହୋତ୍ସବ ମଣ୍ଡପରେ ସ୍ଥାପନ କରାଯାଇଥିଲା । ପୂର୍ବତନ ସାଂସଦ ଡକ୍ଟର ପ୍ରସନ୍ନ କୁମାର ପାଟ୍ ?ଶାଣୀ ମୁଖ୍ୟ ଉଦ୍ ?ଘାଟକ ଭାବେ ଯୋଗଦେଇ ବାଙ୍କୀର ଇତିହାସ ଉପରେ ଆଲୋକପାତ କରିଥିଲେ । ଏହି ସାରସ୍ୱତ ସମାରୋହରେ ସାଂସଦ ଦେବାଶିଷ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଙ୍କୀକୁ ସଂସ୍କୃତିର ସମୃଦ୍ଧ କ୍ଷେତ୍ର ଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରରେ କବି କୌଶିକ ନାୟକଙ୍କ ଦ୍ୱାରା ସମ୍ପାଦିତ ସ୍ମରଣିକା ଲୋକାର୍ପିତ ହେବା ସହ ବିଶିଷ୍ଟ ସ୍ତମ୍ଭକାର ଶ୍ରୀମୟୀ କର ଓ ପୂର୍ବତନ ପୋଲିସ ପ୍ରଶାସକ ନୀଳମୋହନ ତ୍ରିପାଠୀଙ୍କୁ ସମ୍ମାନଜନକ ‘ଚର୍ଚ୍ଚିକା ସମ୍ମାନ’ ରେ ସମ୍ମାନିତ କରାଯାଇଥିଲା । ଏହାସହ ଶିକ୍ଷକ ସୁଦର୍ଶନ ଦାସ, ଶିଳ୍ପପତି ବିଜୟ ପଣ୍ଡା, ମହିଳା କମାଣ୍ଡର ଶୋଭାଗିନୀ ଦେବୀ, ଆଦର୍ଶ କୃଷକ ଅପର୍ତ୍ତି ପରିଡ଼ା, ଡାକ୍ତର ଆର୍ଯ୍ୟମାଭ ପଟ୍ଟନାୟକ, ସାହିତ୍ୟିକ ଡକ୍ଟର ନିରୋଦ ମନ୍ତ୍ରୀ ଓ ପାଲା ଗାୟିକା ସ୍ନେହଲତା ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

### ବରଗଡ଼ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଦେଖିବ ନୂଆ କଂସ
## ଅବ୍ୟାହତି ନେଲେ ସୁଶୀଲ ମେହେର



ବରଗଡ଼, ୨୬/୧୦: ବରଗଡ଼ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଦେଖିବ ନୂଆ କଂସ । ଅବ୍ୟାହତି ନେଲେ କଂସ ଅଭିନେତା ସୁଶୀଲ ମେହେର । ମହାରାଜ କଂସ ଚରିତ୍ରରେ ଅଭିନୟ ପାଇଁ ସୁଶୀଲ ମେହେର ତିନି ବର୍ଷ ପାଇଁ ଚୟନ ହୋଇଥିଲେ । ହେଲେ ପ୍ରଥମ ବର୍ଷ ଧନୁଯାତ୍ରାରେ ଅଭିନୟରେ ସେ ଦର୍ଶକଙ୍କୁ ମନମୁଗ୍ଧ କରିପାରି ନ ଥିବା ଅଭିଯୋଗ ହୋଇଛି । ଏନେଇ ସୋସିଆଲ ମିଡିଆରେ ହୋଇଥିଲେ ଟ୍ରୋଲ। ବରଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଧନୁଯାତ୍ରା ମହୋତ୍ସବ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକାରିଣୀରେ ସୁଶୀଲ ମେହେରଙ୍କ କଂସ ଭୂମିକାରେ ଅଭିନୟକୁ ନେଇ ବେଶ ହୋ ହାଲ୍ଲା ହୋଇଥିଲା। ଏଥିସହ କଂସ ଚରିତ୍ର ପାଇଁ ନୂତନ ଭାବେ କଳାକାର ଚୟନ କରାଯିବା ପାଇଁ ଦାବି ଉଠିଥିଲା । ଏଭିତରେ କଂସ ଭୂମିକା ପାଇଁ ଚୟନ ପ୍ରକ୍ରିୟା ପୂର୍ବରୁ ସୁଶୀଲ ମେହେର ଅବ୍ୟାହତି ନେଇଛନ୍ତି। ବରଗଡ଼ ଜିଲ୍ଲାପାଳ ତଥା ଧନୁଯାତ୍ରା ମହୋତ୍ସବ ସମିତି ର ସଭାପତି ଆଦିତ୍ୟ ଗୋଏଲଙ୍କୁ ସୁଶୀଲ ମେହେର ଅବ୍ୟାହତି ପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ଜାନୁଆରୀ ୧୨ରୁ ୨୨ ତାରିଖ ପର୍ଯ୍ୟନ୍ତ ୧୧ ଦିନ ଧରି ବିଶ୍ୱର ସର୍ବବୃହତ ଖୋଲା ରଙ୍ଗମଞ୍ଚରେ ହେବ ବରଗଡ଼ ଧନୁଯାତ୍ରା । ଆସନ୍ତା ୨୮ ତାରିଖ ସନ୍ଧ୍ୟା ୫ ଟା ସମୟରେ ଧନୁଯାତ୍ରା କଳାକାର ଉପଦେଷ୍ଟା କମିଟିର ବୈଠକ ବସିବ ।

## ବାତ୍ୟା ‘ଅର୍ଣ୍ଣବ’ ପ୍ରଭାବରେ ୮ ଟ୍ରେନ୍ ବାତିଲ



ଭୁବନେଶ୍ୱର, ୨୬/୧୦(ପିଆଇବି): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଭୀଷଣ ସାମୁଦ୍ରିକ ଝଡ଼ ‘ଅର୍ଣ୍ଣବ’ର ପ୍ରଭାବ ଏବେ ରେଳ ପରିବହନ ଉପରେ ମଧ୍ୟ ପଡ଼ିଛି। ଯାତ୍ରୀମାନଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସାଉଥ୍ କୋଷ୍ଟ ରେଳବାଇ ପକ୍ଷରୁ ମୋଟ ୮ଟି ଏକ୍ସପ୍ରେସ୍ ଏବଂ ପାସେଞ୍ଜର ଟ୍ରେନ୍ ବାତିଲ କରାଯାଇଥିବା ବେଳେ କିଛି ଗାଡ଼ିର ମାର୍ଗ ପରିବର୍ତ୍ତନ କରାଯାଇଛି। ରେଳ ବିଭାଗ ପକ୍ଷରୁ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି ଯେ, ଯାତ୍ରା କରିବା ପୂର୍ବରୁ ଟ୍ରେନ୍‌ର ସ୍ଥିତି ଯାଞ୍ଚ କରିନିଅନ୍ତୁ ଏବଂ ସ୍ଥାନୀୟ ପ୍ରଶାସନର ନିର୍ଦ୍ଦେଶାବଳୀ ପାଳନ କରନ୍ତୁ।


**AFFIDAVIT**

By virtue of an affidavit sworn before The Executive Magistrate, Khandapara affidavit no.1614 dtd.23.10.2026, I, Urmila Maharana W/o- Jnanaranjan Samantaray At-Kalangadianpatana Po-Kalanga Ps-Bolagarh Dist-Khurda do hereby declare that, my former name is written as Urmila Maharana in all certificates but through an affidavit I change my name to Urmila Samantaraya.Henceforth Urmila Maharana & Urmila Samantaraya are one & the same person.

**Sd/- Urmila Samantaraya.**


## ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ସୂଚନା ଓ ଲୋକସଂପର୍କ ବିଭାଗ କର୍ମଚାରୀ ନେଲେ ଶପଥ

ଭୁବନେଶ୍ୱର, ୨୬/୧୦(ନିପ୍ର): ଦୁର୍ନୀତି ବିରୋଧରେ ସଚେନତା ସୃଷ୍ଟି ସହ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ଆଜିଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ‘ଦୁର୍ନୀତି ନିବାରଣ ସଚେତନତା ସପ୍ତାହ’ ପାଳନ କରାଯାଉଛି । ଚଳିତ ବର୍ଷର ବିଷୟବସ୍ତୁ ‘ସାଧୁତାରୁ ସମୃଦ୍ଧି’ ରହିଛି । ଏହି କ୍ରମରେ ଆଜି ସୂଚନା ଓ ଲୋକସଂପର୍କ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ସାମାଜିକ ପ୍ରତିବଦ୍ଧତାର ପ୍ରଦର୍ଶନ ନେଇ ଶପଥ ପାଠକରିଛନ୍ତି । ସାରା ରାଜ୍ୟରେ ‘ଦୁର୍ନୀତି ନିବାରଣ ସଚେତନତା ସପ୍ତାହ’ ପାଳନ ଉପଲକ୍ଷେ ସୋମବାର ସୂଚନା ଓ ଲୋକସଂପର୍କ ବିଭାଗଠାରେ ଆୟୋଜିତ ଏହି ଉତ୍ସବରେ ବିଭାଗୀୟ ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ପାଠକରିଥିଲେ । ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତିରେ ଦୁର୍ନୀତି ଏକ ବଡ଼ ପ୍ରତିବନ୍ଧକ ହୋଇଥିବାରୁ ଅଧିକାରୀ ଓ କର୍ମଚାରୀମାନେ ନିଷ୍ପାପର ଭାବେ ଆଇନ ଅନୁମୋଦିତ କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ । ନିଜ ଆଚରଣ ଓ କର୍ତ୍ତବ୍ୟ ସଂପାଦନରେ ସାଧୁତା ଅବଲମ୍ବନ ସହ ଦୁର୍ନୀତି ଓ ଲାଂଚ ଦେବା ଓ ନେବା ଭଳି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବେ ବୋଲି ସମସ୍ତେ ସଂକଳ୍ପ ନେଇଥିଲେ । ଆଜିର ଏହି ଶପଥ ପାଠ ଉତ୍ସବରେ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଉପନିର୍ଦ୍ଦେଶକ ଅଶ୍ୱିନୀ କୁମାର ଭୋଇ, ବିତ ପରାମର୍ଶଦାତା ଶ୍ରୀମତୀ ନିର୍ଝରିଣୀ ସାମନ୍ତସିଂହରାୟ ଙ୍କସମତେ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠକରିଥିଲେ ।

## ଶ୍ରୀକ୍ଷେତ୍ରରେ କାର୍ତ୍ତିକ ବ୍ରତ ଆରମ୍ଭ ରାଧାଦାମୋଦର ବେଶ ଦର୍ଶନ କଲେ ହବିଷ୍ୟାଳୀ

ପୁରୀ, ୨୬/୧୦(ନିପ୍ର): ଶ୍ରୀକ୍ଷେତ୍ର ପୁରୀରେ ସୋମବାରଠାରୁ ପବିତ୍ର କାର୍ତ୍ତିକ ବ୍ରତ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି । ମାସବ୍ୟାପୀ ଚାଲିବାକୁ ଥିବା ଏହି ମହାବ୍ରତ ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ବୟୋଜ୍ୟେଷ୍ଠ ହବିଷ୍ୟାଳୀ ମା’ମାନଙ୍କର ସମାଗମ ହୋଇଛି । ବ୍ରତଧାରୀମାନେ ପ୍ରତ୍ୟୁଷରୁ ମହୋଦଧି ଓ ପବିତ୍ର ପୁଷ୍କରିଣୀ ଗୁଡ଼ିକରେ ସ୍ନାନ ସାରି, ଆକାଶଦୀପ ଜାଳି ବ୍ରତ ସଂକଳ୍ପ କରିଛନ୍ତି । ଏହାପରେ ଶ୍ରୀମନ୍ଦିରରେ କରାଯାଇଥିବା ସ୍ୱତନ୍ତ୍ର ବ୍ୟାରିକେଟ୍ ମଧ୍ୟରେ ଶୃଙ୍ଖଳିତ ଭାବେ ଶ୍ରୀଜୀଉମାନଙ୍କର ମନୋରମ ‘ରାଧା ଦାମୋଦର ବେଶ’ ଦର୍ଶନ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ଶିବିରରେ ପ୍ରାୟ ୨୪୦୦ ବ୍ରତଧାରୀଙ୍କ ରହିବା, ଶ୍ରୀମନ୍ଦିର ଦର୍ଶନ ଏବଂ ମହାପ୍ରସାଦ ସେବନର ମାଗଣା ବ୍ୟବସ୍ଥା କରାଯାଇଛି । ବ୍ରତଧାରୀଙ୍କ ସୁରକ୍ଷିତ ଯାତାୟାତ, ଟ୍ରାଫିକ ନିୟନ୍ତ୍ରଣ ଓ ଶୃଙ୍ଖଳା ରକ୍ଷା ପାଇଁ ପୁରୀ ସହରର ପ୍ରମୁଖ ସ୍ଥାନ ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ମୋଟ ୧୫ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ଶତାଧିକ ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯାଇଛି ।

## ରାଜ୍ୟପାଳଙ୍କୁ ସାକ୍ଷାତ କଲେ ମୁଖ୍ୟ ସୂଚନା କମିଶନର



ଭୁବନେଶ୍ୱର, ୨୬।୧୦(ନିପ୍ର): ରାଜ୍ୟପାଳ ବ୍ରଜମୋହନ ରାମଙ୍କୁ ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ାଙ୍କ ନେତୃତ୍ୱରେ ଓଡ଼ିଶା ସୂଚନା ଆୟୋଗର ଏକ ପ୍ରତିନିଧି ଦଳ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟପାଳଙ୍କୁ ଆୟୋଗର ଉପଲବ୍ଧି ବାବଦରେ ଅବଗତ କରାଯାଇଥିଲା । ଏକ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ୧୮ ମାସ ମଧ୍ୟରେ ବିଚାରାଧୀନ ମାମଲା ସଂଖ୍ୟା ୨୨,୦୦୦ ରୁ ୫,୫୦୦ କୁ ହ୍ରାସ କରାଯାଇପାରିଛି। ଆୟୋଗ ଦେଶର ସର୍ବୋତ୍ତମ କାର୍ଯ୍ୟପଦ୍ଧତି ଅନୁସରଣ କରି ଶୁଣାଣି ଦିନ ହିଁ ସଂକ୍ଷିପ୍ତ ଆଦେଶନାମା ଜାରି କରିବାର ବ୍ୟବସ୍ଥା ଗ୍ରହଣ କରିଛି। ଏହା ବ୍ୟତୀତ, ଆବେଦନକାରୀଙ୍କ ସୁବିଧା ପାଇଁ ସମସ୍ତ ଶୁଣାଣି ଓଡ଼ିଆ ଭାଷାରେ କରାଯାଉଛି ବୋଲି କମିଶନର ଶ୍ରୀ ପରିଡ଼ା କହିଛନ୍ତି । ରାଜ୍ୟପାଳଙ୍କୁ ମୁଖ୍ୟ ସୂଚନା କମିଶନର ଶ୍ରୀ ପରିଡ଼ା ଜଣାଇଛନ୍ତି ଯେ,ଦୂର-ଦୂରାନ୍ତ ଅଞ୍ଚଳର ଆବେଦନକାରୀମାନଙ୍କୁ ନିଜ ମାମଲାର ବିଚାର ପାଇଁ ଭୁବନେଶ୍ୱର ଆସିବାକୁ ନ ପଡୁ, ସେଥିପାଇଁ ଆୟୋଗ ଭିଡିଓ କନଫରେନ୍ସିଂ ବ୍ୟବସ୍ଥା ଉପଲବ୍ଧ କରାଇଛି। ଏହା ସହିତ ଅନଲାଇନ୍ ମାଧ୍ୟମରେ ଆବେଦନ ଦାଖଲ କରିବା ଏବଂ ଚୂଡ଼ାନ୍ତ ଆଦେଶନାମାଗୁଡ଼ିକୁ ଡିଜିଟାଲ୍ ପଦ୍ଧତିରେ ଅପଲୋଡ୍ କରିବାର ସୁବିଧା ମଧ୍ୟ କରାଯାଇଛି।

### ପ୍ରଧାନମନ୍ତ୍ରୀଙ୍କ ଉପରେ କଂଗ୍ରେସ ଅଧ୍ୟକ୍ଷ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ବିରୋଧ
## ଖଡ୍‌ଗେ, ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କଲା ବିଜେପି

ଭୁବନେଶ୍ୱର,୨୬/୧୦(ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମର୍ଯ୍ୟାଦାର ସୀମା ଉଲ୍ଲଂଘନ କରି କଂଗ୍ରେସ ଅଧ୍ୟକ୍ଷ ଯେଉଁଭଳି ହୀନ ମନ୍ତବ୍ୟ ଦେଇଛନ୍ତି ତାହାକୁ କେବେ ସହ୍ୟ କରାଯିବ ନାହିଁ । ମୋଦିଙ୍କ ବାପାଙ୍କୁ ନେଇ ଅଶାଳୀନ ମନ୍ତବ୍ୟ ଦେଇ ଖଡ୍‌ଗେ ସମସ୍ତ ସୀମା ଉଲ୍ଲଂଘନ କରିଛନ୍ତି । ଏହା ପୂର୍ବରୁ ମଧ୍ୟ ମୋଦି ଏବଂ ତାଙ୍କ ପରିବାରକୁ ନେଇ କଂଗ୍ରେସ ପକ୍ଷରୁ ଅପମାନଜନକ ମନ୍ତବ୍ୟ ଦିଆଯାଇଛି । ରାଜନୀତିରେ ଏଭଳି ମନ୍ତବ୍ୟ ଦେଇ ଖଡ୍‌ଗେ ଭାଷା ଓ ମର୍ଯ୍ୟାଦାର ସମସ୍ତ ସୀମା ଉଲ୍ଲଂଘନ କରିଛନ୍ତି । ଏହା କେବଳ ଖଡ୍‌ଗେଙ୍କ ଭାଷା ନୁହେଁ ବରଂ ରାହୁଲ ଗାନ୍ଧୀ ଏବଂ କଂଗ୍ରେସର ହତାଶା ଭାବକୁ ପ୍ରତିଫଳନ କରୁଛି । ଏଭଳି ଅଶାଳୀନ ମନ୍ତବ୍ୟ ପାଇଁ ସମସ୍ତଙ୍କ ଆଗରେ ଖଡ୍‌ଗେ କ୍ଷମା ମାଗନ୍ତୁ ବୋଲି ରାଜ୍ୟ ବିଜେପି ପକ୍ଷରୁ ଦାବି କରାଯାଇଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରୁ ବିକ୍ଷୋଭ ଶୋଭାଯାତ୍ରା ବାହାରି ମାଷ୍ଟରକ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । “ଅସଫଳତାରୁ ଅସଭ୍ୟତା କଂଗ୍ରେସର କୁତ୍ସିତ ମାନସିକତା”, “ଅସଭ୍ୟ ହତାଶ କଂଗ୍ରେସ” ଆଦି ନାରାବାଜି କରାଯାଇ ଉଭୟଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ଏହି ବିକ୍ଷୋଭରେ ରାଜ୍ୟ ସମ୍ପାଦକ ସରୋଜ କୁମାର କର, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ବରିଷ୍ଠ ନେତା ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ସୁଦିପ୍ତ ରାଏ, ମନୋଜ ମହାପାତ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ରାଜ୍ୟ ପ୍ରବକ୍ତା ଶତରୂପା ମିଶ୍ର ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ ।



## କଂଗ୍ରେସ କ୍ଷମତାରେ ନ ଥିବା ଯୋଗୁଁ ହତାଶ ଓ ନିରାଶ ହୋଇଯାଇଛି: ରାଜ୍ୟ ବିଜେପି ସଭାପତି



ଭୁବନେଶ୍ୱର,୨୬/୧୦(ନିପ୍ର): ରାଜନୀତିରେ ଆଦର୍ଶ, ବିଚାରଧାରା ଓ ମର୍ଯ୍ୟାଦାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ରାଜନୀତି ଆଦର୍ଶବାଦ ତଥା ବିଚାରଧାରା ଉପରେ ପର୍ଯ୍ୟବେଶିତ। ଗଣତନ୍ତ୍ରରେ ମତଭେଦ ରହିବା ସ୍ୱାଭାବିକ, କିନ୍ତୁ ମତଭେଦ ଆଳରେ ନିଜର ମର୍ଯ୍ୟାଦା ଓ ରାଜନୈତିକ ଆଦର୍ଶକୁ ଉଲ୍ଲଂଘନ କରିବା ଉଚିତ ନୁହେଁ। ଅତୀତରେ ବିଜେପି ଦୀର୍ଘ ବର୍ଷ ଧରି ବିରୋଧୀ ଦଳ ଭୂମିକାରେ ଥିବାରୁ ବିରୋଧୀ ଦଳ ଦାୟିତ୍ୱ କ’ଣ ବୁଝିଛି। ବିରୋଧୀ ଦଳ ଭାବେ କଂଗ୍ରେସ ନିଜର ଦାୟିତ୍ୱ ଓ ଭୂମିକାକୁ ବୁଝିବା ଆବଶ୍ୟକ। ଦୀର୍ଘ ବର୍ଷ ଧରି ଦେଶର ଶାସନ କରିଥିବା କଂଗ୍ରେସ କ୍ଷମତାରେ ନଥିବା ଯୋଗୁ ହତାଶ ଓ ନିରାଶ ହୋଇଯାଇଛି, ଯାହାର ପ୍ରଭାବ ରାଜନୈତିକ ବୟାନବାଜିରେ ପ୍ରତିଫଳିତ ହେଉଛି ବୋଲି ରାଜ୍ୟ ସଭାପତି ତଥା ରାଜ୍ୟ ସଭା ସାଂସଦ ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ଆରମ୍ଭ କରି ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ, ଅରୁଣ ଜେଟଲୀ ପ୍ରମୋଦ ମହାଜନ ଓ ସୁଷମା ସ୍ୱରାଜଙ୍କ ଭଳି ବିଜେପି ନେତାମାନଙ୍କ ରାଜନୈତିକ ଯାତ୍ରା ଜନଜୀବନରେ କାର୍ଯ୍ୟରତ ସମସ୍ତ ନେତୃବୃନ୍ଦଙ୍କ ପାଇଁ ଅନୁକରଣୀୟ। ସେମାନେ କେବେ ବି ଭାଷା ଏବଂ ମର୍ଯ୍ୟାଦା ବାହାରକୁ ଯାଇକି ରାଜନୀତି କରିନାହାନ୍ତି। ରାଜନୀତିରେ ନିଜର ମତ ରଖିବା ସମୟରେ ଭାଷା ଓ ମର୍ଯ୍ୟାଦାର ସୀମା ଭିତରେ ରହିବା ଜରୁରୀ। ଜଣେ ଦାୟିତ୍ୱସମ୍ପନ୍ନ ରାଜନୈତିକ ନେତାଙ୍କଠାରୁ ରାଷ୍ଟ୍ରୀୟ ସ୍ୱାଭିମାନ ଓ ଦାୟିତ୍ୱପୂର୍ଣ୍ଣ ବକ୍ତବ୍ୟ ଆଶା କରାଯାଏ। ମର୍ଯ୍ୟାଦାର ସୀମା ଉଲ୍ଲଂଘନ କରି ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ଏଭଳି ବକ୍ତବ୍ୟକୁ ଯେତେ ନିନ୍ଦା କଲେ ତାହା କମ୍ ହେବ। ଜନସାଧାରଣ ହିଁ ଏଭଳି ହୀନ ଓ ସଂସ୍କାରବିହୀନ ରାଜନୈତିକ ଆଚରଣର ଉଚିତ ଜବାବ ଦେବେ ବୋଲି ଶ୍ରୀ ସାମଲ ପ୍ରକାଶ କରିଛନ୍ତି।


**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Superintending Engineer**
**U. K.Head Works Division,Kolabnagar(K).PIN.764011**
**e-Procurement notice-SE-UKHWD- 08/2026-27 Dated.23.10.2026(ONLINE)**

32001/1123/2627

| | | |
|---|---|---|
| 1. | Name of Work | :: Civil Works |
| 2. | No. of Work | :: 04 (Four) Nos. |
| 3. | Approximate Value of Work | :: 18.76 Lakhs to 43.00 Lakhs |
| 4. | Class of Contractor | :: Authorized manufacturer/ Registered &LicensedSupplier/Reputed firms/Dealer |
| 5. | Period of completion | :: 02 (Two) Calendar Months |
| 6. | Date & time of availability of bid documents on line | :: 28.10.2026 at 11.00 Hours to 11.11.2026 upto17.00 Hours |
| 7. | Date & Place of opening of Bid on line | :: 12.11.2026 (10.00 Hours) at office of the Superintending Engineer, UKHWD, Kolab Nagar |
| 8. | Name of the officer inviting Bids. | :: Superintending Engineer, UKHWD, Kolab Nagar |

Further details can be seen from the e-procurement portal http://tendersodisha.gov.in. Addendum/ Corrigendum/ Cancellation, if any, required will be published in Govt. websiteonly.

OIPR-32001/32015/1/26-27/0006

Superintending Engineer
Upper Kolab Head Works Division
Kolabnagar



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SPD-CCTV-KUR-589, ତା.16.10.2026ରିଖ

କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅନ୍ତର୍ଗତ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଓଏଫ୍‌ସି ହଟ୍ (OFC Huts) ଏବଂ ଗୁରୁତ୍ୱପୂର୍ଣ୍ଣ ଟେଲିକମ୍ ଇନଷ୍ଟଲେସନଗୁଡ଼ିକରେ ଅଗ୍ନିଶମ ଓ ସର୍ଜ ସୁରକ୍ଷା ବ୍ୟବସ୍ଥା (Fire And Surge Protection Systems), UTS/PRS ନେଟୱର୍କ ନିମନ୍ତେ ଡାଟାକମ୍ ଉପକରଣଗୁଡ଼ିକୁ ଉନ୍ନତିକରଣ କରିବା ଏବଂ ଭିନ୍ନ ଭିନ୍ନ ଷ୍ଟେସନ/ସ୍ଥାନରେ ସିସିଟିଭି କ୍ୟାମେରା ଲଗାଇବା ।

ଟେଣ୍ଡର ମୂଲ୍ୟ : ₹2,97,65,470.26, EMD : ₹5,95,300/-

ବିଡ୍ ଆରମ୍ଭ ହେବା ତାରିଖ : ତା.26.10.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.09.11.2026ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିଅର / ହାତ୍ ଦ୍ୱାରା ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦିଓ ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ଭାବେ ବାତିଲ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବିଜ ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-510/R/26-27



**ସତର୍କତା ଜାଗରଣ ସପ୍ତାହ**
26 ଅକ୍ଟୋବର ଠାରୁ 1 ନଭେମ୍ବର 2026

**“ସତ୍ୟନିଷ୍ଠା ରୁ ସମୃଦ୍ଧି”**

**➤ ଉପଭୋକ୍ତାମାନଙ୍କୁ ନିବେଦନ ➤**

- ଦୟାକରି ବୈଧ ଶୁଳ୍କଠାରୁ କୌଣସି ଅଧିକ ଶୁଳ୍କ ଦିଅନ୍ତୁ ନାହିଁ।
- ଦୟାକରି ଆପଣମାନଙ୍କ ଦ୍ୱାରା କରାଯାଇଥିବା ଶୁଳ୍କ ପୈଠର ରସିଦ୍/ଟିକେଟ ମାଗି ନିଅନ୍ତୁ।
- ରେଳୱେର କୌଣସି କର୍ମଚାରୀଙ୍କ ଦ୍ୱାରା ଲାଞ୍ଚମାଗିବା କିମ୍ବା ଭ୍ରଷ୍ଟାଚାରରେ ସଂପୃକ୍ତ ହେବା ଜାଣିବା ପରେ ଦୟାକରି ନିଜର ଅଭିଯୋଗ ବରିଷ୍ଠ ଉପ ମହାପ୍ରବନ୍ଧକ (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଦୂରଭାଷ ନଂ.: 0674-2300230, ଫ୍ୟାକ୍ସ ନଂ.: 0674-2301328, ଏବଂ ଇ-ମେଲ୍ ଆଇଡି: sdgm@ecor.railnet.gov.in ଙ୍କ ନିକଟକୁ ପଠାନ୍ତୁ।
- ଦୟାକରି ଅଭିଯୋଗରେ ଦସ୍ତଖତ କରନ୍ତୁ ଏବଂ ସମ୍ପୂର୍ଣ୍ଣ ଠିକଣା ଉଲ୍ଲେଖ କରନ୍ତୁ। ଇ-ମେଲ୍ ଦ୍ୱାରା କରାଯାଇଥିବା ଅଭିଯୋଗରେ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ଗୋଟିଏ ସ୍ୱ-ହସ୍ତାକ୍ଷରିତ ନକଲ ସଂଲଗ୍ନ ହେବା ଅନିବାର୍ଯ୍ୟ ଅଟେ।
- ଯଦି ଆପଣ ନିଜର ନାମ ଗୋପନୀୟ ରଖିବାକୁ ଚାହୁଁଛନ୍ତି, ତେବେ ଦୟାକରି ଅଭିଯୋଗପତ୍ରରେ ଏହା ଉଲ୍ଲେଖ କରନ୍ତୁ ଏବଂ ଗୋଟିଏ ଲାଖମୁଦା/ସୁରକ୍ଷିତ ଲଫାଫାରେ ନିଜର ଅଭିଯୋଗପତ୍ରକୁ ସଚିବ, କେନ୍ଦ୍ରୀୟ ସତର୍କତା ଆୟୋଗ, ସତର୍କତା ଭବନ, ବ୍ଲକ୍-ଏ, ଜିପିଓ କମ୍ପ୍ଲେକ୍ସ, ଆଇଏନ୍ଏ, ନୂଆଦିଲ୍ଲୀ-110023କୁ ସମ୍ବୋଧିତ କରି ପଠାନ୍ତୁ। ଲଫାଫା ଉପରେ “ଜନହିତ ପ୍ରକଟିକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧୀନରେ ଅଭିଯୋଗ” କିମ୍ବା “PIDPI” ସ୍ପଷ୍ଟ ଭାବେ ଲେଖାଯିବା ଆବଶ୍ୟକ।
- ଯଦି ଆପଣଙ୍କ ନିକଟରେ ରେଳୱେରେ ଭ୍ରଷ୍ଟାଚାର ବିଷୟରେ କୌଣସି ଅଭିଯୋଗ ଥାଏ, ତେବେ ଆପଣ ସତର୍କତା ହେଲ୍ପଲାଇନ୍ ନଂ.: 8455885031କୁ ଫୋନ କରି ସୂଚନା ଦେଇପାରିବେ।

ସତର୍କତା ହେଲ୍ପଲାଇନ୍ ନଂ. 8455885031

ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in

PR-508/R/26-27


Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ